JULY 14, 2026
TUESDAY, BHUBANESWAR

ଜୁଲାଇ ୧୪, ୨୦୨୬
ମଙ୍ଗଳବାର, ଭୁବନେଶ୍ୱର

ବିଜ୍ଞାପନ ଓ ପ୍ରସାର ପାଇଁ ଯୋଗାଯୋଗ କରନ୍ତୁ
9937085463
akhyara.advertisement@gmail.com

# ଅକ୍ଷର
AKHYARA ODISHA ଓଡ଼ିଶା

epaper.akhyaraodisha.in
www.akhyaraodisha.in
DIGITAL MEDIA PARTNER
AKHYARA LIVE
akhyaraodisha@gmail.com

VOLUME 1 ● ISSUE- 309 ବର୍ଷ- ୧ ● ସଂଖ୍ୟା- ୩୦୯ RNI REGD NO. ORIORI/25/A2226 ● DAILY EDITION ପୃଷ୍ଠା-୧୨ ● ମୂଲ୍ୟ- ୭/- PAGES - 12 ● PRICE- 7/-

# ଯନ୍ତ୍ରୀଙ୍କ କୁବେର ସମ୍ପତ୍ତି ଦେଖି ଭିଜିଲାନ୍ସ ତାଟକା

## କୋରାପୁଟରୁ ଭୁବନେଶ୍ୱର ସମ୍ପତ୍ତିର ପାହାଡ଼



- ୯୩୦୦ ଟଙ୍କା ଦରମାରୁ ଆରମ୍ଭ
- ୧୫ ବର୍ଷର ଚାକିରି, ୪ ମହଲା ଲଜ୍ ସାଙ୍ଗକୁ ପ୍ରାସାଦୀୟ କୋଠା
- ୨୩ରୁମ୍‌ର ହୋଟେଲ୍, ୮ଟି ଦାମୀ ପ୍ଲଟ୍
- ସବୁଠି ସମ୍ପତ୍ତି ଠୁଳ କଲେ ଯନ୍ତ୍ରୀ ସଞ୍ଜୟ

କୋରାପୁଟ/ଭୁବନେଶ୍ୱର, ୧୩/୦୭ (ସମୀର ପାତ୍ର) : ଆୟବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ଓଡ଼ିଶା ନିର୍ମାଣ ନିଗମ ଲିମିଟେଡର ନିର୍ବାହୀ ଯନ୍ତ୍ରୀ ତଥା କୋରାପୁଟ ଆଇଟିଡିଏର ପୂର୍ବତନ ସହକାରୀ ନିର୍ବାହୀ ଯନ୍ତ୍ରୀ ସଞ୍ଜୟ କିସ୍କଙ୍କ ସଂପତ୍ତି ଦେଖି ଭିଜିଲାନ୍ସ ଟିମ୍ ଆଚମ୍ବିତ। ବୟସ ମାତ୍ର ୩୯ ବର୍ଷ, ଆଉ ଚାକିରି କାଳ ମାତ୍ର ୧୫ ବର୍ଷ, ହେଲେ କୋରାପୁଟରେ ରହିଛି ତାଙ୍କର ୨୩ ରୁମ୍ ବିଶିଷ୍ଟ ୪ ମହଲା ଲଜ୍ (ହୋଟେଲ୍)। ସୋମବାର ସକାଳୁ ଭିଜିଲାନ୍ସର ଏକ ସତନ୍ତ୍ର ଟିମ୍ କୋରାପୁଟ ସହରର ଟିକିରା ସାହି ସ୍ଥିତ ତାଙ୍କ ବାସଭବନରେ ଚଢ଼ାଉ ଆରମ୍ଭ କରିଥିଲା। ଏହାସହ ପରବ ପଡ଼ିଆ ଯିବା ରାସ୍ତାରେ ଥିବା ତାଙ୍କର ଏକ ହୋଟେଲରେ ମଧ ଭିଜିଲାନ୍ସ ଅଧିକାରୀମାନେ ଯାଞ୍ଚ ଚଳାଇଛନ୍ତି। ସଞ୍ଜୟ କୁମାର କିସ୍କା, କାର୍ଯ୍ୟନିର୍ବାହୀ ଇଞ୍ଜିନିୟର, ଓସିସି ଲିମିଟେଡ୍, ଭୁବନେଶ୍ୱର (ବର୍ତ୍ତମାନ ଓସିସିଏଲ୍, ବଲାଙ୍ଗୀରକୁ ଲୋୟର ସୁକତେଲ ପ୍ରକଳ୍ପରେ କାର୍ଯ୍ୟରତ)ଙ୍କ ସହିତ ଜଡ଼ିତ ସମ୍ପତ୍ତି ଉପରେ ସନ୍ଧାନ ସମୟରେ ୨୩ଟି କୋଠରୀ ବିଶିଷ୍ଟ ୪ ମହଲା ଲଜ୍ (ହୋଟେଲ୍), ୮ଟି ଉଚ୍ଚ ମୂଲ୍ୟର ପ୍ଲଟ୍, ୧ଟି ଚାରି ଚକିଆ, ଇତ୍ୟାଦି ସହିତ ୧ଟି ବହୁମହଲା ବିଶିଷ୍ଟ ପ୍ରାସାଦୀୟ ବାଣିଜ୍ୟିକ କୋଠା ଠାବ ହୋଇଛି।ଏପର୍ଯ୍ୟନ୍ତ ଚଢ଼ାଉ ସମୟରେ, ଶ୍ରୀ କିସ୍କା ଏବଂ ତାଙ୍କ ପରିବାର ସଦସ୍ୟଙ୍କ ନାମରେ ନିମ୍ନଲିଖିତ ☞ପୃଷ୍ଠା-୨

## ଏମ୍ଏସ୍‌ସିବି ବିଶ୍ୱବିଦ୍ୟାଳୟର ୨୯ତମ ପ୍ରତିଷ୍ଠା ଦିବସ ପାଳିତ

# ଉଚ୍ଚଶିକ୍ଷାର ଉତ୍କର୍ଷ ପାଇଁ ସରକାର ପ୍ରତିବଦ୍ଧ: ମନ୍ତ୍ରୀ




- ପ୍ରତିଷ୍ଠା ଦିବସରେ ସମ୍ବର୍ଦ୍ଧିତ ହେଲେ 'ଭୂମି ଗୌରବ'
- ଶିକ୍ଷା ଓ ପ୍ରଗତିର ସଂକଳ୍ପ ସହ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା
- କେବଳ ଶିକ୍ଷା ନୁହେଁ, ସାମଗ୍ରିକ ପ୍ରଗତିର ମାଧ୍ୟମ ସାଜିବ ବିଶ୍ୱବିଦ୍ୟାଳୟ

ବାରିପଦା/ଭୁବନେଶ୍ୱର, ୧୩/୦୭ : ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର (ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ) ୨୯ତମ ପ୍ରତିଷ୍ଠା ଦିବସ ବିଶ୍ୱବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଗରିମାମୟ ପରିବେଶରେ ବହୁ ଆଡମ୍ବରରେ ପାଳିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତିଙ୍କ ଅଧକ୍ଷତାରେ ଆୟୋଜିତ ଏହି ସମାରୋହରେ ଗୃହନିର୍ମାଣ ଓ ନଗର ଉନ୍ନୟନ ଏବଂ ସାଧାରଣ ଉଦ୍ୟୋଗ ବିଭାଗର ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉପସ୍ଥିତ ଛାତ୍ରଛାତ୍ରୀ, ଶିକ୍ଷକ, କର୍ମଚାରୀ ଓ ଅତିଥିମାନଙ୍କୁ ସମ୍ବୋଧିତ କରିଥିଲେ । ନିଜ ଅଭିଭାଷଣରେ ଡାକ୍ତର ମହାପାତ୍ର କହିଥିଲେ ଯେ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ କେବଳ ଉଚ୍ଚଶିକ୍ଷା ପ୍ରଦାନରେ ସୀମିତ ନ ରହି ମୟୂରଭଞ୍ଜ ଜିଲ୍ଲାର ସର୍ବାଙ୍ଗୀନ ବିକାଶରେ ଏକ ଅଗ୍ରଣୀ ଅନୁଷ୍ଠାନ ଭାବେ ଭୂମିକା ଗ୍ରହଣ କରିବ। ଆବଶ୍ୟକ । ଶିକ୍ଷା, ଗବେଷଣା, ନବସୃଜନ, ଦକ୍ଷତା ☞ପୃଷ୍ଠା-୨

## ରେଳ ଇତିହାସରେ ନୂଆ ଅଧ୍ୟାୟ

# ୧୭ରେ ଚାଲିବ ଦେଶର ପ୍ରଥମ ହାଇଡ୍ରୋଜେନ୍ ଟ୍ରେନ୍




- ପ୍ରଦୂଷଣ ମୁକ୍ତ ଯାତ୍ରା ପାଇଁ ପ୍ରସ୍ତୁତ ଦେଶ
- ହରିୟାଣାରୁ ଗଡ଼ିବ ପ୍ରଥମ ହାଇଡ୍ରୋଜେନ୍ ଟ୍ରେନ୍

ନୂଆଦିଲ୍ଲୀ, ୧୩/୦୭ : ଭାରତୀୟ ରେଳ ଇତିହାସରେ ଆଉ ଏକ ନୂଆ ଅଧ୍ୟାୟ ଯୋଡ଼ିବାକୁ ଯାଉଛି। ଦେଶର ପ୍ରଥମଥର ହାଇଡ୍ରୋଜେନ୍ ଇନ୍ଧନଚାଳିତ ଟ୍ରେନ୍ ଆସନ୍ତା ଜୁଲାଇ ୧୭ରେ ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଏହି ଟ୍ରେନ୍ ହରିୟାଣାର ଜିନ୍ଦ ଓ ସୋନିପତ ମଧ୍ୟରେ ୮୯ କିଲୋମିଟର ଦୂରତା ପ୍ରାୟ ଦୁଇ ଘଣ୍ଟାରେ ଅତିକ୍ରମ କରିବ। ରେଳ ବୋର୍ଡ ପକ୍ଷରୁ ୮ ଜୁଲାଇରେ ଉତ୍ତର ରେଳବାଇକୁ ଜାରି କରାଯାଇଥିବା ଟ୍ରେନ୍ ନମ୍ବର ୭୪୦୧୦ ସକାଳ ୭ଟା ୪୦ ମିନିଟରେ ଜିନ୍ଦରୁ ଛାଡ଼ି ସକାଳ ୯ଟା ୪୦ ମିନିଟରେ ସୋନିପତରେ ପହଞ୍ଚିବ। ଫେରନ୍ତା ଯାତ୍ରାରେ ଟ୍ରେନ୍ ନମ୍ବର ୭୪୦୦୯ ସକାଳ ୧୦ଟା ୪୦ ମିନିଟରେ ସୋନିପତରୁ ଛାଡ଼ି ଅପରାହ୍ନ ୧ଟାରେ ଜିନ୍ଦରେ ପହଞ୍ଚିବ। ଏହି ଟ୍ରେନ୍ ଜିନ୍ଦ ସିଟି, ପାଣ୍ଡୁ ପିଣ୍ଡାରା, ଲଳିତ ଖେରା, ଭାମ୍ଭେବା, ଇଶାପୁର ଖେରି, ବୁଟାନା, ଖଣ୍ଡରାଇ, ଗୋହାନା, ରାଭରା, ଲାଥ, ମୋହନା ହରିୟାଣା ଓ ବରୱାସନି ସମେତ ମୋଟ ୧୨ଟି ମଧ୍ୟବର୍ତ୍ତୀ ଷ୍ଟେସନରେ ରହଣି କରିବ।

ତେବେ ନିୟମିତ ଯାତ୍ରୀ ସେବା କେବେ ଆରମ୍ଭ ହେବ, ସେନେଇ ଏପର୍ଯ୍ୟନ୍ତ ଚୂଡ଼ାନ୍ତ ନିଷ୍ପତ୍ତି ହୋଇନାହିଁ। ରେଳ ବୋର୍ଡ ଉତ୍ତର ☞ପୃଷ୍ଠା-୨

## ରଥଯାତ୍ରା ପାଇଁ ପୁରୀରେ ସ୍ୱାସ୍ଥ୍ୟ ବିଭାଗର ମେଗା ପ୍ରସ୍ତୁତି

ଭୁବନେଶ୍ୱର, ୧୩/୦୭ : ଚଳିତ ବର୍ଷ ରଥଯାତ୍ରା ନିମନ୍ତେ ଜନସାଧାରଣଙ୍କ ସମାବେଶକୁ ନଜରରେ ରଖି ଆବଶ୍ୟକୀୟ ଜରୁରୀକାଳୀନ ପରିସ୍ଥିତି ପାଇଁ ସ୍ୱାସ୍ଥ୍ୟ ବିଭାଗ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୧୦ ଶଯ୍ୟା ବିଶିଷ୍ଟ ଆଇସିୟୁ, ୧୦ ଶଯ୍ୟା ବିଶିଷ୍ଟ ଟ୍ରମା କେୟାର କେନ୍ଦ୍ର, ୧୦ ଶଯ୍ୟା ବିଶିଷ୍ଟ ବର୍ଣ୍ଣ ୱାର୍ଡ ଏବଂ ଗୋଟିଏ ଅସ୍ତ୍ରୋପୋଚାର କକ୍ଷର ବ୍ୟବସ୍ଥା କରାଯାଇଛି। ସେହିପରି ଜିଲ୍ଲା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନବନିର୍ମିତ କୋଠାରେ ୧୫୦

### ବଡ଼ଦାଣ୍ଡରେ ୨୪ ଘଣ୍ଟା ଖୋଲା ରହିବ ୧୧ଟି ଆଶୁ ଚିକିତ୍ସା କେନ୍ଦ୍ର

ଅତିରିକ୍ତ ଶଯ୍ୟା ବ୍ୟବସ୍ଥା କରାଯିବ । ରଥଯାତ୍ରାରେ ସ୍ୱାସ୍ଥ୍ୟସେବା ଯୋଗାଇବାକୁ ୨୩୦ ଜଣ ଡାକ୍ତର , ୬୬ ଜଣ ବିଶେଷଜ୍ଞ, ୨ ଜଣ ହୃଦରୋଗ ବିଶେଷଜ୍ଞ, ୨ଜଣ ସ୍ନାୟୁ ବିଭାଗ ବିଶେଷଜ୍ଞ, ୨ ଜଣ ପ୍ଲାଷ୍ଟିକ ସର୍ଜନ ସମେତ ୨୦୦ ନର୍ସିଂ ଅଫିସର ଏବଂ ୨୨୯ ପାରାମେଡିକ୍ସ ଷ୍ଟାଫ ରହିବେ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୧୦ ଗୋଟି ଶୀତ ତାପ ଶଯ୍ୟା, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୨ଟି ଏବଂ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଗୋଟିଏ ଶଯ୍ୟା ଅଂଶୁଘାତ ମୁକାବିଲା ନିମନ୍ତେ ଉପଲବ୍ଧ କରାଯିବ । ବଡଦାଣ୍ଡରେ ଏବଂ ପୁରୀ ସହର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ୩୦ଟି ଆଶୁ ଚିକିତ୍ସା କେନ୍ଦ୍ର ଖୋଲାଯିବାର ବ୍ୟବସ୍ଥା କରାଯାଇଛି । ବଡଦାଣ୍ଡରେ ଥିବା ୧୧ଟି ଆଶୁ ଚିକିତ୍ସା କେନ୍ଦ୍ର ଦିବାରାତ୍ର ଖୋଲା ରହିବ । ସେହିପରି ୮ଟି ୧୦ ଶଯ୍ୟା ବିଶିଷ୍ଟ ଅସ୍ଥାୟୀ ଡାକ୍ତରଖାନା ବଡ ଦାଣ୍ଡ ଉଭୟ ପାର୍ଶ୍ୱରେ କାର୍ଯ୍ୟକ୍ଷମ ହେବ ଯାହା ଦ୍ୱାରା ଭିଡ ମଧ୍ୟରେ ☞ପୃଷ୍ଠା-୨

## ପୁଣି ଫେରିଲା କୋଭିଡ୍ ଭୟ

# ଆନ୍ଧ୍ରରେ ୨ ମୃତ୍ୟୁ ପରେ ଓଡ଼ିଶା ସୀମାନ୍ତରେ ହାଇ ଆଲର୍ଟ

- ରଥଯାତ୍ରା ପୂର୍ବରୁ ବଢ଼ିଲା ଚିନ୍ତା
- ସତର୍କ ରହିବାକୁ ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶ
- ଓଡ଼ିଶାରେ ମହଜୁଦ ହେବ ଟେଷ୍ଟିଂ କିଟ୍
- ଭୟ ନକରି ସତର୍କ ରହିବାକୁ ପରାମର୍ଶ
- ନୂଆ ପ୍ରଜାତିର କୋଭିଡ୍ ଝଟ୍‌କା

ଭୁବନେଶ୍ୱର, ୧୩/୦୭ : କିଛି ବର୍ଷର ବ୍ୟବଧାନ ପରେ ପୁଣି ଘାରିଲା କୋଭିଡ୍ ଭୟ। ଆନ୍ଧ୍ରର କଡ଼ପା ଜିଲ୍ଲାରେ କୋଭିଡ୍‌ରେ ୨ଜଣଙ୍କ ମୃତ୍ୟୁ ଓ ୮ଜଣ ଆକ୍ରାନ୍ତ ଚିହ୍ନଟ ହେବା ପରେ ଓଡ଼ିଶାରେ ଚିନ୍ତା ବଢ଼ିଛି। ବିଶେଷକରି ଆନ୍ଧ୍ର ସୀମାନ୍ତ ଜିଲ୍ଲାଗୁଡ଼ିକ ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ହାଇ ଆଲର୍ଟ ଜାରି କରାଯାଇଛି। ସନ୍ଦିଗ୍ଧ କରୋନା ଆକ୍ରାନ୍ତଙ୍କ ପରୀକ୍ଷା ପାଇଁ ଆବଶ୍ୟକ ସଂଖ୍ୟକ କିଟ୍ ମହଜୁଦ ରଖିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ତେବେ ଆଉ ଦୁଇଦିନ ପରେ ଓଡ଼ିଶାରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହେବ। ଏଠାରେ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ହେଉଥିବାରୁ ଓଡ଼ିଶାରେ କୋଭିଡ୍ ସଂକ୍ରମଣ ବଢ଼ିବା ନେଇ ଆଶଙ୍କା ପ୍ରକାଶ ପାଇଛି। ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ରବୀନ୍ଦ୍ରନାଥ ମିଶ୍ର କହିଛନ୍ତି, କୋଭିଡ୍‌କୁ ନେଇ ସର୍ବଦା ସତର୍କତା ଚାଲୁ ରହିଛି। ରାଜ୍ୟରେ ବର୍ତ୍ତମାନ ଯେଉଁ ଲୋକଙ୍କ କୋଭିଡ୍ ଟେଷ୍ଟିଂ ହେଉଛି, କେହି ବି ପଜିଟିଭ୍ ଚିହ୍ନଟ ହୋଇନାହାନ୍ତି। କୋଭିଡ୍ ନିୟମାବଳୀକୁ ପାଳନ କରିବା ଲାଗି ଓଡ଼ିଶାର ସୀମାନ୍ତ ଜିଲ୍ଲା ସହ ଅନ୍ୟ ସିଡିଏମ୍ଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରତ୍ୟେକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କୋଭିଡ୍ ଟେଷ୍ଟ କରାଯାଉଛି। ପଡ଼ୋଶୀ ରାଜ୍ୟଗୁଡ଼ିକରୁ ଲୋକଙ୍କ ଯିବା ଆସିବା ଲାଗି ରହିଛି। ତେବେ ଯେଉଁମାନଙ୍କର କୋଭିଡ୍ ଲକ୍ଷଣ ରହିଛି ସେମାନେ ☞ପୃଷ୍ଠା-୨



## ଭ୍ରୂଣହତ୍ୟା ରୋକିବାକୁ ସ୍ୱାସ୍ଥ୍ୟ ବିଭାଗର କଡ଼ା ଆକ୍ସନ

### ଆଇନ ଉଲ୍ଲଙ୍ଘନ କରି ଚାଲିଥିଲା କ୍ଲିନିକ

# ଅଲ୍ଟ୍ରାସାଉଣ୍ଡ କେନ୍ଦ୍ର ସିଲ୍



ଭୁବନେଶ୍ୱର, ୧୧ ଜୁଲାଇ ୨୦୨୬: ପିସି ପିଏନଡିଟି (PC & PNDT) ଆଇନ ଅଧୀନରେ ରାଜ୍ୟ କର୍ତ୍ତୃପକ୍ଷ ଏବଂ ବାଲେଶ୍ୱର ଜିଲ୍ଲା କର୍ତ୍ତୃପକ୍ଷଙ୍କ ମିଳିତ ଉଦ୍ୟମରେ, ପିସି ପିଏନଡିଟି ଆଇନ ଉଲ୍ଲଙ୍ଘନ ସୂଚନା ଆଧାରରେ ସୋର ସ୍ଥିତ ଏକ ପଞ୍ଜୀକୃତ ଅଲ୍ଟ୍ରାସାଉଣ୍ଡ କେନ୍ଦ୍ରରେ ଆକସ୍ମିକ ଯାଞ୍ଚ କରାଯାଇଥିଲା । ଯାଞ୍ଚରେ ମିଳିଥିବା ପ୍ରାଥମିକ ତଥ୍ୟ ଆଧାରରେ ସମ୍ପୃକ୍ତ ପ୍ରତିଷ୍ଠାନକୁ ସିଲ୍ କରାଯାଇଛି । ଜିଲ୍ଲା ପ୍ରଶାସନ ଓ ରାଜସ୍ୱ ବିଭାଗ ମିଳିତ ଦଳ ଦ୍ୱାରା ☞ପୃଷ୍ଠା-୨

### ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ସ୍ୱାସ୍ଥ୍ୟ ସେବାର ବିକାଶ

# ଉନ୍ନତ ଚିକିତ୍ସା ସହ ଦୂର ହେବ କର୍ମଚାରୀ ଅଭାବ

- ପୂରଣ ହେବ ୧୧୦୮ ଫାର୍ମାସିଷ୍ଟ ଓ ୩୮୦ ଲ୍ୟାବ୍ ଟେକ୍ନିସିଆନ୍ ପଦବୀ
- ସ୍ୱଚ୍ଛତାର ସହ ଆଗାମୀ ଦିନରେ ହେବ ନିୟମିତ ନିଯୁକ୍ତି

ଭୁବନେଶ୍ୱର, ୧୩/୦୭: ରାଜ୍ୟର ସାଧାରଣ ଜନତାଙ୍କୁ ଉନ୍ନତମାନର ଚିକିତ୍ସା ସେବା ଯୋଗାଇଦେବା ପାଇଁ ସ୍ୱାସ୍ଥ୍ୟବିଭାଗ ପଦକ୍ଷେପ ଗ୍ରହଣ କରୁଛନ୍ତି । ଏହି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧୀନରେ ବହୁ ସଂଖ୍ୟାରେ ନୂତନ ବୈଷୟିକ ପଦବୀ ନିଯୁକ୍ତି କରାଯିବ । ଔଷଧ ସେବନ ଓ ବିତରଣ ବ୍ୟବସ୍ଥା ପାଇଁ ନୂତନ ୧୧୦୮ ଫାର୍ମାସିଷ୍ଟ ଅଧିକାରୀ (Pharmacist Officer) ପଦବୀ , ଆଖି ସ୍ୱାସ୍ଥ୍ୟର ଯତ୍ନ ପାଇଁ ୨୩୮ ଅପ୍‌ଥାଲମିକ୍ ଅଫିସର (Ophthalmic Officer) ଏବଂ ରୋଗର ସଠିକ୍ ଚିହ୍ନଟ ଓ ପରୀକ୍ଷଣ ପ୍ରକ୍ରିୟା ନିମନ୍ତେ ୩୮୦ ମେଡିକାଲ ☞ପୃଷ୍ଠା-୨



ଅକ୍ଷର
AKHYARA ODISHA ଓଡ଼ିଶା

## ବ୍ୟଙ୍ଗ ବିଚାର

### ଡ.ଗିରୀଶ ରଂଜନ

ପ୍ରଭାତ ଧରିଲେ ପଦ୍ମଫୁଲ ଦେଖ
ଚାରିଆଡ଼େ ହୋ ହାଲା
ଯୁଆଡ଼େ ବରଷା ସିଆଡ଼ୁକୁ ଛତା
ଲୋକେ ଦେଖୁଛନ୍ତି ପାଲା
ବିଜେପି ପାଟିରେ ତାଲା
ଜନତା ପଚାରେ ଚିଟ୍ ଫଣ୍ଡ ଟଙ୍କା
କୁଆଡ଼ିକି ଭାଇ ଗଲା

# ମହାପ୍ରଭୁଙ୍କ ସମ୍ପତ୍ତି ସୁରକ୍ଷା ଆମ ସାମୂହିକ ଦାୟିତ୍ୱ: ରାଜସ୍ୱ ସଚିବ



- ଶ୍ରୀଜଗନ୍ନାଥଙ୍କ ଜମି ହେବ ସୁରକ୍ଷିତ
- ୧୧ ହଜାରରୁ ଅଧିକ ମାମଲା ଶୀଘ୍ର ଫଇସଲା କରିବାକୁ ଚିଠି
- ଜାଲିଆତି ଓ ବେଆଇନ୍ ଦଖଲ ଉପରେ ରହିବ ନଜର
- ସମସ୍ତ ଜିଲ୍ଲାପାଳଙ୍କୁ ସରକାରଙ୍କ ଆଲର୍ଟ

ଭୁବନେଶ୍ୱର, ୧୩/୦୭ : ଶ୍ରୀଜଗନ୍ନାଥ ମହାପ୍ରଭୁ,ବିଜେ ପୁରୀଙ୍କ ଭୂସମ୍ପତ୍ତିର ସୁରକ୍ଷା, ସଠିକ୍ ରେକର୍ଡ ସଂରକ୍ଷଣ ଓ ସଫଳ ପରିଚାଳନାକୁ ଅଧିକ ସୁଦୃଢ଼ କରିବା ପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ସମସ୍ତ ରାଜସ୍ୱ ଅଧିକାରୀଙ୍କୁ ବିସ୍ତୃତ ନିର୍ଦ୍ଦେଶ ଜାରି କରାଯାଇଛି। ଏ ସଂକ୍ରାନ୍ତରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ରାଜସ୍ୱ ପର୍ଷଦ, ସମସ୍ତ ରାଜସ୍ୱ ଡିଭିଜନାଲ କମିଶନର(ଆରଡିସି), ଜିଲ୍ଲାପାଳ ଓ ଭୂ-ଅଭିଲେଖ ଏବଂ ସର୍ଭେ ନିର୍ଦ୍ଦେଶକ (ଡିଏଲଆରଏସ)ଙ୍କୁ ଏହି ପ୍ରସଙ୍ଗରେ ଚିଠି ଲେଖି ତୁରନ୍ତ ଓ ପ୍ରାଥମିକତା ଭିତ୍ତିରେ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି । ରାଜସ୍ୱ ସଚିବ ଡ. ପାଢ଼ୀ କହିଛନ୍ତି ଯେ, ମହାପ୍ରଭୁଙ୍କ ନାମରେ ହିଁ ଓଡ଼ିଆ ଜାତିର ପରିଚୟ । ତାଙ୍କ ନାମରେ ଥିବା ସମସ୍ତ ସମ୍ପଦର ସୁରକ୍ଷା ଆମର ନୈତିକ ଦାୟିତ୍ୱ। ସୁତରାଂ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଜମିଜମାର ରେକର୍ଡ୍, ସୁରକ୍ଷା ଓ ପରିଚାଳନା ସମ୍ବନ୍ଧୀୟ ବିଭିନ୍ନ ବିଷୟ ତୁରନ୍ତ ଧ୍ୟାନ ଓ ହସ୍ତକ୍ଷେପ ଆବଶ୍ୟକ କରୁଛି। ଏହି ପରିପ୍ରେକ୍ଷୀରେ ଆଇନ୍ ଓ ସରକାରଙ୍କ ନିର୍ଦ୍ଦେଶାବଳୀ ସହିତ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ(ଏସ୍‌ଜେଟିଏ) ଦ୍ୱାରା ବିଭିନ୍ନ ସମୟରେ ପ୍ରେରିତ ନ୍ୟାୟାଳୟଙ୍କ ଆଦେଶକୁ ଅନୁସରଣ କରି ଅଧିକାରୀଙ୍କୁ ସମସ୍ତ ପଦକ୍ଷେପ ଗ୍ରହଣ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ପଷ୍ଟ ନିର୍ଦ୍ଦେଶ ଜାରି କରାଯାଇଛି । ଏହି ନିର୍ଦ୍ଦେଶାବଳୀ ଅନୁଯାୟୀ ଖୋର୍ଦ୍ଧା, ପୁରୀ, ଜଗତସିଂହପୁର, ବାଲେଶ୍ୱର, ଭଦ୍ରକ, ଯାଜପୁର, ଗଞ୍ଜାମ, କଟକ ଓ କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ତହସିଲରେ ଏସ୍‌ଜେଟିଏ ପକ୍ଷରୁ ଦାଖଲ ହୋଇଥିବା ୧୧,୬୭୫ଟି ବିବିଧ ରାଜସ୍ୱ ମାମଲାର ଶୀଘ୍ର ଫଇସଲା ସୁନିଶ୍ଚିତ କରିବା ସହିତ, ଓଡ଼ିଶା ଇଷ୍ଟେଟ୍‌ସ୍ ଆବୋଲିସନ୍ ଆଇନର ଧାରା ୭(ଏ) ଅନୁଯାୟୀ ଏସ୍‌ଜେଟିଏ ଦ୍ୱାରା ଦାଖଲ ୨୫୭ଟି ମାମଲାରେ ବୋର୍ଡ ଅଫ୍ ରେଭେନ୍ୟୁ ସଦସ୍ୟଙ୍କ ଆଦେଶର କାର୍ଯ୍ୟକାରିତା ତୁରନ୍ତ ସୁନିଶ୍ଚିତ କରିବାକୁ କୁହାଯାଇଛି। ଆବଶ୍ୟକସ୍ଥଳେ ୧୯୨୭୨୮ ମସିହାର ରେକର୍ଡ ଅଫ୍ ରାଇଟ୍‌ସ (ଆର୍‌ଓଆର୍) ଯାଞ୍ଚ କରି ଖେୱଟ୍ ସଂଶୋଧନ ପାଇଁ ଆବଶ୍ୟକ ପଦକ୍ଷେପ ନେବା ସହିତ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସମ୍ପତ୍ତି ସମ୍ବନ୍ଧୀୟ ମାମଲାର ବିଚାର ସମୟରେ ୧୮୮୮୯, ୧୯୨୫୨୬, ୧୯୨୭୨୮, ୧୯୨୯୩୦ ଏବଂ ୧୯୭୭୭୮ ମସିହାର ପୂର୍ବ ସାବିକ ରେକର୍ଡ ସହ ଅନ୍ୟାନ୍ୟ ପୁରୁଣା ରାଜସ୍ୱ ଅଭିଲେଖ ଯାଞ୍ଚ କରି ଆଇନ ଅନୁଯାୟୀ ସଠିକ୍ ଭାବେ ମହାପ୍ରଭୁଙ୍କ ସମ୍ପତ୍ତିର ରେକର୍ଡ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।ଏହାବ୍ୟତୀତ ପୂର୍ବ ସାବିକ ଓ ସାବିକ ☞ପୃଷ୍ଠା-୨



# ଅଲ୍ ଓଡ଼ିଶା କମ୍ପ୍ୟୁଟର ଟ୍ରେନିଂ ସେଣ୍ଟର ଆସୋସିଏସନ୍‌ର ସାଧାରଣ ପରିଷଦ ବୈଠକ

ଢେଙ୍କାନାଳ ୧୩/୭: (ବିଜ୍ଞାନ ମହାନ୍ତି)ସ୍ଥାନୀୟ ରେଡ଼କ୍ରସ ଭବନ ଠାରେ ଅଲ୍ ଓଡ଼ିଶା କମ୍ପ୍ୟୁଟର ଟ୍ରେନିଂ ସେଣ୍ଟର ଆସୋସିଏସନ୍‌ର ଏକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସମାଜସେବୀ ତଥା ଶିକ୍ଷାବିତ୍ ଡଃ ତାରା ପ୍ରସନ୍ନ ଶତପଥି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଆସୋସିଏସନ୍‌ର ଏକ ୱେବସାଇଟ୍ ଉଦ୍‌ଘାଟନ କରିଥିଲେ । ଏହି ପୋର୍ଟାଲ ମାଧ୍ୟମରେ ସାରା ଓଡ଼ିଶାର କମ୍ପ୍ୟୁଟର ପ୍ରଶିକ୍ଷଣ ଆଶାୟୀ ଯୁବକ ଯୁବତୀମାନେ ରାଜ୍ୟରେ ଥିବା କମ୍ପ୍ୟୁଟର ପ୍ରଶିକ୍ଷଣ କେନ୍ଦ୍ରଗୁଡ଼ିକ ବିଷୟରେ ସୂଚନା ପାଇପାରିବେ ଏବଂ ପ୍ରଶିକ୍ଷଣ କେନ୍ଦ୍ରଗୁଡ଼ିକର ପାଠ୍ୟକ୍ରମ, ପାଠ୍ୟକ୍ରମର ଅବଧି ତଥା ଦେୟ ବିଷୟରେ ଅବଗତ ହୋଇପାରିବେ ବୋଲି ମୁଖ୍ୟ ଅତିଥି ପ୍ରକାଶ କରିଥିଲେ । ଉକ୍ତ ବୈଠକରେ ଆସୋସିଏସନ୍‌ର



ଅନୁଗୁଳ ଜିଲ୍ଲା ସଭାପତି କାଳନ୍ଦି ବେହେରା ସ୍ୱାଗତ ଭାଷଣ ଦେଇଥିଲେ । ଏହି ଅବସରରେ ନୂତନ କରି ପଞ୍ଜିକୃତ ସଭ୍ୟମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା । ବୈଠକରେ ଉପଦେଷ୍ଟା ଜ୍ଞାନରଞ୍ଜନ ଦାସ, ରାଜ୍ୟ ସମ୍ପାଦକ ତାପସ ପତି ଏବଂ ଅନ୍ୟତମ ଉପଦେଷ୍ଟା ଅରୁଣ ଜେନା ପ୍ରମୁଖ ମଞ୍ଚାସୀନ ଥିଲେ । ଆସୋସିଏସନ୍‌ର ରାଜ୍ୟ ସଭାପତି ସୟଦ ସର୍ଫିର ଅଲିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଶତାଧିକ ପ୍ରତିନିଧି ଯୋଗ ଦେଇଥିଲେ । ଏଥିରେ ସମସ୍ତ ଜିଲ୍ଲାର ସଂଯୋଜକମାନେ ମଧ୍ୟ ଯୋଗ ଦେଇଥିଲେ । ଏହି ପରିପ୍ରେକ୍ଷୀରେ ଆୟୋଜିତ ଆଲୋଚନାରେ ଖୋର୍ଦ୍ଧା ଜିଲ୍ଲା ସଭାପତି ମନୋରଞ୍ଜନ କର, ସତ୍ୟବ୍ରତ ସାହୁ, ସନ୍ତୋଷ ଡାକୁଆ, ପ୍ରଭାତ ଦେହୁରୀ, ବୁବୁନ ପ୍ରଧାନ, ରମଣ କୁମାର ପ୍ରଧାନ, ସନ୍ତୋଷ ଡାକୁଆ, ସୁବ୍ରତ କୁମାର ରଥ, ରାଜେନ୍ଦ୍ର ପ୍ରସାଦ ନାୟକ, ସର୍ବେଶ୍ୱର ମହାରଣା, ବୁବୁନ ପ୍ରଧାନ, କାଳନ୍ଦୀ ବେହେରା, ପ୍ରଭାତ ଦେହୁରୀ, ସୁକାନ୍ତ କୁମାର ମହାରଣା ଓ ବିଭାସ ରଞ୍ଜନ ପଟ୍ଟନାୟକ ପ୍ରମୁଖ ସଭ୍ୟବୃନ୍ଦ ଭାଗ ନେଇଥିଲେ । ଶେଷରେ ରାଜ୍ୟ ସଂଯୋଜକ ତଥା ଉପସଭାପତି ଇଞ୍ଜିନିୟର ଅବିନାଶ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# କେନାଲରେ ବୁଡ଼ି ବୃଦ୍ଧ ମହିଳାଙ୍କ ମୃତ ଦେହ ଉଦ୍ଧାର

ପରଜଙ୍ଗ,୧୩/୦୭(ଅକ୍ଷର ଓଡ଼ିଶା): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ମାଣକିମରା ପଞ୍ଚାୟତ ସରକିଶୋର ଗ୍ରାମର ଜଣେ ବୃଦ୍ଧ ମହିଳା କେନାଲ ରେ ଭାସିଯାଇ ମୃତ୍ୟୁବରଣ କରିଛନ୍ତି। ମୃତକଙ୍କ ଜଣକ ଉକ୍ତ ଗ୍ରାମର ଅଖରୁ ସାହୁ (୮୦) ବୋଲି ଜଣାପଡିଛି। ଉକ୍ତ ଗ୍ରାମ ଦେଇ ଯାଇଥିବା ରେଙ୍ଗାଲି ବାମ ପାର୍ଶ୍ୱ କେନାଲକୁ ଅଖରୀ ରବିବାର ସକାଳୁ ଶୌଚ ହେବାକୁ ଯାଇଥିବା ବେଳେ ବିଳମ୍ବିତ ସମୟ ପର୍ଯ୍ୟନ୍ତ ଘରକୁ ଫେରି ନଥିଲେ। ପରିବାର ଲୋକେ ଖୋଜାଖୋଜି କରିବା ପରେ କେନିଲ ହୁଡା ପାହାଚରେ ଚପଲ ଓ ବାଡି ଥିବା ଦେଖିବାକୁ ପାଇଥିଲେ। କେନାଲର ପ୍ରଖର ସ୍ରୋତରେ ଭାସି ଯାଇଥିବା ଅନୁମାନ କରିଥିବା ବେଳେ ଦଦରାଘାଟି ଫାଣ୍ଡି ଓ ପରଜଙ୍ଗ ଅଗ୍ନିଶମ



କର୍ମଚାରୀଙ୍କୁ ସୂଚନା ଦେଇଥିଲେ। ଅଗ୍ନିଶମ କର୍ମଚାରୀ ମାନେ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି ଆରମ୍ଭ ପରେ କାଦପଡା ନିକଟସ୍ଥ କେନାଲ ଚେକ୍ ଗେଟ୍ ଠାରେ ଅଖରୀଙ୍କ ମୃତ ଦେହକୁ ଉଦ୍ଧାର କରିଥିଲେ। ମୃତ ଶବକୁ ଦଦରାଘାଟି ଫାଣ୍ଡି ଅଧିକାରୀ ଅଜୟ କୁମାର ସାମଲ ଜବତ କରି ଅପମୃତ୍ୟୁ ମାମଲା ରୁଜୁ କରିବା ସହିତ ବ୍ୟବଚ୍ଛେଦ ପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଉର୍ଦ୍ଧି କରିଥିଲେ।

## ଢେଙ୍କାନାଳରେ ଗୋପବନ୍ଧୁ ସ୍ମାରକ ଚିତ୍ରାଙ୍କନ ଓ କୁଇଜ୍ ପ୍ରତିଯୋଗିତା

# ଇନ୍ଦ୍ରଭାନୁ ଓ ଅନିକେତ ପ୍ରଥମ

ଢେଙ୍କାନାଳ,୧୩/୭(ସୁଶାନ୍ତ କୁମାର ପାଣୀ): ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୮ତମ ପୁଣ୍ୟତିଥି ଉପଲକ୍ଷେ 'ସମାଜ' ପକ୍ଷରୁ ଜିଲ୍ଲା ସ୍ତରୀୟ ଗୋପବନ୍ଧୁ ସ୍ମାରକ ଚିତ୍ରାଙ୍କନ ଓ କୁଇଜ୍ ପ୍ରତିଯୋଗିତା ସେଣ୍ଟ ଜାଭିୟର୍ସ ହାଇସ୍କୁଲ, ଜବାହରଚୌକ ଠାରେ ଅନୁଷ୍ଠିତ ହୋଇଯାଇଛି ।ଚିତ୍ରାଙ୍କନରେ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ଷଷ୍ଠ ଶ୍ରେଣୀ ଛାତ୍ର ଇନ୍ଦ୍ରଭାନୁ ତ୍ରିପାଠୀ ପ୍ରଥମ, ଓଡାପଡାର ରୁଦ୍ର ମାଧବ ପୃଷ୍ଟି ଦ୍ୱିତୀୟ ଓ କାମାକ୍ଷାନଗରର କ୍ଷୀରାବ୍ଧୀ ତନୟା ପରିଡା ତୃତୀୟ ସ୍ଥାନ ଅଧିକାର କରିଛନ୍ତି। କୁଇଜ୍‌ରେ କାନପୁରା ପଞ୍ଚାୟତରାଜ ଉଚ୍ଚ ବିଦ୍ୟାଳୟର ଅନିକେତ ନାୟକ ପ୍ରଥମ, ଦିଲ୍ଲୀ ପବ୍ଲିକ ସ୍କୁଲର ସ୍ମରଣିକା ରାଉତ ଦ୍ୱିତୀୟ ଓ ଚାଇଁପୁର ମଣିଦେବୀ



ଉଚ୍ଚବିଦ୍ୟାଳୟର ଶ୍ରେୟାସ ସିଂ ତୃତୀୟ ହୋଇଛନ୍ତି। ପ୍ରଥମ ସ୍ଥାନ ଅଧିକାରୀ ଇନ୍ଦ୍ରଭାନୁ ଓ ଅନିକେତ ରାଜ୍ୟ ସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି ।ଚିତ୍ରାଙ୍କନରେ ସୌରଭ ରାୟ, ସନ୍ଦୀପନ ଷଡ଼ଙ୍ଗୀ ଓ ଗଦାଧର ହାତୀ ଏବଂ କୁଇଜ୍‌ରେ ଦେବୀ ପ୍ରସାଦ ମିଶ୍ର, ସୁରେଶ ପ୍ରସାଦ ମିଶ୍ର ଓ ମନୋହର ଶତପଥୀ ବିଚାରକ ଥିଲେ। ମୁଖ୍ୟ ଅତିଥି ଶାନ୍ତିଭୂଷଣ ପଣ୍ଡା ଯୋଗଦେଇ ଗୋପବନ୍ଧୁଙ୍କ ଆଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। ସୁରେଶ ପ୍ରସାଦ ମିଶ୍ର ଓ ଦେବୀ ପ୍ରସାଦ ମିଶ୍ର ମଧ୍ୟ ବକ୍ତବ୍ୟ ରଖିଥିଲେ।କାର୍ଯ୍ୟକ୍ରମରେ ରାଧାନାଥ ରଥ, ବାଦଲ ମହାନ୍ତି, ସୁଶିଲ କୁମାର ସାହୁ, ଦୀପକ ରଂଜନ ମିଶ୍ର, ଜ୍ଞାନରଞ୍ଜନ ଶତପଥୀ, ଗିରିଶ ମହାଳିକ, ନର୍ମଦା ମହାପାତ୍ର, ବାସନ୍ତୀ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ। ସଂଯୋଜନା ସମାଜ ଓଡାପଡା ପ୍ରତିନିଧି ଓ ପରିଚାଳନା ଶିଶିର କୁମାର ଶତପଥୀ ଏବଂ ପ୍ରଶାନ୍ତ କୁମାର ତ୍ରିପାଠୀ କରିଥିଲେ।

## ଅନୁଗୁଳ-ସୁକିନ୍ଦା ରେଳପଥରେ

# ଯାତ୍ରୀବାହୀ ଟ୍ରେନ୍ ଚଳାଚଳ ପାଇଁ ପ୍ରକ୍ରିୟା ଜାରି

କାମାକ୍ଷାନଗର:୧୩/୭ (ସୁମନ୍ତ ଜେନା) ଅନୁଗୁଳ-ସୁକିନ୍ଦା ରେଳପଥରେ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ ଆରମ୍ଭ କରିବା ପ୍ରସଙ୍ଗରେ କେନ୍ଦ୍ର ରେଳ ରାଜ୍ୟମନ୍ତ୍ରୀ ରବନୀତ ସିଂହ ଢେଙ୍କାନାଳ ଲୋକସଭା ସାଂସଦ ରୁଦ୍ର ନାରାୟଣ ପାଣିଙ୍କୁ ପତ୍ର ଲେଖି ସୂଚନା ଦେଇଛନ୍ତି ।ପତ୍ରରେ ଉଲ୍ଲେଖ ରହିଛି ଯେ, ସାଂସଦ ଶ୍ରୀ ପାଣି ୧୦ ଡିସେମ୍ବର ୨୦୨୫ ରେ ଲୋକସଭାର ନିୟମ ୩୭୭ ଅଧୀନରେ ଅନୁଗୁଳ-ସୁକିନ୍ଦା ରେଳପଥ ମାଧ୍ୟମରେ ହାୱଡା-ସମ୍ବଲପୁର ମଧ୍ୟରେ ଯାତ୍ରୀବାହୀ ଟ୍ରେନ୍ ସେବା ଆରମ୍ଭ କରିବା ଦାବି ଉଠାଇଥିଲେ। ଏହି ପ୍ରସଙ୍ଗରେ ରେଳ ମନ୍ତ୍ରଣାଳୟ ପକ୍ଷରୁ ଯାଞ୍ଚ କରାଯାଇଛି ।ରେଳ ରାଜ୍ୟମନ୍ତ୍ରୀ କହିଛନ୍ତି ଯେ, ବର୍ତ୍ତମାନ ଅନୁଗୁଳ-ସୁକିନ୍ଦା ରେଳପଥରେ ପ୍ରଧାନତଃ ମାଲବାହୀ ଟ୍ରେନ୍ ଚଳାଚଳ କରୁଛି। ଯାତ୍ରୀବାହୀ ଟ୍ରେନ୍ ସେବା ଆରମ୍ଭ କରିବା ସମ୍ପର୍କରେ ଯାତାୟାତର ଚାହିଦା, ରେଳ ରେକ୍‌ର ଉପଲବ୍ଧତା, ରେଳ ସୁରକ୍ଷା (ସଫେଟି କମିଶନର )ଆୟୁକ୍ତଙ୍କ ଅନୁମୋଦନ ସହ ସମସ୍ତ



ଆବଶ୍ୟକ ସୁରକ୍ଷା ଓ ବୈଧାନିକ ପ୍ରକ୍ରିୟା ପୂରଣ ହେବା ପରେ ନିଷ୍ପତ୍ତି ନିଆଯିବ ।ଏହି ପତ୍ର ପରେ ଅନୁଗୁଳ-ସୁକିନ୍ଦା ରେଳପଥରେ ଭବିଷ୍ୟତରେ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ ଆରମ୍ଭ ହେବା ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଆଶା ସଞ୍ଚାର ହୋଇଛି। ବାଜିରାଉତ ଙ୍କ ଜନ୍ମ ସତବର୍ଷିକ ଅବଧି ମଧ୍ୟରେ ଏହି ରେଳ ଚଳାଚଳ ର ବ୍ୟବସ୍ଥା କରାଯାଉଛି ବୋଲି ସାଂସଦ ଶ୍ରୀଯୁକ୍ତ ପାଣି କହିଛନ୍ତି।

## ମୃତ ଛାତ୍ର ବିଷ୍ଣୁଙ୍କ ପରିବାରକୁ ଭେଟିଲେ ବିଜେଡ଼ି ଦଳ

କାମାକ୍ଷାନଗର:୧୩/୭ (ସୁମନ୍ତ ଜେନା) କାମାକ୍ଷାନଗର ସହର ସ୍ଥିତ କାମାକ୍ଷାନଗର ମହାବିଦ୍ୟାଳୟ ସାମ୍ନା ରେ ଥିବା କଲୋନୀ ରୁ ଗତ ୧୦ ତାରିଖ ଦିନ ଛାତ୍ର ନିଖୋଜ ହେବା ର ଗୋଟେ ଦିନ ପରେ ଅର୍ଥାତ୍ ଗତ ୧୧ ତାରିଖ ଦିନ ଜିରିଡାମାଳି ସ୍ଥିତ ରେଙ୍ଗାଳି କେନାଲ ରେ ୮ମ ଶ୍ରେଣୀ ଛାତ୍ର ବିଷ୍ଣୁ ପ୍ରସାଦ ବରାଳ ଙ୍କ ମୃତ ଦେହ ଭାସୁଥିବା ଅବସ୍ଥାରେ ମିଳିଥିଲା ।ଯାହାକି ସମଗ୍ର କାମାକ୍ଷାନଗର ରେ ଦୁଃଖର ଛାୟା ଖେଳିଯାଇଥିଲା। ଆଜି ସକାଳ ୧୦ ଘଟିକା ସମୟ ରେ କାମାକ୍ଷାନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ର ନଗରପାଳ ତଥା ଢେଙ୍କାନାଳ ଜିଲ୍ଲା ବିଜୁ ଯୁବ ଜନତା ଦଳର ସଭାପତି ଧର୍ମାନନ୍ଦ ପରିଡ଼ା ଙ୍କ ନେତୃତ୍ୱ ରେ ଉପନଗରପାଳ ଶକୁନ୍ତଳା ସେଠୀ, ବିଜେଡ଼ି ଜିଲ୍ଲା ଉପସଭାପତି ହିମାଂଶୁ ଶେଖର ମହାପାତ୍ର, ନଗରସଭାପତି ଆଦିତ୍ୟ ପ୍ରସାଦ ଆଚାର୍ଯ୍ୟ, କାଉନସିଲର ଶୁକଦେବ ସାହୁ, ସଞ୍ଜୟ କୁମାର ପରିଡ଼ା, ପ୍ରମୋଦ କୁମାର ଷେଣ୍ଡ, ଅଭିମନ୍ୟୁ ପରିଡ଼ା, ବନମାଳୀ ରାଉଳ, ଖୁଲଣା ବେହେରା, ରିତା ନାଏକ, ରିଙ୍କି ବେହେରା ଓ ବିଜେଡ଼ି କର୍ମୀ ପ୍ରକାଶ କୁମାର ପଣ୍ଡା, ରବି ବେହେରା ଆଦି ବିଷ୍ଣୁ ଙ୍କ ବାସଭବନ ରେ ପହଁଞ୍ଚି ତାଙ୍କ ବାପା ଓ ମାଆ ଙ୍କ ଠାରୁ ସମସ୍ତ ଘଟଣା ଶୁଣିବା ସହ ସାନ୍ତ୍ୱନା ଦେଇଥିଲେ।

## ଆଇଜିଆଇଟି ସରାଙ୍ଗରେ ଏନ୍‌ସିସି ସ୍ଥଳ ସୈନିକ କ୍ୟାମ୍ପ ଓ ବାର୍ଷିକ ପ୍ରଶିକ୍ଷଣ ଶିବିର ସଫଳତାର ସହ ସମାପ୍ତ

ପରଜଙ୍ଗ ,୧୩/୭ (ଅକ୍ଷର ଓଡ଼ିଶା) :ବାଟାଲିୟନ୍ ଏନ୍‌ସିସି ପକ୍ଷରୁ ଆଇଜିଆଇଟି, ସାରାଙ୍ଗଠାରେ ଜୁଲାଇ ୨ରୁ ୧୧ ପର୍ଯ୍ୟନ୍ତ ଏନ୍‌ସିସି ଥଳ ସୈନିକ କ୍ୟାମ୍ପ (ଇଣ୍ଟର ୟୁନିଟ୍ ପ୍ରତିଯୋଗିତା–ପର୍ଯ୍ୟାୟ–୧) ଏବଂ କମ୍ବାଇନ୍ଡ ଆନୁଆଲ୍ ଟ୍ରେନିଂ କ୍ୟାମ୍ପ–୨୦୨୬ ସଫଳତାର ସହ ଆୟୋଜିତ ହୋଇଛି। ଏହି ଶିବିରରେ ବିଭିନ୍ନ ଏନ୍‌ସିସି ୟୁନିଟ୍‌ରୁ ମୋଟ ୫୬୨ ଜଣ କ୍ୟାଡେଟ୍ ଅଂଶଗ୍ରହଣ କରିଥିଲେ ।ଉଦ୍ଘାଟନୀ ସମାରୋହରେ କର୍ଣ୍ଣେଲ ସି. ସି. ନାଗ, କମାଣ୍ଡିଂ ଅଫିସର, କ୍ୟାଡେଟ୍‌ମାନଙ୍କୁ ଶୃଙ୍ଖଳା, ନେତୃତ୍ୱ, ଦେଶପ୍ରେମ ଓ ସେବାଭାବ ଉପରେ ପ୍ରେରଣାଦାୟକ ବାର୍ତ୍ତା ପ୍ରଦାନ କରିଥିଲେ। ଶିବିର ପରିଚାଳନାରେ କର୍ଣ୍ଣେଲ ରାଜୀବ କୁମାର ବାଲା, ପ୍ରଶାସନିକ ଅଧିକାରୀଙ୍କ ସହ ଆସୋସିଏଟ୍ ଏନ୍‌ସିସି ଅଫିସର ଓ ପର୍ମାନେଣ୍ଟ ଇନ୍‌ଷ୍ଟ୍ରକ୍ଟରମାନଙ୍କର ଉଲ୍ଲେଖନୀୟ ଭୂମିକା ରହିଥିଲା ।ଶିବିରରେ ଅବଷ୍ଟାକଲ୍ ଟ୍ରେନିଂ, ମ୍ୟାପ୍ ରିଡିଂ, ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା, ଦୂରତା ନିର୍ଣ୍ଣୟ, ଫିଲ୍ଡ ସିଗ୍ନାଲ୍, ଫାୟାରିଂ ଓ ସର୍ଭିସ୍ ଶୁଟିଂ ଆଦି ବିଭିନ୍ନ ପ୍ରତିଯୋଗିତା ଓ ଚୟନ ପରୀକ୍ଷା ଆୟୋଜିତ ହୋଇଥିଲା। ଏହି ପ୍ରତିଯୋଗିତା ମାଧ୍ୟମରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ଅଖିଳ ଭାରତୀୟ ଥଳ ସୈନିକ କ୍ୟାମ୍ପ ପାଇଁ ଯୋଗ୍ୟ



କ୍ୟାଡେଟ୍‌ମାନଙ୍କୁ ଚୟନ କରାଯାଇଥିଲା ।କ୍ୟାଡେଟ୍‌ମାନଙ୍କ ସର୍ବାଙ୍ଗୀଣ ବିକାଶ ପାଇଁ ସଙ୍ଗୀତ, ନୃତ୍ୟ ଓ ଅନ୍ୟାନ୍ୟ ସାଂସ୍କୃତିକ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ସମାପନୀ ଉତ୍ସବରେ ବିଜୟୀ କ୍ୟାଡେଟ୍‌ମାନଙ୍କୁ ପୁରସ୍କୃତ କରାଯାଇଥିଲା ।ସମାପନୀ ସମାରୋହରେ କର୍ଣ୍ଣେଲ ଏସ୍.ଜି.ଏସ୍. ଶେଖର, ଗ୍ରୁପ୍ କମାଣ୍ଡର, କଟକ ଗ୍ରୁପ୍, ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ୟାଡେଟ୍‌ମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଏନ୍‌ସିସିର ମୂଳମନ୍ତ୍ର 'ଏକତା ଓ ଶୃଙ୍ଖଳା'କୁ ଜୀବନରେ ପାଳନ କରି ଦେଶର ଆଦର୍ଶ ଓ ଦାୟିତ୍ୱବାନ ନାଗରିକ ହେବାକୁ ଆହ୍ୱାନ ଜଣାଇଥିଲେ। ଶିବିରର ସଫଳ ଆୟୋଜନରେ ସମସ୍ତ ଅଧିକାରୀ, ପ୍ରଶିକ୍ଷକ ଓ କ୍ୟାଡେଟ୍‌ମାନଙ୍କର ସମନ୍ୱିତ ସହଯୋଗ ଉଲ୍ଲେଖନୀୟ ଥିଲା।

## ଚନ୍ଦନ ପେଡା କୁଟୀର ଶିଳ୍ପୀଙ୍କୁ ସରକାର ଭରଷା

# ଉଜୁଡିବାକୁ ବସିଲାଣି କୂଳ ବେଉସା

ପରଜଙ୍ଗ,୧୩।୦୭(ଅକ୍ଷର ଓଡ଼ିଶା): ସରକାରଙ୍କ ପ୍ରୋତ୍ସାହନ ଅଭାବରୁ ଧିରେ ଧିରେ ବୁଡ଼ିବାକୁ ବସିଲାଣି ପଥର ଖୋଦିତ ସାମଗ୍ରୀ। ଚାରି ପାଞ୍ଚ ପିଢ଼ି ରୁ ଆରମ୍ଭ ହୋଇଥିବା ଏହି ପଥର ଶିଳ୍ପୀ କାରିଗର ମାନଙ୍କର କୂଳ ବେଉସା ରୂପେ ପରିବାର ପ୍ରତି ପୋଷଣ କରୁଥିବା ବେଳେ ସରକାରୀ ପ୍ରୋତ୍ସାହନ ଅଭାବରୁ ଧିରେ ଧିରେ ଲୋପ ପାଇବାକୁ ବସିଲାଣି । କୁଟୀର ଶିଳ୍ପୀ ମାନଙ୍କୁ ସରକାର ବିଭିନ୍ନ ପ୍ରୋତ୍ସାହନ ସହାୟତା ଆର୍ଥିକ ଅନୁଦାନ, ସମେତ ତାଲିମ ର ଅନୁମୋଦିତ କରିଥିବା ବେଳେ ଚନ୍ଦନ ପେଡ଼ା ଶିଳ୍ପୀ ମାନଙ୍କ ପାଇଁ ସରକାରୀ ସୁବିଧା ଅଜି ପର୍ଯ୍ୟନ୍ତ ହୋଇପାରିନାହିଁ । ପରଜଙ୍ଗ ବ୍ଲକ କଲଦା ପଞ୍ଚାୟତ ଅନ୍ତର୍ଗତ ସିଂହଡ଼ା ଗ୍ରାମର ଦଳିତ ସାହିରେ ବସବାସ କରୁଥିବା ଷାଠିଏ ପରିବାର ଏହି ଚନ୍ଦନ ପେଡ଼ା କାର୍ଯ୍ୟ କରି ପରିବାର ଗୁଜାରଣ ମେଣ୍ଟାଇ ଆସୁଛନ୍ତି। ଏହି ଠାରୁ ଚନ୍ଦନ ପେଡା ଶ୍ରୀକ୍ଷେତ୍ରକୁ ଯାଇ ବେଶ ସୁନାମ ମଧ୍ୟ ରହିଛି ।ଦୀର୍ଘ ଶହେ ବର୍ଷ ରୁ ଉର୍ଦ୍ଧ ହେବ ନିଜର କୂଳ ବେଉସା ଭାବେ କାର୍ଯ୍ୟ କରୁଛନ୍ତି । ବିଭିନ୍ନ ଦେବା ଦେବୀ ମାନଙ୍କୁ ଯେଉଁ ଚନ୍ଦନ ତିଳକ ଲାଗି ହୋଇଥାଏ ସେଥିରେ ବ୍ୟବହାର ହେଉଥିବା ପଥରର ପେଡ଼ା କୁ ଚନ୍ଦନ ପେଡ଼ା କୁହାଯାଇଥାଏ । ନିର୍ଦ୍ଧିଷ୍ଟ ମାଟି ଗର୍ବରୁ କଞ୍ଚା ପଥରକୁ ଆଣି ଛଣି ହାତୁଡ଼ି ସାହାଯ୍ୟରେ ସୁନ୍ଦର ଭାବେ ଚନ୍ଦନ ପେଡ଼ାକୁ



କାରୀଗର ରୂପ ଦେଇଥାଏ । ଓଡ଼ିଶାର ପ୍ରାୟ ଜିଲ୍ଲାର ଘରେ ଘରେ ପରିଚିତ ହୋଇଛି ଏହି ଚନ୍ଦନ ପେଡ଼ା । ପେଡ଼ା ସହିତ ପଥରର ବିରି ଚୁରା ଚାକି, ଦୀପ, ଶୁଭ ପଥିରି ଆଦି ଶିଳ୍ପୀ କରନ୍ତି । ପୂଜା ପାର୍ବଣ ରଥ ଯାତ୍ରା, ଲକ୍ଷ୍ମୀ ପୂଜା, ଗଣେଷ ପୂଜା, ଦଶହରା , ବାଲି ଯାତ୍ରା ସମୟରେ ମେଳାରେ କାରିଗର ମାନେ ଏହାକୁ ବିକ୍ରୀ କରି ପେଟ ପୋଷି ଆସୁଛନ୍ତି । ନିର୍ଦ୍ଦିଷ୍ଟ ଉପକରଣ ନମିଳିବାରୁ ଧିରେ ଧିରେ କୂଳ ବେଉସା ବୁଡ଼ିବକୁ ବସିଲାଣି। ଆଧୁନିକ ଯୁଗର ମଣିଷ ପୂର୍ବକାଳର ମାଟି,ପଥର ଖଦିତ ସାମଗ୍ରୀ ର ବର୍ତ୍ତମାନ ଚାହିଦା ବଢିବାରେ ଲାଗିଛି। ସରକାରଙ୍କ ପକ୍ଷରୁ ବିଭିନ୍ନ କଳା କାରୁକାର୍ଯ୍ୟ ପ୍ରତି ଅର୍ଥ ଅନୁଦାନ ପ୍ରଦାନ କରିଥିବା ବେଳେ ସିଂହଡା ଗ୍ରାମର ଦଳିତ ସାହିରେ ଦୀର୍ଘ ବର୍ଷ ହେବ ପଥର ଖଦିତ ସାମଗ୍ରୀ କୁ ପ୍ରଶାସନ ତରଫରୁ ସାହାଯ୍ୟ ସହଯୋଗ ହାତ ବଢାଇଲେ ଆଗାମୀ ପିଢ଼ି ଏହି ପ୍ରଚୀନ କାଳର ପଥର ଖଦିତ ସାମଗ୍ରୀ କୁ ବଞ୍ଚାଇ ରଖି ପାରନ୍ତେ ।ଯଦି ସରକାର ଏ ଦିଗରେ ନଜର ଦେଇ କାରିଗର ଶିଳ୍ପୀ ମାନଙ୍କୁ ଆର୍ଥିକ ଅନୁଦାନ ଓ ପୋତ୍ସାହନ ଯୋଗାଇ ଦେବାକୁ କାରିଗର ମାନେ ନିବେଦନ କରିଛନ୍ତି। ସରକାର କୁଟୀର ଶିଳ୍ପ ଗୃହ ଓ ଆବଶ୍ୟକୀୟ ଉପକରଣ ସହାୟତା ଯୋଗାଇଲେ କାରିଗରୀ ଶିଳ୍ପୀ ଆଗକୁ ବଢ଼ି ପାରିବେ।

# ୧୦ମ ଜିଲ୍ଲା ସ୍ତରୀୟ ବ୍ୟାଡ୍‌ମିଂଟନ ଟୁର୍ନାମେଣ୍ଟ ଉଦ୍‌ଯାପିତ




ଢେଙ୍କାନାଳ,୧୩/୭ (ବିଜ୍ଞାନ ମହାନ୍ତି )ସ୍ଥାନୀୟ ବିଜୁ ପଟ୍ଟନାୟକ ଇଣ୍ଡୋର ହଲ ଠାରେ ଜିଲ୍ଲା ବ୍ୟାଡମିଂଟନ ସଂଘ, ଢେଙ୍କାନାଳ ଦ୍ୱାରା ଆୟୋଜିତ ୧୦ମ ବ୍ୟାଡମିଂଟନ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଏହି ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ଓଡିଶାର ପ୍ରଥମ ପର୍ବତାରୋହି ଗଣେଶ ଚନ୍ଦ୍ର ଜେନା ଏବଂ ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ଅନୁଗୁଳ ଡେଭେଲପମେଟ୍ ଅନ୍ଥରିଟି ସଭାପତି କ୍ରୀଷ୍ଣ ଆଇଚ୍, ତାଳଚେର ଉପଜିଲ୍ଲାପାଳ ଆଶିଷ ରଞ୍ଜନ ସାହୁ, ନୋଭାର ଉପସଭାପତି ବିଜୟ କୁମାର ସାହୁ ପ୍ରମୁଖ ଯୋଗଦେଇ କୃତୀ ଖେଳାଳୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଜିଲ୍ଲା ବ୍ୟାଡ୍‌ମିଂଟନ ସଂଘ, ଢେଙ୍କାନାଳର ସଭାପତି ଦୀପକ କୁମାର ଦଳେଇ, ସଂପାଦକ ଟଙ୍କଧର ବେହେରା ଏବଂ କାର୍ଯ୍ୟକାରୀ ସଭାପତି ଅମିତ୍ ଶତପଥୀ ପ୍ରମୁଖ ସଭାର ପରିଚାଳନା ଦାୟିତ୍ୱ ତୁଲାଇଥିଲେ । ସଦସ୍ୟ ରଶ୍ମିପ୍ରକାଶ ପଟ୍ଟନାୟକ, ସୁଶାନ୍ତ କୁମାର ସାହୁ, ସୁଭ୍ରାଂଶୁ ଦଳେଇ, ଜ୍ଞାନେନ୍ଦ୍ର ସାହୁ, କୃପାସିନ୍ଧ ସାହୁ, ବ୍ରିଜେଶ ମିଶ୍ର ଆଦି ସଭାର ପରିଚାଳନାରେ ସହଯୋଗ କରିଥିଲେ । ଏହି ପ୍ରତିଯୋଗିତାର ବାଳିକା ବିଭାଗ ପକ୍ଷରୁ ୧୫ବର୍ଷ କମ୍ ସିଙ୍ଗିଲ୍‌ସ୍‌ରେ ସ୍ମୃତି ସରୂପା ଦାସ, ୧୫ବର୍ଷରୁ ଅଧିକ ସିଙ୍ଗିଲ୍‌ସ୍‌ରେ ସିଦ୍ଧିଶ୍ରୀୟା ସାମଲ ଓ ବରିଷ୍ଠ ବିଭାଗ ଡବଲ୍ସରେ ଆୟେଶା ସିଂ ଓ ସିଦ୍ଧିଶ୍ରୀୟା ସାମଲ ବିଜେତା ହୋଇଥିଲେ । ବାଳକ ବିଭାଗ ପକ୍ଷରୁ ୯ବର୍ଷ ରୁ କମ୍ ସିଙ୍ଗିଲ୍ସରେ ରାହତ ବୁଲ୍ଲା ଖାନ୍, ୧୧ବର୍ଷ ରୁ କମ୍ ସିଙ୍ଗିଲ୍ସରେ ଆର୍ଯଭ୍ ସାହୁ, ୧୩ବର୍ଷ କମ୍ ସିଙ୍ଗିଲ୍ସରେ ରୁଦ୍ର ପ୍ରତାପ ମିଶ୍ର ଓ ଡବଲ୍ସରେ ରୁଭ୍ରାଂଶ ଧଳ ଓ ଭୌମିକ୍ ସାଇଦତ ଭି., ୧୫ବର୍ଷରୁ କମ୍ ସିଙ୍ଗିଲ୍ସ ରେ ପିୟୁଷ ରଞ୍ଜନ ବେହେରା ଓ ଡବଲ୍ସରେ ପିୟୁଷ ରଞ୍ଜନ ବେହେରା ଓ ଓମ୍ ପ୍ରକାଶ ସାହୁ, ୧୭ବର୍ଷ କମ୍ ସିଙ୍ଗଲ୍ସି ରେ ଆୟୁଷ ରଞ୍ଜନ ବେହେରା ଓ ଡବଲ୍ସରେ କୁମାର ଆଦିତ୍ୟ ଓ ଆୟୁଷ ଦାଶ, ୧୯ ବର୍ଷରୁ କମ୍ ସିଙ୍ଗିଲ୍ସରେ ସୋହେଲ୍ ଖାନ୍ ଓ ଡବଲ୍ସରେ କୁମାର ଆଦିତ୍ୟ ଓ ସୋହେଲ୍ ଖାନ୍ ବିଜେତା ହୋଇଥିଲେ । ବରିଷ୍ଠ ବିଭାଗ ସିଙ୍ଗିଲ୍ସରେ ସୋହେଲ୍ ଖାନ୍ ଓ ଡବଲ୍ସରେ କୁମାର ଆଦିତ୍ୟ ଓ ଅମିତ୍ ଛୋଟରାୟ, ଭେଟେରାନ୍ ଡବଲ୍ସରେ ଦେବାଶିଷ ସାହୁ ଓ ସମୀର ସାମଲ ଏବଂ ମିକ୍ସ ଡବଲ୍ସରେ ସତ୍ୟ ରଞ୍ଜନ ପାଲ୍ ଓ ଆୟେଶା ସିଂ ବିଜେତା ହୋଇଥିଲା ।

## ପାନୀୟଜଳ ସମସ୍ୟାକୁ ନେଇ ହାଣ୍ଡିଫୁଟା ଗ୍ରାମବାସୀଙ୍କ ରାସ୍ତାରୋକ ଆନ୍ଦୋଳନ

ଖଜୁରିଆ କଟା ୧୩/୭(ନୀଳକଣ୍ଠ ଦାସ) ଓଡ଼ାପଡ଼ା ବ୍ଲକ ବଦାଲୁ ପଞ୍ଚାୟତ ଅଧୀନ ହାଣ୍ଡିଫୁଟା ଗ୍ରାମର ଲୋକମାନେ ପାନୀୟଜଳ ଯୋଗାଇ ଦେବାକୁ ଦାବି କରି ଆଜି ହିନ୍ଦୋଳ ଗୁଡିଆକାଟେଣି ରାସ୍ତା କୁ ଅବରୋଧ କରିଥିବା ଜଣାପଡିଛି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକ ମାନଙ୍କୁ ବୁଝାସୁଝା କରିବା ପରେ ଲୋକମାନେ ଆନ୍ଦୋଳନ ରୁ ଓହରି ଯାଇଥିଲେ ।ବଦାଲୁ ପଞ୍ଚାୟତ ଅଧୀନ ରେ ଅନେକ ଖଣି ଖାଦାନ ଓ କ୍ରସର ୟୁନିଟ୍ ରହିଛି। ଯାହା ଫଳରେ ପରିବେଶ ଦୂଷିତ ହୋଇ ଜନ ସାଧାରଣ ନାନାଦି ରୋଗ ରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିଲେ ମଧ୍ୟ ପ୍ରଶାସନ ନିରବ ରହିବା ଜନସାଧାରଣ ଙ୍କ ସମସ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବା ଜଣାପଡିଛି। ଏହି ପଞ୍ଚାୟତ ବିଭିନ୍ନ ଗ୍ରାମରେ ଏକାଧିକ ପାନୀୟଜଳ ପ୍ରକଳ୍ପ ନିର୍ମାଣ କରାଯାଉଛି। କିନ୍ତୁ ଲୋକ ମାନେ ପାନୀୟଜଳ ପାଇବା ପାଇଁ ଅନେକ ଥର ଆନ୍ଦୋଳନ କୁ ଓହ୍ଲାଉଥିବା ଦେଖିବାକୁ ମିଳିଥାଏ। କିନ୍ତୁ ସେମାନଙ୍କ ଆନ୍ଦୋଳନ ର କିଛି ଲାଭ ପାଆନ୍ତି ନାହିଁ ।ହାଣ୍ଡିଫୁଟା ଅଞ୍ଚଳ ର ଗଭିର ମାଟି ତଳେ କଳା ମୁଗୁନି ପଥର ରହିଥିବାରୁ ନଳକୂପ ସଫଳ ହେଉ ନଥିବା ଜଣାପଡ଼ିଛି। ଏଥିପାଇଁ ପାନୀୟଜଳ ବିଭାଗ ପକ୍ଷରୁ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଉଛି। କିନ୍ତୁ ତାହା ଲୋକ ମାନଙ୍କର ଆବଶ୍ୟକତାକୁ ପୂରଣ କରିପାରୁନାହିଁ ।ଯାହା ଫଳରେ ଜନସାଧାରଣ ବାରମ୍ବାର ଆନ୍ଦୋଳନ କୁ ଓହ୍ଲାଉଥିବା ଦେଖିବାକୁ ମିଳେ। ଏହାର ସ୍ଥାୟୀ ସମାଧାନ କରିବା ପାଇଁ କୌଣସି ପଦକ୍ଷେପ ନିଆଯାଉ ନଥିବାରୁ ଜନ ଅସନ୍ତୋଷ ଦେଖାଦେଇଛି।

# ମୁଖ୍ୟମନ୍ତ୍ରୀ ବସସେବାରେ ବ୍ୟତିକ୍ରମ

## ଜିଲ୍ଲାପାଳଙ୍କୁ ଅଭିଯୋଗ ଜଣାଇଲେ ଘରୋଇ ବସମାଲିକ ସଙ୍ଘ

କାମାକ୍ଷାନଗର:୧୩/୭(ସୁମନ୍ତ ଜେନା)ମୁଖ୍ୟମନ୍ତ୍ରୀ ବସସେବା ଯୋଜନାରେ ସରକାରୀ ବସ ଚଳାଚଳ ରେ ବ୍ୟତିକ୍ରମ । ସରକାରୀ ବସ କର୍ମଚାରୀ ଙ୍କ ସରକାରୀ ବସ ଗୁଡିକ ନିକଟରେ ଥିବା ଭୁବନ ବ୍ଲକ ର ମଠକରଗୋଳା ଓ ଜିରାଳ ଅଞ୍ଚଳ କୁ ଚଳାଚଳ କରୁଛନ୍ତି । ଯାହା ଫଳରେ ସେହି



ମନମାନି ଯୋଗୁ ସରକାରୀ ନିୟମ ର ଉଡୁଛି ଧଜିଆ । ଯାହାକୁ ନେଇ ଜିଲ୍ଲାପାଳ ଙ୍କୁ ଭେଟି ଅଭିଯୋଗ ଜଣାଇଛନ୍ତି ଘରୋଇ ବସ ମାଲିକ ସଙ୍ଘ । ସୂଚନା ଅନୁସାରେ ମୁଖ୍ୟମନ୍ତ୍ରୀ ବସସେବା ଯୋଜନାରେ କାମାକ୍ଷାନଗର ବ୍ଲକ ରେ ସରକାରୀ ବସ ଚଳାଚଳ କରୁଛି । ସରକାରୀ ନିୟମ ଅନୁସାରେ ବସ ଗୁଡିକ ବ୍ଲକ ଅନ୍ତର୍ଗତ ଥିବା ପଞ୍ଚାୟତ ରୁ ବ୍ଲକ ସଦରମହକୁମା କୁ ଚଳାଚଳ କରିବାପାଇଁ ବ୍ୟବସ୍ଥା ରହିଛି । ମାତ୍ର କାମାକ୍ଷାନଗର ବ୍ଲକ ରେ ଏହାର ବ୍ୟତିକ୍ରମ ହୋଇଥିବା ଅଭିଯୋଗ କରିଛି କାମାକ୍ଷାନଗର ଘରୋଇ ବସ ମାଲିକ ସଙ୍ଘ । ମାଲିକ ସଙ୍ଘ ର ଅଭିଯୋଗ ଅନୁସାରେ ମୁଖ୍ୟମନ୍ତ୍ରୀ ବସସେବା ଯୋଜନାରେ କାମାକ୍ଷାନଗର ବ୍ଲକ ରେ ଚଳାଚଳ କରୁଥିବା ରୁଟ ରେ ଚଳାଚଳ କରୁଥିବା ଘରୋଇ ବସ ଗୁଡିକ ଅସୁବିଧା ର ସମ୍ମୁଖୀନ ହେଉଛନ୍ତି । ବ୍ଲକ ଭିତରେ ରହିଥିବା ପଞ୍ଚାୟତ ମଧ୍ୟରେ ମୁଖ୍ୟମନ୍ତ୍ରୀ ବସସେବା ଚଳାଚଳ ପାଇଁ ନିୟମ ରହିଥିବା ବେଳେ କାମାକ୍ଷାନଗର ରେ ସରକାରୀ ବସ କର୍ମଚାରୀ ମାନେ ଏହାକୁ ମାନୁ ନାହାନ୍ତି । ତେଣୁ ଜିଲ୍ଲାପାଳ ଏହାପ୍ରତି ଦୃଷ୍ଟି ଦେବା ସହ ମୁଖ୍ୟମନ୍ତ୍ରୀ ବସସେବା ଯୋଜନାରେ ଚାଲୁଥିବା ବସ ଗୁଡିକ ବ୍ଲକ ମଧ୍ୟରେ ଚଳାଇବାପାଇଁ ଜିଲ୍ଲାପାଳ ପଦକ୍ଷେପ ଗ୍ରହଣ କରିବାପାଇଁ ଦାବି କରିଛନ୍ତି । ତେବେ ଏନେଇ ଢେଙ୍କାନାଳ ଜିଲ୍ଲାପାଳ ଆଶିଷଈଶ୍ୱର ପାଟିଲ କାମାକ୍ଷାନଗର ବିଡ଼ିଓ ପ୍ରଭୁକଲ୍ୟାଣ ଦାସ ଙ୍କୁ ଏ ବିଷୟରେ ବୁଝିବାପାଇଁ ଦାୟିତ୍ୱ ଦେଇଛନ୍ତି ।

## ପୁରୀକୁ ଯାତ୍ରାବାହି ରେଳ ଚଳାଚଳ ନିମନ୍ତେ ପତ୍ର ଲେଖିଲେ ବିଧାୟକ

ପରଜଙ୍ଗ,୧୩/୦୭(ଅକ୍ଷର ଓଡ଼ିଶା): ଚଳିତ ଘୋଷ ଯାତ୍ରାକୁ ପରଜଙ୍ଗ ଅଞ୍ଚଳ ବାସୀ ପୁରୀକୁ ଯିବାଆସିବା ନିମନ୍ତେ ଜନସ୍ୱାର୍ଥ ଦୃଷ୍ଟିରୁ କେନ୍ଦ୍ର ରେଳମନ୍ତ୍ରୀଙ୍କୁ ପତ୍ର ଲେଖିଲେ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ। ଅନୁଗୋଳ -ସୁକିନ୍ଦା ରେଳପଥ ନିର୍ମାଣ କାର୍ଯ୍ୟ ଶେଷ ହେବା ପରେ ପରୀକ୍ଷା ମୂଳକ ଭାବେ ମାଲବାହୀ ରେଳ ଚଳାଚଳ ଦୀର୍ଘ ଦୁଇ ବର୍ଷ ହେବ ଆରମ୍ଭ ହୋଇଯାଇଛି। ଚଳିତ ରଥଯାତ୍ରା ଉପଲକ୍ଷେ ପରଜଙ୍ଗରୁ ପୁରୀ ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ରେଳ ବ୍ୟବସ୍ଥା କରିବାକୁ ବିଧାୟକ ଅନୁରୋଧ କରିଛନ୍ତି। ଆଜି ପର୍ଯ୍ୟନ୍ତ ଏହି ରେଳପଥ ରେ କୌଣସି ଯାତ୍ରୀବାହୀ ରେଳ ସେବା ଚାଲୁ ନାହିଁ, ଯାହା ଫଳରେ ପରଜଙ୍ଗ ଏବଂ ଆଖପାଖ ଅଞ୍ଚଳର ଲୋକଙ୍କୁ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ରଥଯାତ୍ରା ସମୟରେ ଅନେକ ଭକ୍ତ ପୁରୀ ଦର୍ଶନ କରିବାକୁ ଇଚ୍ଛା କରନ୍ତି। ଏହି ପବିତ୍ର ଅବସର ପାଇଁ ଏକ ସ୍ୱତନ୍ତ୍ର ରେଳ ସେବା ଆରମ୍ଭ କରି ସୁରକ୍ଷିତ ଏବଂ ସୁବିଧାଜନକ ଯାତ୍ରା ସୁବିଧା ଯୋଗାଇଦେବାକୁ ବିଧାୟକ ଶ୍ରୀ ପ୍ରଧାନ ସୋମବାର କେନ୍ଦ୍ର ରେଳମନ୍ତ୍ରୀ ଙ୍କୁ ପତ୍ର ଲେଖିଛନ୍ତି। ଯାହାକୁ ନେଇ ପୂର୍ବତନ ରାଜ୍ୟ ବିଜେପି ଯୁବମୋର୍ଚ୍ଚା ସମ୍ପାଦକ ଦୀପକ କୁମାର ଗୋଛାୟତ ଙ୍କ ସମେତ ଅଞ୍ଚଳବାସୀ ଖୁସି ବ୍ୟକ୍ତ କରିଛନ୍ତି।

''ଗୌରବଂ ପ୍ରାପ୍ୟତେ ଦାନାନ୍ନତୁ ବିତ୍ତସ୍ୟ ସଂଚାୟାତ୍।
ସ୍ଥିତିରୁଚ୍ଚୈଃ ପ୍ରୟୋଦାନାଂ ପ୍ରୟୋଧୀନାମଧଃ ସ୍ଥିତିଃ।

ଭାବାର୍ଥ | ଧନ ସଞ୍ଚିଲେ ନ ବଢ଼େ ସମ୍ମାନ ବଢ଼େ ଗଉରବ କରିଲେ ଦାନ।
ଜଳ ଦାନ ଦ୍ୱାରା ମେଘ ଉଚ୍ଚରେ ସଞ୍ଚୟ ହେତୁ ସାଗର ନୀଚରେ।



ଅକ୍ଷର
AKHYARA ODISHA ଓଡ଼ିଶା



**ଚୌଧୁରୀ ରମାକାନ୍ତ ଦାସ**
ମୁଖ୍ୟ ସମ୍ପାଦକ, ଅକ୍ଷର ଓଡ଼ିଶା
ଅବସରପ୍ରାପ୍ତ ଯୁଗ୍ମ ସଚିବ
ରାଜ୍ୟସଭା, ସଂସଦ ଭବନ
ନୂଆଦିଲ୍ଲୀ - ୧୧୦୦୦୧

## ମୁଖ୍ୟ ସମ୍ପାଦକଙ୍କ କଲମରୁ

# ଜାତୀୟ ସଙ୍ଗୀତ ଓ ଆମର କର୍ତ୍ତବ୍ୟ

ଭାରତୀୟ ସଂସ୍କୃତି ଏବଂ ପରମ୍ପରାରେ ଜାତୀୟ ସଙ୍ଗୀତ 'ବନ୍ଦେ ମାତରମ୍' ଏବଂ ଜାତୀୟ ଗାନ 'ଜନ ଗଣ ମନ' ର ସ୍ଥାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ପବିତ୍ର ଅଟେ। ଯାହାକି ପ୍ରତ୍ୟେକ ଭାରତୀୟଙ୍କ ମନରେ ଦେଶପ୍ରେମର ଜ୍ୱଳନ୍ତ ଭାବନା ଜାଗ୍ରତ କରିଥାଏ। ତେବେ ଏହି ମହାନ ପ୍ରତୀକଗୁଡିକର ସମ୍ମାନ ଏବଂ ମର୍ଯ୍ୟାଦା ରକ୍ଷା କରିବା ପାଇଁ ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟର ସମୟ ସମୟରେ ବିଭିନ୍ନ ମାର୍ଗଦର୍ଶିକା ଜାରି କରିଆସିଛି। ଯାହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସାର୍ବଜନୀନ କାର୍ଯ୍ୟକ୍ରମରେ ଏହି ସଙ୍ଗୀତଗୁଡିକର ଗାନ ଏବଂ ପ୍ରଦର୍ଶନରେ ଏକ ସମାନତା ଏବଂ ଶୃଙ୍ଖଳା ବଜାୟ ରଖିବା। ଏହି ପରିପ୍ରେକ୍ଷୀରେ ଗୃହ ମନ୍ତ୍ରଣାଳୟ ଦ୍ୱାରା ନିକଟରେ ପ୍ରକାଶିତ ନୂତନ ମାର୍ଗଦର୍ଶିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ ଯେଉଥିରେ ସ୍ପଷ୍ଟ ଭାବରେ ନିର୍ଦ୍ଦେଶ ଦିଆଯାଇଛି ଯେ ଯଦି କୌଣସି ସର୍ବସାଧାରଣ କାର୍ଯ୍ୟକ୍ରମରେ ବନ୍ଦେ ମାତରମ୍ ଏବଂ ଜନ ଗଣ ମନ ଉଭୟକୁ ଗାନ କରାଯିବାର ଆବଶ୍ୟକତା ପଡେ, ତେବେ ପ୍ରଥମେ ବନ୍ଦ ମାତରମ୍ ଏବଂ ତା'ପରେ ଜନ ଗଣ ମନ ଗାନ କରାଯିବା ଉଚିତ। ଏହି ନିୟମଟି କେବଳ ଏକ ଆନୁଷ୍ଠାନିକ ନିର୍ଦ୍ଦେଶ ନୁହେଁ ବରଂ ଏହା ଆମର ଐତିହାସିକ ସଂଗ୍ରାମ ଏବଂ ଜାତୀୟ ଅସ୍ମିତାର ପ୍ରତିଫଳନ ମଧ୍ୟ ଅଟେ। ବନ୍ଦେ ମାତରମ୍ ଯାହା ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଦ୍ୱାରା ରଚିତ ଏବଂ ସ୍ୱାଧୀନତା ସଂଗ୍ରାମ ସମୟରେ କୋଟି କୋଟି ଭାରତୀୟଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇଥିଲା, ତାହା ମାତୃଭୂମି ପ୍ରତି ଆମର ଗଭୀର ଶ୍ରଦ୍ଧାଞ୍ଜଳିକୁ ପ୍ରକାଶ କରେ, ଅନ୍ୟପକ୍ଷରେ ରବୀନ୍ଦ୍ରନାଥ ଠାକୁରଙ୍କ ଦ୍ୱାରା ରଚିତ ଜନ ଗଣ ମନ ଆମ ଦେଶର ସାର୍ବଭୌମତ୍ୱ ଏବଂ ଏକତାର ପ୍ରତୀକ ଭାବେ ସମ୍ବିଧାନ ଦ୍ୱାରା ସ୍ୱୀକୃତି ପ୍ରାପ୍ତ ହୋଇଛି। ଏହି କ୍ରମିକତାକୁ ଅନୁସରଣ କରିବା ଦ୍ୱାରା ଆମେ ଜାତୀୟ ସଙ୍ଗୀତକୁ ସର୍ବୋଚ୍ଚ ସମ୍ମାନ ପ୍ରଦାନ କରିଥାଉ ଏବଂ ଏଥିସହ ସଂଘର୍ଷମୟ ଅତୀତକୁ ମଧ୍ୟ ସ୍ମରଣ କରିଥାଉ। ଦେଶର ବିଭିନ୍ନ ସ୍ଥାନରେ ଆୟୋଜିତ ହେଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍କୁଲ ଏବଂ କଲେଜର ସମାରୋହ ତଥା ସରକାରୀ ଉତ୍ସବରେ ଏହି ନିୟମକୁ କଡାକଡି ଭାବେ ପାଳନ କରିବା ସମସ୍ତ ନାଗରିକଙ୍କର ପବିତ୍ର ଦାୟିତ୍ୱ, କାରଣ ଏହି ସଙ୍ଗୀତଗୁଡିକ କେବଳ କିଛି ଧାଡିର କବିତା ନୁହେଁ, ଏହା ହେଉଛି ଭାରତୀୟତାର ସାରତତ୍ୱ ଯାହା ଆମକୁ ଭେଦଭାବ ଭୁଲି ଗୋଟିଏ ସୂତ୍ରରେ ବାନ୍ଧି ରଖିଥାଏ, ମାର୍ଗଦର୍ଶିକାରେ ଏହା ମଧ୍ୟ ସୂଚିତ କରାଯାଇଛି ଯେ ପ୍ରଦର୍ଶନ ସମୟରେ ଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରିବା ଏବଂ କୌଣସି ପ୍ରକାର ଅପମାନଜନକ କାର୍ଯ୍ୟ ନକରିବା ପ୍ରତ୍ୟେକ ବ୍ୟକ୍ତିଙ୍କର କର୍ତ୍ତବ୍ୟ, ଯଦି  କୌଣସି ସ୍ଥାନରେ ଏହି କ୍ରମକୁ ପାଳନ କରାଯିବାରେ ଅସୁବିଧା ହୁଏ, ତେବେ ଉପଯୁକ୍ତ ସମ୍ମାନର ସହ ଏହାର ପରିଚାଳନା କରିବାକୁ ହେବ, ସରକାର ଏହି ନିର୍ଦ୍ଦେଶାବଳୀ ମାଧ୍ୟମରେ ଦେଶବାସୀଙ୍କୁ ଏକତ୍ରିତ କରିବା ଏବଂ ଜାତୀୟ ପ୍ରତୀକ ପ୍ରତି ସମ୍ମାନ ବୃଦ୍ଧି କରିବାକୁ ଚାହାଁନ୍ତି, ସ୍ୱାଧୀନତା ଦିବସ ହେଉ କିମ୍ବା ଗଣତନ୍ତ୍ର ଦିବସ, ଏହି ଦିନଗୁଡିକରେ ବନ୍ଦେ ମାତରମ୍ ଗାନ ଏକ ନୂତନ ଚେତନା ସୃଷ୍ଟି କରେ ଯାହା ଆମର ସଂସ୍କୃତି ଏବଂ ମୂଲ୍ୟବୋଧକୁ ସୁଦୃଢ଼ କରେ, ସମସ୍ତ ଶିକ୍ଷାନୁଷ୍ଠାନ ଏବଂ ସାମାଜିକ ସଂଗଠନଗୁଡିକୁ ଏହି ମାର୍ଗଦର୍ଶିକାକୁ ବ୍ୟାପକ ଭାବେ ପ୍ରଚାର କରିବାକୁ ଅନୁରୋଧ କରାଯାଇଛି ଯାହାଫଳରେ ନୂତନ ପିଢି ନିଜର ଦେଶାତ୍ମକବୋଧ ସଙ୍ଗୀତଗୁଡିକର ମହତ୍ୱ ଏବଂ ସେଗୁଡିକର ଗାନ ପଦ୍ଧତି ବିଷୟରେ ଅବଗତ ହୋଇପାରିବେ, ଭାରତ ମହାନ ଏବଂ ଏହାର ଗୌରବଗାଥାକୁ ଗାନ କରିବା ସମୟରେ ଆମର ହୃଦୟରେ ସେହି ପବିତ୍ରତା ରହିବା ଉଚିତ ଯାହା ଆମ ପୂର୍ବପୁରୁଷମାନଙ୍କର ଥିଲା। ଏହି ମାର୍ଗଦର୍ଶିକାର ଗୁରୁତ୍ୱ ଏଥିପାଇଁ ମଧ୍ୟ ଅଧିକ ଯେ ବର୍ତ୍ତମାନର ବଦଳୁଥିବା ସମୟରେ ଆମେ ପ୍ରାୟତଃ ନିଜଲ ମୂଳ ସଂସ୍କୃତିକୁ ଭୁଲିଯାଉଛୁ।  ତେଣୁ ସରକାରଙ୍କ ଏହି ପଦକ୍ଷେପ ଆମକୁ ନିଜର ମୂଳ ସହ ସଂଯୁକ୍ତ ରଖିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା, ସମସ୍ତ ନାଗରିକଙ୍କ ସହଯୋଗ ଏବଂ ସଚେତନତା ହିଁ ଏହି ନିୟମକୁ ସଫଳ କରିବାର ପ୍ରକୃତ ଚାବିକାଠି। କୌଣସି ଜାତୀୟ କାର୍ଯ୍ୟକମରେ ଯେତବଳେ ବନ୍ଦେ ମାତରମ୍ ଗାନ କରାଯାଏ, ସେତେବେଳେ ପରିବେଶରେ ଏକ ଅଦ୍ଭୁତ ଶକ୍ତିର ସଂଚାର ହୁଏ ଯାହା ଆମକୁ ଅତୀତର ସେହି ଦିନଗୁଡିକ ଆଡକୁ ନେଇଯାଏ ଯେତବଳେ ଆମର ସ୍ୱାଧୀନତା ସଂଗ୍ରାମୀମାନେ ନିଜ ଜୀବନ ବାଜି ଲଗାଇ ଦେଶକୁ ମୁକ୍ତ କରିଥିଲେ। ତେଣୁ ଏହି ସଙ୍ଗୀତର କ୍ରମକୁ ପାଳନ କରିବା ସେହି ମହାପୁରୁଷମାନଙ୍କ ପ୍ରତି ଏକ କୃତଜ୍ଞତା ଜ୍ଞାପନ ମଧ୍ୟ ଅଟେ, ଆସନ୍ତୁ ଆମେ ସମସ୍ତେ ମିଳିତ ଭାବେ ଏହି ନିୟମକୁ ପାଳନ କରିବା ଏବଂ ନିଜ ଦେଶର ସମ୍ମାନ ଏବଂ ଗୌରବକୁ ସର୍ବଦା ଅକ୍ଷୁର୍ଣ୍ଣ ରଖିବା, କାରଣ ଏକ ଜାତି ଭାବରେ ଆମର ଶକ୍ତି ଆମର ଏକତାରେ ନିହିତ ଏବଂ ଏହି ଏକତା ଆମର ଜାତୀୟ ସଙ୍ଗୀତ ଓ ଗାନ ମାଧ୍ୟମରେ ପ୍ରକାଶ ପାଇଥାଏ, ଏହି ମାର୍ଗଦର୍ଶିକା କେବଳ ସରକାରୀ କାର୍ଯ୍ୟାଳୟ ପାଇଁ ନୁହେଁ ବରଂ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଏକ ନୈତିକ ଦିଗଦର୍ଶନ ଅଟେ ଯାହା ଆମକୁ ଶୃଙ୍ଖଳିତ କରିଥାଏ, ଶେଷରେ ଏହା କହିବା ଯଥାର୍ଥ ହେବ ଯେ ଜାତୀୟ ପ୍ରତୀକଗୁଡିକ ପ୍ରତି ଆମର ଆନ୍ତରିକ ସମ୍ମାନ ହିଁ ଆମର ପ୍ରକୃତ ଦେଶପ୍ରେମର ପରିଚୟ। ତେଣୁ ଗୃହ ମନ୍ତ୍ରଣାଳୟ ଏହି ଗାଇଡଲାଇନକୁ ସମ୍ମାନର ସହ ଗ୍ରହଣ କରିବା ଏବଂ ଏହାକୁ ସଠିକ୍ ଭାବେ କାର୍ଯ୍ୟକାରୀ କରିବା ଆମ ସମସ୍ତଙ୍କର ପରମ କର୍ତ୍ତବ୍ୟ ଅଟେ। ଯାହା ଦ୍ୱାରା ଆମେ ଏକ ସୁଗଠିତ ଏବଂ ମର୍ଯ୍ୟାଦାବନ୍ତ ଜାତି ଭାବେ ସମଗ୍ର ବିଶ୍ୱରେ ପରିଚିତ ହୋଇପାରିବା, ବନ୍ଦେ  ମାତରମ୍ ଏବଂ ଜନ ଗଣ ମନ ଆମର ଅମୂଲ୍ୟ ସମ୍ପଦ ଯାହାକୁ ଆମେ ଆସନ୍ତା ପିଢି ପଇଁ ସୁରକ୍ଷିତ ଏବଂ ସମ୍ମାନଜନକ ଭାବେ ହସ୍ତାନ୍ତର କରିବା ଆବଶ୍ୟକ, ସରକାରଙ୍କ ଏହି ପଦକ୍ଷେପ ଦେଶର ପ୍ରତ୍ୟେକ କୋଣରେ ଥିବା ନାଗରିକଙ୍କ ମଧ୍ୟରେ ଏକତା ଏବଂ ସମ୍ମାନର ଭାବନାକୁ ଆହୁରି ଦୃଢ କରିବ ବୋଲି ଆଶା କରାଯାଏ। ସର୍ବଶେଷରେ ଆମର ଜାତୀୟ ଚେତନା ଆମର ସାଂସ୍କୃତିକ ଐତିହ୍ୟ ଉପରେ ନିର୍ଭରଶୀଳ ଏବଂ ଏହି ମାର୍ଗଦର୍ଶିକା ସେହି ଐତିହ୍ୟକୁ ସମ୍ମାନ ଦେବାର ଏକ ସର୍ବୋତ୍ତମ ମାଧ୍ୟମ ଅଟେ। ତେଣୁ ଆସନ୍ତୁ ସଂକଳ୍ପ ନେବା ଯେ ଆମେ କେବଳ ନିୟମ ପାଳନ କରିବା ନାହିଁ, ବରଂ ନିଜ ଦେଶର ମାଟି ଏବଂ ଏହାର ଗୌରବକୁ ମଧ୍ୟ ହୃଦୟରୁ ଭଲ ପାଇବା ଏବଂ ସମ୍ମାନ ଦେବା ଯେପରିକି ଆମର ପ୍ରତ୍ୟେକ କାର୍ଯ୍ୟ ଦେଶର ବିକାଶ ଏବଂ ସମ୍ମାନ ପାଇଁ ସମର୍ପିତ ରହିବ।

# ବଡ଼ ଦାଣ୍ଡରେ ମୋ ଚକାନୟନ

ନୀଳାଦ୍ରୌ ଶଙ୍ଖ ମଧ୍ୟେ ଶତଦଳ
କମଳେ ରତ୍ନ ସିଂହାସନସ୍ଥଂ,
ସର୍ବାଳଙ୍କାର ଯୁକ୍ତଂ ନବଘନ
ରୁଚିରଂ ସଂଯୁକ୍ତଂ ଚାଗ୍ରଜେନ।
ଭଦ୍ରାୟାଃ ବାମଭାଗେ ରଥଚରଣଯୁତଂ
ବ୍ରହ୍ମରୁଦ୍ରେନ୍ଦ୍ର ବନ୍ଦ୍ୟଂ,
ବେଦାନାଂ ସାରମେକଂ ସ୍ୱଜନ
ପରିବୃତଂ ଦାରୁବ୍ରହ୍ମଂ ସ୍ମରାମି।

ରଥରେ ବିଜେ ହେବେ କଳା ସାଆନ୍ତେ। ଚନ୍ଦ୍ର ସୂର୍ଯ୍ୟ ସମ ବେନି ନୟନରେ ଆଖି ମିଶେଇବେ ଭକ୍ତ। ବଡ଼ ଦାଣ୍ଡକୁ ଆସିବେ ବଡ଼ ଠାକୁର। ଅଫୁରନ୍ତ ସୌନ୍ଦର୍ଯ୍ୟରେ ଝଟକିବ ଶ୍ରୀକ୍ଷେତ୍ର। ଜୟ ଜଗନ୍ନାଥ ଧ୍ୱନୀରେ ଦୁଲୁକିବ ଶ୍ରୀକ୍ଷେତ୍ର। ଭକ୍ତଙ୍କ ଭକ୍ତି ନାଆରେ ନାଉରୀ ସାଜିବେ କୋଟି ବ୍ରହ୍ମାଣ୍ଡ ନାୟକ। ଚତୁର୍ଦ୍ଦିଗରେ ଗୁଞ୍ଜରିତ ହେବ ମହାନତାର ମୃଦଙ୍ଗ, ସବୁଠି ଶୁଭିବ କୀର୍ତ୍ତିର କୀର୍ତ୍ତନ।

ଏ ଅପୂର୍ବ ମୂହୁର୍ତ୍ତର ସାକ୍ଷୀ ସାଜିବ ବଡ଼ଦାଣ୍ଡ। ରତ୍ନବେଦୀ ଛାଡ଼ି ଜନ୍ମବେଦୀ ଆସିବେ ମହାବାହୁ। ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପୀ ଗରୀୟସୀର ବାର୍ତ୍ତା ବହ ଆମ ମହାପ୍ରଭୁ। ନହେଲେ ଭାବିଲେ ଶ୍ରୀମନ୍ଦିର ଛାଡ଼ି ସେ କଣ ମାଉସୀମା ମନ୍ଦିର ଆସନ୍ତେ ? ମହାପ୍ରଭୁ ମାଟି ମୋହର ଅନନ୍ୟ ପ୍ରବକ୍ତା। ଆମ ସମ୍ବିଧାନ ସର୍ବ ଧର୍ମ ସମନ୍ୱୟର ବାର୍ତ୍ତା ଦେଉଥିଲା ବେଳେ ରଥଯାତ୍ରାରେ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ସବୁ ସମ୍ପ୍ରଦାୟର ଭକ୍ତଙ୍କୁ ଦର୍ଶନ ଦେବାକୁ ଧାଇଁ ଆସନ୍ତି ମହାବାହୁ। କାଳେ ତାଙ୍କୁ ଦେଖି ନ ପାରିବାର ଅବଶୋସ କାହାର ରହିଯିବ ସେ ଦୁର୍ନାମ ନ ମୁଣ୍ଡେଇବାକୁ ଢେର୍ ଯତ୍ନଶୀଳ ମହାବାହୁ। ଭାଇ ଭଉଣୀଙ୍କ ନିଆରା



ବନ୍ଧନର ଶ୍ରେଷ୍ଠ ତମ ଉଦାହରଣ ଆମ କଳା ସାଆନ୍ତେ। ଶ୍ରୀଜଗନ୍ନାଥ ହେଉଛନ୍ତି ବିଶ୍ୱର ଏକମାତ୍ର ଦେବତା ଯିଏ ଭାଇ ଭଉଣୀଙ୍କ ସହ ମନ୍ଦିରରେ ବିଜେ। ଭାଇଙ୍କ ପ୍ରତି ଆନୁଗତ୍ୟ ଓ ଭଉଣୀ ପ୍ରତି ଦାୟିତ୍ୱର ନିଆରା ନିଦର୍ଶନ ଆମ ସାଆନ୍ତେ। କେବଳ ସେତିକି କାହିଁକି ନୀଳାଦ୍ରି ବିଜେ ଦିନ ମହାଲକ୍ଷ୍ମୀଙ୍କ ରଥ କାଠ ଭଙ୍ଗା ଆଉ ରସଗୋଲା ଦ୍ୱାରା ମାନଭଞ୍ଜନ ବିତ ଦାମ୍ପତ୍ୟ ଜୀବନର ମହାନ ଉଦାହରଣ। ମାନବୀୟ ଲୀଳାରେ ମାଧବ ମାହିର।

ଭାରତ ସରସେ ଉତ୍କଳ କମଳ
ତା ମଧ୍ୟେ କେଶର ପୂଣ୍ୟ ନୀଳାଚଳ

ଭାରତ ପୁଷ୍କରିଣୀରେ ଓଡ଼ିଶାକୁ ପଦ୍ମ ଓ ଶ୍ରୀକ୍ଷେତ୍ରକୁ କେଶର ଭାବେ ବର୍ଣ୍ଣନା କରିଛନ୍ତି ସାରସ୍ୱତ ସାଧକ। ସିଏ ତ କୃପାର ସାଗର ଆଜ୍ଞା, ତାଙ୍କୁ ବର୍ଣ୍ଣନା କରିବାକୁ ଏ ଅଧମର ଶକ୍ତି ବା ସାହସ କାଇଁ ଯେଉଁ ମହାବାହୁଙ୍କ ପାଖରେ ସମସ୍ତଙ୍କର ମଙ୍ଗଳ କାମନା କରୁଛି। ଶ୍ରୀବିଗ୍ରହମାନଙ୍କ ଶୁଭ ଦୃଷ୍ଟି ସଭିଙ୍କୁ ସମୃଦ୍ଧ କରୁ। ପତିତପାବନ ବାନାକୁ ଚାହିଁ ଓଡ଼ିଆର ମଥା ଆହୁରି ଉଚ୍ଚ ହେଉଥାଉ। ସମସ୍ତେ ସୁରୁଖୁରୁରେ ଚତୁର୍ଦ୍ଧା ମୁରତିଙ୍କୁ ରଥ ଉପରେ ଦର୍ଶନ କରି କୃପା ଲାଭ କରନ୍ତୁ। ମହାବାହୁ ସମସ୍ତଙ୍କୁ ସହାୟ ହୁଅନ୍ତୁ। ଯେଉଁ ରାଜ୍ୟର ନେତା ନିଜେ ମହାବାହୁ ସେ ରାଜ୍ୟର ବା ଡର କଣ ଯେ।

କବି ପରା କହିଛନ୍ତି ...
**ଉତ୍କଳେ ନେତାର ନାହିଁ ପ୍ରୟୋଜନ**
**ଉତ୍କଳର ନେତା ସ୍ୱୟଂ ନାରାୟଣ**



**ପ୍ରଭାତ ପଟ୍ଟନାୟକ**
ଭାପୁର, ନୟାଗଡ଼

# ରଥଯାତ୍ରାରେ ନିୟୋଜିତ ପ୍ରମୁଖ ସେବକ ଓ ସେବାୟତ

ଭାରତର ଚାରି ଦିଗରେ ଚାରି ଧାମ ଅବସ୍ଥିତ। ଆଦି ଶଙ୍କରାଚାର୍ଯ୍ୟ ଏହି ଚାରି ଧାମ ପ୍ରତିଷ୍ଠା କରିଥିଲେ। ଇତିହାସ ଏହାର ଆଧାର। ଐତିହାସିକ ତଥ୍ୟ ଏହାର ପୃଷ୍ଠଭୂମି। ଉତ୍ତରରେ ବଦ୍ରୀନାଥ, ଦକ୍ଷିଣରେ ରାମନାଥ, ପଶ୍ଚିମରେ ଦ୍ୱାରିକାନାଥ ଓ ପୂର୍ବରେ ଜଗନ୍ନାଥ ମହାପ୍ରଭୁ ଏହି ଚାରି ଧାମରେ ଅନାଦି କାଳରୁ ପୂଜା ପାଇଆସୁଛନ୍ତି। ପୁରୀ ଜଗନ୍ନାଥ ଧାମରେ ପୂଜାପାଠ ଓ ନୀତିକାନ୍ତି ସ୍ୱତନ୍ତ୍ର। ପ୍ରତିବର୍ଷ ଏଠାରେ ମହାପ୍ରଭୁଙ୍କ ରଥଯାତ୍ରା ଆଷାଢ଼ ମାସ ଶୁକ୍ଳ ପକ୍ଷ ଦ୍ୱିତୀୟା ତିଥିରେ ପାଳିତ ହୋଇଥାଏ। ରଥଯାତ୍ରା ଦେଖିବାକୁ ଦେଶ ଓ ଦେଶ ବାହାରୁ ଲକ୍ଷ ଲକ୍ଷ ଭକ୍ତଙ୍କ ଭିଡ଼ ଜମେ। ବଡ଼ଦାଣ୍ଡ ଲୋକାରଣ୍ୟ ହୋଇଯାଏ। ପ୍ରଭୁ ବଳଭଦ୍ର, ଜଗନ୍ନାଥ ଓ ମା ସୁଭଦ୍ରା ଜାତି, ଧର୍ମ, ବର୍ଣ୍ଣ, ସମ୍ପ୍ରଦାୟ ନିର୍ବିଶେଷରେ ଭକ୍ତଙ୍କୁ ଖୋଲା ଦର୍ଶନ ଦିଅନ୍ତି। ପୁରୀ ରଥଯାତ୍ରା ବିଶ୍ୱପ୍ରସିଦ୍ଧ। ଯାତ୍ରାର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ୧୧୯ ରୁ ଅଧିକ ସେବକ ଓ ସେବାୟତ ପ୍ରଭୁଙ୍କ ସେବାରେ ନିୟୋଜିତ ହୋଇଥାନ୍ତି। ସେମାନଙ୍କ ନାମ ଓ କାମ ଭିନ୍ନ ଭିନ୍ନ। ଅତ୍ୟନ୍ତ ଶୃଙ୍ଖଳା ଓ ନିଷ୍ଠାର ସହିତ ସେମାନେ ନିଜ ନିଜ କାମ ଠିକ୍ ସମୟରେ କରିଥାନ୍ତି। ତେଣୁ ଏତେ ବଡ଼ ରଥଯାତ୍ରାର ନୀତିକାନ୍ତିରେ କୌଣସି ପରିଚାଳନାଗତ ତ୍ରୁଟି ପରିଲକ୍ଷିତ ହୋଇନଥାଏ। ରଥଯାତ୍ରା କାଳିଆ ସାଆନ୍ତଙ୍କ ଇଚ୍ଛା ଓ ଆଶୀର୍ବାଦରେ ନିର୍ବିଘ୍ନରେ ସମାପିତ ହୁଏ ବୋଲି ଲୋକଙ୍କ ଅଗାଧ ବିଶ୍ୱାସ ଓ ଗଭୀର ଆସ୍ଥା ରହିଛି।

ଗଜପତି ମହାରାଜା ହେଉଛନ୍ତି ଜଗନ୍ନାଥଙ୍କ ଆଦ୍ୟ ସେବକ। ପ୍ରଥମ ଓ ପ୍ରମୁଖ ସେବାକାରୀ, ଭକ୍ତ। ରଥଯାତ୍ରା ସମୟରେ ସେ ସୁନାର ଝାଡୁ ଧରି ତିନି ରଥର 'ଛେରା ପହଁରା', ପରିଷ୍କାର ପରିଛନ୍ନ, ନୀତି ନିଷ୍ଠାର ସହିତ ସମ୍ପନ୍ନ କରିଥାନ୍ତି। ଦଇତାପତି ସେବକମାନେ ଭଗବାନଙ୍କୁ ରତ୍ନବେଦୀରୁ ଆଣନ୍ତି। ପହଣ୍ଡି ବିଜେ କରାନ୍ତି ଏବଂ ତିନି ଠାକୁରଙ୍କୁ ରଥାରୂଢ଼ କରାଇବା କାର୍ଯ୍ୟରେ ମୁଖ୍ୟ ଭୂମିକା ଗ୍ରହଣ କରନ୍ତି।



**ଡ଼କ୍ଟର ପ୍ରମୋଦ କୁମାର ପଣ୍ଡା**
ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ,
ସମ୍ବଲପୁର, ମୋ-୭୯୭୮୨୮୩୧୯୦

ମହାରଣା ସେବାୟତ ହେଉଛନ୍ତି ମୁଖ୍ୟ କାଠଗଡ଼ିଆ ବା ବଢ଼େଇ।ବିଶାଳ ରଥ ନିର୍ମାଣ କରିବା ଏବଂ ଯାତ୍ରା ସମୟରେ ରଥର ତଦାରଖ ଏମାନଙ୍କ ମୁଖ୍ୟ କାମ। ଦଇତାଙ୍କୁ ଖୁଣ୍ଟିଆ ସେବକ ମଧ୍ୟ କୁହାଯାଏ। ତିନି ରଥ ଉପରେ ପହଣ୍ଡି ସମୟରେ ଦେବତାମାନଙ୍କୁ ସୁରକ୍ଷା ଦେବା ଏମାନଙ୍କ କାମ। ନୀତିକାନ୍ତି ପରିଚାଳନା ଦାୟିତ୍ୱ ଏମାନଙ୍କ ମୁଣ୍ଡ ଉପରେ ଥାଏ।  ପତି ମହାପାତ୍ରମାନେ ଠାକୁରଙ୍କ ସ୍ୱତନ୍ତ୍ର ପୂଜାବିଧି ଓ ଦେବତାଙ୍କ ସାମ୍ନାରେ ହେଉଥିବା ମୁଖ୍ୟ ନୀତିକାନ୍ତିର ପରିଚାଳକ। ଠାକୁରଙ୍କୁ ସୁନ୍ଦର ଭାବରେ ସଜ୍ଜିତ କରିବା ଓ ଫୁଲମାଳ ଲାଗି କରିବା ପୁଷ୍ପାଳକ ସେବକଙ୍କ ପ୍ରମୁଖ କାର୍ଯ୍ୟ ଅଟେ। ଘଣ୍ଟୁଆ ଏବଂ ବାଜନ୍ତ୍ରୀ ସେବାୟତ ରଥଯାତ୍ରା ସମୟରେ ପାରମ୍ପରିକ ବାଦ୍ୟ ଯଥା - ଘଣ୍ଟ, ମହୁରୀ ଇତ୍ୟାଦି ବଜାଇ ଭକ୍ତମାନଙ୍କୁ ଆଧ୍ୟାତ୍ମିକ ପରିବେଶ ପ୍ରଦାନ କରିବାରେ ସହାୟକ ହୋଇଥାନ୍ତି। ରଥ ଟଣା ସମୟରେ / ରଥ ଗଡୁଥିବା ବେଳେ ଡାହୁକମାନେ 'ଡାହୁକ ବୋଲି', କବିତା କିମ୍ବା ଗୀତ ଗାଇଥାନ୍ତି। ପରମ୍ପରା ଅନୁଯାୟୀ ଏହା ରଥ ଗଡ଼ିବାରେ ସାହାଯ୍ୟ କରେ। ଶ୍ରୀଜଗନ୍ନାଥ ମନ୍ଦିରର ଛତିଶା ନିଯୋଗ ଅନ୍ତର୍ଗତ ରଥଯାତ୍ରା ସହିତ ଜଡ଼ିତ ପ୍ରମୁଖ ସେବାୟତ ପ୍ରତିହାରୀ - ଯିଏ ରଥ ଉପରେ ପହଣ୍ଡି ସମୟରେ ଶୃଙ୍ଖଳା ରକ୍ଷା କରନ୍ତି, ଭିଡ଼ ନିୟନ୍ତ୍ରଣ ଓ ଠାକୁରଙ୍କୁ ସୁରକ୍ଷା ଦିଅନ୍ତି, ଭୋଇ - ରଥ ନିର୍ମାଣ ସମୟରେ କାଠ ବୋହିବା ଓ ରଥଚକ, ଅଖରେ ସମସ୍ୟା ଦେଖାଦଲେ ତାର ତୁରନ୍ତ ମରାମତି କରିବା ଏମାନଙ୍କ କାମ, ରୂପକାର - ରଥ ଉପରେ ଥିବା ବିଭିନ୍ନ ଦେବଦେବୀଙ୍କ ମୂର୍ତ୍ତି, ପାର୍ଶ୍ୱ ଦେବତା ଏବଂ ରଥର କାଠ ଖୋଦେଇ କାମ ଏମାନେ କରନ୍ତି, ଚିତ୍ରକାର-ରଥ ନିର୍ମାଣ ଶେଷ ହେବା ପରେ ତିନି ରଥକୁ ପାରମ୍ପରିକ ରଙ୍ଗରେ ରଙ୍ଗେଇବା ତଥା ରଥ ଉପରେ ଥିବା ସାରଥୀ ଓ ଘୋଡ଼ାମାନଙ୍କୁ ସୁନ୍ଦର ଭାବେ ଚିତ୍ରିତ କରିବା ଏମାନଙ୍କ କାର୍ଯ୍ୟ, ଦରଜୀ - ରଥ ପାଇଁ ଆସୁଥିବା ସ୍ୱତନ୍ତ୍ର କପଡ଼ାକୁ ମାପ ଅନୁସାରେ ତିନି ରଥର କାନି ବା ଆବରଣ ପ୍ରସ୍ତୁତ କରନ୍ତି, କରତିଆ - ଏମାନେ କାଠ ଚିରୁଆ ମିସ୍ତ୍ରୀ ଯିଏ ରଥ ନିର୍ମାଣ ପାଇଁ ଆସିଥିବା କାଠଗଣ୍ଡିକୁ ନିର୍ଦ୍ଦିଷ୍ଟ ମାପରେ ଚିରି ପଟା ତିଆରି କରନ୍ତି, ଓଝା ମହାରଣା / କମାର ସେବକ - ରଥ ପାଇଁ ଆବଶ୍ୟକ ହେଉଥିବା ହଜାର ହଜାର ଲୁହା କଣ୍ଟା, କବ୍‌ଜା ଏବଂ ଅନ୍ୟାନ୍ୟ ଲୁହା ସରଞ୍ଜାମ ଏମାନେ ଶାଳରେ ତିଆରି କରନ୍ତି। ସୁଆର ଏବଂ ମହାସୁଆର- ରଥଯାତ୍ରା ସମୟରେ ମହାପ୍ରଭୁଙ୍କ ନିମିତ୍ତ ସ୍ୱତନ୍ତ୍ର ଶୁଖିଲା ଭୋଗ ଓ ଅନ୍ୟାନ୍ୟ ନୈବେଦ୍ୟ ପ୍ରସ୍ତୁତ କରିଥାନ୍ତି।

ରଥଯାତ୍ରା ସମୟରେ ଠାକୁରଙ୍କ ବିଭିନ୍ନ ନୀତି ପାଇଁ ଆବଶ୍ୟକ ହେଉଥିବା ଚନ୍ଦନ, କସ୍ତୁରୀ ଏବଂ ସୁବାସିତ ତେଲ ଆଦି ପ୍ରସ୍ତୁତ କରି ଯୋଗାଇବା ଘଟୁଆରମାନଙ୍କ କାମ। ଗଜପତି ମହାରାଜାଙ୍କ ଅନୁପସ୍ଥିତିରେ କିମ୍ବା ତାଙ୍କ ପ୍ରତିନିଧି ଭାବେ ରଥ ଉପରେ କେତେକ ସ୍ୱତନ୍ତ୍ର ରାଜକୀୟ ନୀତି ସମ୍ପାଦନ କରିବା ମୁଦିରସ୍ତା ସେବକଙ୍କ ଦାୟିତ୍ୱ ଅଟେ।

ରଥଯାତ୍ରାର ଛତିଶା ନିଯୋଗ ଓ ଦୈନନ୍ଦିନ ନୀତିକାନ୍ତିରେ ନିୟୋଜିତ ଅନ୍ୟ କେତେକ ପ୍ରମୁଖ ସେବାୟତ ହେଲେ ତଳିଚ୍ଛ ମହାପାତ୍ର, ଦେଉଳ କରଣ, ଚଙ୍ଗଡ଼ା ମେକାପ, ଖୁଣ୍ଟିଆ ସେବକ, ପତ୍ରି ବଡୁ, ଗରା ବଡୁ, ସୁଆର ବଡୁ, ଛତାର ସେବକ, ତରାସିଆ, କାହାଳିଆ, ଶଙ୍ଖୁଆ, ବିମାନ ବଡୁ, ପଶୁପାଳକ, ହାଡ଼ି ସେବକ, ଲେଙ୍କା ସେବକ, ପାଇକ ସେବକ, ଦେଉଳ ପୁରୋହିତ, ମାଳୀ ସେବକ, କୁମ୍ଭାର ସେବକ, ଚୁନାର ଇତ୍ୟାଦି। ତେବେ ମନରେ ପ୍ରଶ୍ନ ଉଠେ ମନ୍ଦିର ପରିଚାଳନା ଓ ରଥଯାତ୍ରା ସକାଶେ ଏତେ ସଂଖ୍ୟକ ସେବକ, ସେବାୟତ ରହିବାର ଆବଶ୍ୟକତା କଣ ? ଏହାର ମୁଖ୍ୟ କାରଣ ହେଲା ପରିଚାଳନଗତ ଉତ୍କର୍ଷତା ଆନୟନ ଏବଂ ମହାପ୍ରଭୁଙ୍କ ନୀତିକାନ୍ତିରେ ପୂର୍ଣ୍ଣ ଶୃଙ୍ଖଳା। ସେବକ, ସେବାୟତମାନେ ନିର୍ଦ୍ଦିଷ୍ଟ ଦାୟିତ୍ୱ ସମ୍ପାଦନ ପାଇଁ ଉଦ୍ଦିଷ୍ଟ। ସେମାନେ ନିଜ କାମ ନିଜେ କରିବେ। ତାଙ୍କ କାମରେ କେହି ଦଖଲ ଦେବେନାହିଁ। ତେଣୁ ଯଥା ସମୟରେ ସବୁ କାମ ନିର୍ବିଘ୍ନରେ ହୋଇଯାଏ। କୌଣସି ବିଶୃଙ୍ଖଳା ହୁଏ ନାହିଁ। ଯାହାକୁ ଅଧୁନା ଆମେ ଶ୍ରମ ବିଭାଜନ କିମ୍ବା ଦାୟିତ୍ୱ ବଣ୍ଟନ କହୁ। କୁଶଳ କର୍ମ ସମ୍ପାଦନ ପାଇଁ କାହିଁ କେଉ କାଳରୁ ଏହି ପ୍ରଥା ଚାଲିଆସିଛି। ସୁତରାଂ ଆମ ପୂର୍ବଜଙ୍କୁ ରୂଢ଼ିବାଦୀ କହି ନୀଚା ଦେଖାଇବା ଅଯୌକ୍ତିକ। ବରଂ ପରମ୍ପରା ଆଧୁନିକତାର ଆଧାର ବା ଜନନୀ କହିଲେ ଠିକ୍ ହେବ।

# ପ୍ରତ୍ୟେକ ଶିଶୁ ପାଇଁ ସୁରକ୍ଷିତ ବଳୟ, ଆଜିର ଆବଶ୍ୟକତା

ପ୍ରତ୍ୟେକ ଶିଶୁ ହେଉଛି ଆଗାମୀ ଦିନର ନିର୍ମାତା। ତେଣୁ ଶିଶୁର ଜୀବନ, ସୁରକ୍ଷା, ମର୍ଯ୍ୟାଦା, ବିକାଶ ଓ ଅଧିକାରର ସୁରକ୍ଷା କେବଳ ସରକାରଙ୍କ ନୁହେଁ, ବରଂ ପରିବାର, ସମାଜ ଓ ପ୍ରତ୍ୟେକ ସଚେତନ ନାଗରିକଙ୍କ ସାମୂହିକ ଦାୟିତ୍ୱ।ଶିଶୁକୁ ସୁରକ୍ଷା ଦେବା କେବଳ ଆଇନର ପାଳନ ନୁହେଁଛ ଏହା ଶିକ୍ଷିତ ସମାଜର ମାନବିକ ଚେତନାର ପରିଚୟ।ଗୋଟିଏ ରାଷ୍ଟ୍ରର ପ୍ରକୃତ ସମୃଦ୍ଧି ତାହାର ଆର୍ଥିକ ଉନ୍ନତି, ଉଚ୍ଚ ଅଟ୍ଟାଳିକା କିମ୍ବା ପ୍ରଯୁକ୍ତିଗତ ଅଗ୍ରଗତିରେ ନୁହେଁଛ ବରଂ ସେହି ରାଷ୍ଟ୍ର ତାହାର ଶିଶୁମାନଙ୍କୁ କେତେ ସୁରକ୍ଷିତ, ସମ୍ମାନଜନକ ଓ ସ୍ନେହପୂର୍ଣ୍ଣ ପରିବେଶ ଦେଇପାରୁଛି, ତାହା ଉପରେ ନିର୍ଭର କରେ।

କିଶୋର ନ୍ୟାୟ (ଶିଶୁଙ୍କ ଯତ୍ନ ଓ ସୁରକ୍ଷା) ଆଇନ, ୨୦୧୫ର ମୂଳ ଉଦ୍ଦେଶ୍ୟ ହେଉଛି ପ୍ରତ୍ୟେକ ଶିଶୁର ସର୍ବୋତ୍ତମ ସ୍ୱାର୍ଥ କୁ ସୁନିଶ୍ଚିତ କରିବା। ଏହି ଆଇନ ସ୍ପଷ୍ଟ କରେ ଯେ, ପ୍ରତ୍ୟେକ ନିଷ୍ପତ୍ତିର କେନ୍ଦ୍ରବିନ୍ଦୁରେ ଶିଶୁର ସୁରକ୍ଷା, ମର୍ଯ୍ୟାଦା, ପୁନର୍ବାସ ଓ ସାମଗ୍ରିକ ବିକାଶ ରହିବା ଆବଶ୍ୟକ। ଏହା ଶିଶୁକୁ କେବଳ ସୁରକ୍ଷାର ଆବଶ୍ୟକତା ଥିବା ବ୍ୟକ୍ତି ଭାବେ ନୁହେଁ, ବରଂ ଅଧିକାରସମ୍ପନ୍ନ ନାଗରିକ ଭାବେ ସ୍ୱୀକାର କରେ।

ଯୌନ ଅପରାଧରୁ ଶିଶୁଙ୍କୁ ସୁରକ୍ଷା ଆଇନ(ପୋକ୍ସୋ ) -୨୦୧୨ ଶିଶୁଙ୍କୁ ଯୌନ ନିର୍ଯାତନା, ଶୋଷଣ ଓ ଉତ୍ପୀଡ଼ନରୁ ସୁରକ୍ଷା ଦେବା ପାଇଁ ଏକ ସଶକ୍ତ ଆଇନଗତ ଢାଞ୍ଚା ପ୍ରଦାନ କରିଛି। ଏହି ଆଇନର ମୂଳ ଉଦ୍ଦେଶ୍ୟ କେବଳ ଅପରାଧୀଙ୍କୁ ଦଣ୍ଡ ଦେବା ନୁହେଁ, ବରଂ ପୀଡ଼ିତ ଶିଶୁର ମାନସିକ ସୁରକ୍ଷା, ଗୋପନୀୟତା ଓ ସମ୍ମାନକୁ ଅକ୍ଷୁଣ୍ଣ ରଖିବା। ସମ୍ବେଦନଶୀଳ ମାମଲାରେ ଶିଶୁର ନାମ, ଫଟୋ କିମ୍ବା ପରିଚୟ ପ୍ରକାଶ କରିବା କେବଳ ଅନୈତିକ ନୁହେଁ, ବରଂ ଆଇନ ବିରୋଧୀ ମଧ୍ୟ ଅଟେ।

ଜାତିସଂଘର ଶିଶୁ ଅଧିକାର ସମ୍ମିଳନୀ ଚାରୋଟି ମୌଳିକ ସିଦ୍ଧାନ୍ତ ଉପରେ ଜୋର ଦେଇଛି ଭେଦଭାବହୀନତା, ଶିଶୁର ସର୍ବୋତ୍ତମ ସ୍ୱାର୍ଥ, ବଞ୍ଚିବା ଓ ବିକାଶର ଅଧିକାର, ଏବଂ ଶିଶୁର ମତାମତକୁ ସମ୍ମାନ। ଭାରତ ଏହି ସମ୍ମିଳନୀର ସ୍ୱାକ୍ଷରକାରୀ ଦେଶ ଭାବେ ଏହି ନୀତିଗୁଡ଼ିକୁ ନିଜର ଆଇନ ଓ ନୀତିରେ ସ୍ଥାନ ଦେଇଛି।

ଶିଶୁର ପ୍ରଥମ ଏବଂ ସବୁଠାରୁ ଶକ୍ତିଶାଳୀ ସୁରକ୍ଷା ବଳୟ ହେଉଛି ପରିବାର। ମାତାପିତାଙ୍କ ସ୍ନେହ, ବିଶ୍ୱାସ, ସମୟ ଓ ସଂସ୍କାର ଶିଶୁର ଆତ୍ମବିଶ୍ୱାସର ଭିତ୍ତି। ପରିବାରରେ ଯଦି ଶିଶୁର କଥାକୁ ଗୁରୁତ୍ୱ ଦିଆଯାଏ, ତାହାର ଭାବନାକୁ ସମ୍ମାନ କରାଯାଏ ଏବଂ ସେ ଭୟ ବିନା ନିଜ ଅନୁଭୂତି ବ୍ୟକ୍ତ କରିପାରେ, ତେବେ ସେ ଅନେକ ବିପଦରୁ ନିଜକୁ ସୁରକ୍ଷିତ ରଖିପାରିବ।



**ସୁବ୍ରତ କୁମାର ଦାସ**
ରାଜେନ୍ଦ୍ରପୁର, ବାରିକପୁର ବଜାର, ଭଦ୍ରକ
ମୋ:୯୪୩୭୭୩୧୯୦୩

ଦ୍ୱିତୀୟ ସୁରକ୍ଷା ବଳୟ ହେଉଛି ବିଦ୍ୟାଳୟ। ଶିକ୍ଷାନୁଷ୍ଠାନ କେବଳ ଜ୍ଞାନ ପ୍ରଦାନର ସ୍ଥାନ ନୁହେଁ, ଏହା ଶିଶୁର ବ୍ୟକ୍ତିତ୍ୱ, ନୈତିକତା ଓ ସାମାଜିକ ଚେତନାର ବିକାଶ କେନ୍ଦ୍ର। ପ୍ରତ୍ୟେକ ବିଦ୍ୟାଳୟରେ ଶିଶୁ ସୁରକ୍ଷା ନୀତି, ଅଭିଯୋଗ ବ୍ୟବସ୍ଥା, ସଚେତନତା କାର୍ଯ୍ୟକ୍ରମ ଏବଂ ସମ୍ବେଦନଶୀଳ ଶିକ୍ଷକ ରହିବା ଆବଶ୍ୟକ।

ତୃତୀୟ ସୁରକ୍ଷା ବଳୟ ହେଉଛି ସମାଜ। ପଡ଼ୋଶୀ, ପଞ୍ଚାୟତ, ସ୍ୱେଚ୍ଛାସେବୀ ସଂଗଠନ, ପୋଲିସ, ସ୍ୱାସ୍ଥ୍ୟ ବିଭାଗ, ଶିଶୁ କଲ୍ୟାଣ ସମିତି, ଜିଲ୍ଲା ଶିଶୁ ସୁରକ୍ଷା ଏକକ ଓ ସାଧାରଣ ନାଗରିକ ,ସମସ୍ତେ ଏହି ସୁରକ୍ଷା ବ୍ୟବସ୍ଥାର ଅଂଶ। କୌଣସି ଶିଶୁ ନିର୍ଯାତନାର ଶିକାର ହେଉଥିବା ଜାଣି ମଧ୍ୟ ନୀରବ ରହିବା ସମାଜ ପ୍ରତି ଆମର ଦାୟିତ୍ୱକୁ ପ୍ରଶ୍ନବିଦ୍ଧ କରେ।

ଆଜି ଡିଜିଟାଲ ଯୁଗରେ ଶିଶୁ ସୁରକ୍ଷାର ପରିସର ଆହୁରି ବିସ୍ତୃତ ହୋଇଛି। ଅନଲାଇନ୍ ଯୌନ ଶୋଷଣ, ସାଇବର ବୁଲିଂ, ଭୁଲ ପରିଚୟ ଓ ଡିଜିଟାଲ ଠକେଇ ଶିଶୁମାନଙ୍କ ପାଇଁ ନୂତନ ବିପଦ ସୃଷ୍ଟି କରୁଛି। ତେଣୁ ଘର, ବିଦ୍ୟାଳୟ ଓ ସମାଜ ସହ ଡିଜିଟାଲ ଜଗତରେ ମଧ୍ୟ ଶିଶୁ ପାଇଁ ସୁରକ୍ଷିତ ବଳୟ ସୃଷ୍ଟି କରିବା ଆବଶ୍ୟକ।

ଭାରତୀୟ ସମ୍ବିଧାନ ମଧ୍ୟ ଶିଶୁଙ୍କ ସୁରକ୍ଷା ଓ ବିକାଶ ପ୍ରତି ଦୃଢ଼ ପ୍ରତିବଦ୍ଧ। ସମ୍ବିଧାନର ବିଭିନ୍ନ ବ୍ୟବସ୍ଥା ଶିଶୁଙ୍କୁ ଶିକ୍ଷା, ସୁରକ୍ଷା ଓ ଶୋଷଣମୁକ୍ତ ଜୀବନର ଅଧିକାର ପ୍ରଦାନ କରିଛି। ଏହି ଅଧିକାରଗୁଡ଼ିକୁ ବାସ୍ତବରେ କାର୍ଯ୍ୟକାରୀ କରିବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଶିଶୁର ସୁରକ୍ଷାର ଅର୍ଥ କେବଳ ତାକୁ ବିପଦରୁ ବଞ୍ଚାଇବା ନୁହେଁଛ ବରଂ ତା'ର ହସ, ସ୍ୱପ୍ନ, ସୃଜନଶୀଳତା ଓ ଆତ୍ମସମ୍ମାନକୁ ସୁରକ୍ଷିତ ରଖିବା। ଏକ ଶିଶୁ-ଅନୁକୂଳ ସମାଜରେ ଭୟ ନୁହେଁ, ବିଶ୍ୱାସ, ହିଂସା ନୁହେଁ, ସହାନୁଭୂତିଛ ଅବହେଳା ନୁହେଁ, ଯତ୍ନର ସଂସ୍କୃତି ଗଢ଼ିଉଠେ। ତେବେ, ଆମେ ସମସ୍ତେ ଏକ ଦୃଢ଼ ସଂକଳ୍ପ ନେବାପ୍ରତ୍ୟେକ ଶିଶୁ ପାଇଁ ପରିବାରରୁ ସମାଜ ପର୍ଯ୍ୟନ୍ତ ଏକ ସୁରକ୍ଷିତ ବଳୟ ସୃଷ୍ଟି କରିବା। ଶିଶୁର ମର୍ଯ୍ୟାଦାକୁ ସମ୍ମାନ କରିବା, ତା'ର ଅଧିକାରକୁ ସୁରକ୍ଷା ଦେବା ଏବଂ ଶିଶୁର ସର୍ବୋତ୍ତମ ସ୍ୱାର୍ଥକୁ ପ୍ରତ୍ୟେକ ନିଷ୍ପତ୍ତିର କେନ୍ଦ୍ରରେ ରଖିବା। କାରଣ ଶିଶୁ ସୁରକ୍ଷିତ ହେଲେ ହିଁ ପରିବାର ସୁରକ୍ଷିତ ହେବ, ସମାଜ ସୁରକ୍ଷିତ ହେବ ଏବଂ ରାଷ୍ଟ୍ରର ଭବିଷ୍ୟତ ନିଶ୍ଚୟ ଉଜ୍ଜ୍ୱଳ ହେବ।

ଶିଶୁ ଅଧିକାରର ସୁରକ୍ଷା କେବଳ ଏକ ଆଇନଗତ ବାଧ୍ୟବାଧକତା ନୁହେଁଛ ଏହା ଏକ ସଭ୍ୟ ସମାଜ ଓ ମାନବିକତାର ସର୍ବୋଚ୍ଚ ପରିଚୟ ଅଟେ। କାରଣ, ପ୍ରତ୍ୟେକ ଶିଶୁର ଆଖିରେ ସ୍ୱପ୍ନ ରହିଛି, ପ୍ରତିଭା ରହିଛି, ଆଶା ରହିଛି। ସେହି ସ୍ୱପ୍ନକୁ ଭୟ ନୁହେଁ, ବିଶ୍ୱାସର ଡେଣା ଦେବା ଆମ ସମସ୍ତଙ୍କର କର୍ତ୍ତବ୍ୟ।

## ଯୁଦ୍ଧ ମଧ୍ୟରେ ଇସ୍ରାଏଲରେ ନିର୍ବାଚନ ଘୋଷଣା

ଜେରୁଜେଲମ : ଇସ୍ରାଏଲର ପରବର୍ତ୍ତୀ ସାଧାରଣ ନିର୍ବାଚନ ପାଇଁ ତାରିଖ ସ୍ଥିର କରାଯାଇଛି।ଭୋଟିଂ ୨୭ ଅକ୍ଟୋବର, ୨୦୨୬ ରେ ହେବ। ଉଲ୍ଲେଖନୀୟ ଯେ, ଏହା ୩୮ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ନିର୍ଦ୍ଧାରିତ ସମୟସୀମା ଅନୁସାରେ ନିର୍ବାଚନ ଅନୁଷ୍ଠିତ ହେବ। ଏହା ବ୍ୟତୀତ, ୫୩ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ, ଏକ ସରକାର ତାଙ୍କର ପୂର୍ଣ୍ଣ କାର୍ଯ୍ୟକାଳ ସମାପ୍ତ କରିବା ପରେ ନିର୍ବାଚନକୁ ଯିବେ। ସମସ୍ତଙ୍କ ନଜର ରହିବ ଯେ ବେଞ୍ଜାମିନ ନେତାନ୍ୟାହୁ କ୍ଷମତାକୁ ଫେରିବେ କି ନାହିଁ କିମ୍ବା ଜନସାଧାରଣ ନୂତନ ନେତୃତ୍ୱ ଉପରେ ଭରସା ରଖିଛନ୍ତି କି ନାହିଁ। ଇସ୍ରାଏଲରେ ୨୦୨୬ ନିର୍ବାଚନ ପାଇଁ ତାରିଖ ଆନୁଷ୍ଠାନିକ ଭାବରେ ଅକ୍ଟୋବର ୨୭ ତାରିଖ ପାଇଁ ସ୍ଥିର କରାଯାଇଛି ଯାହା ମୂଳତଃ ନିର୍ଦ୍ଧାରିତ ତାରିଖ ଥିଲା। ଏକ ମିଳିତ ସରକାର ପାଇଁ ଆହ୍ୱାନ ପରେ ସମୟସୀମାରେ ନିର୍ବାଚନ କରିବା ନିଷ୍ପତ୍ତି ନିଆଯାଇଥିଲା। ନିର୍ବାଚନ ପାଇଁ ବର୍ତ୍ତମାନ ପ୍ରାୟ ୧୦୭ ଦିନ ବାକି ଅଛି, ପ୍ରାର୍ଥୀ ନାମାଙ୍କନ ପାଇଁ ଶେଷ ତାରିଖ ସେପ୍ଟେମ୍ବର ୭ ତାରିଖ ଧାର୍ଯ୍ୟ କରାଯାଇଛି। ଇସ୍ରାଏଲ ରାଜନୀତି ବହୁ ଦିନ ଧରି ଅସ୍ଥିରତା ଦ୍ୱାରା ବର୍ଣ୍ଣିତ ହୋଇଛି। ଗଠବନ୍ଧନ ଭାଙ୍ଗିବା, ସଂସଦୀୟ ସଂଖ୍ୟାଗରିଷ୍ଠତା ହରାଇବା କିମ୍ବା ରାଜନୈତିକ ସଙ୍କଟ ଦ୍ୱାରା ପ୍ରାରମ୍ଭିକ ନିର୍ବାଚନ ପ୍ରାୟତଃ ଆବଶ୍ୟକ ହେଉଥିଲା। ଏଥର ପରିସ୍ଥିତି ଭିନ୍ନ।ବର୍ତ୍ତମାନର ସରକାର ନିଜର ପୂର୍ଣ୍ଣ କାର୍ଯ୍ୟକାଳ ସମାପ୍ତ କରିବା ପରେ ନିର୍ବାଚନ ଆଡକୁ ଯାଉଛି ଯାହା ୫୩ ବର୍ଷ ମଧ୍ୟରେ କେବେ ଦେଖାଯାଇ ନାହିଁ।

## ଇଣ୍ଡିଆ ବ୍ଲକ୍‌ରେ ଯୋଗଦେବନି ଡିଏମ୍‌କେ

ଚେନ୍ନାଇ,: ପାର୍ଲାମେଣ୍ଟର ଆଗାମୀ ମୌସୁମୀ ଅଧିବେଶନରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏକୁ ଦୃଢ଼ ବିରୋଧ କରିବା ପାଇଁ ଇଣ୍ଡିଆ ବ୍ଲକ୍‌ରେ ଏମ୍.କେ. ଷ୍ଟାଲିନ୍‌ଙ୍କ ଡିଏମ୍‌କେ ଏବଂ ତାମିଲନାଡୁ ମୁଖ୍ୟମନ୍ତ୍ରୀ ବିଜୟଙ୍କ ଟିଭିକେ ଯୋଗଦେବା ନିମନ୍ତେ ପୂର୍ବତନ ସହଯୋଗୀ ଭିସିକେ ଦେଇଥିବା ପ୍ରସ୍ତାବକୁ ଷ୍ଟାଲିନ୍ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି। ଫଳରେ ତାମିଲନାଡୁରେ ଇଣ୍ଡିଆ ବ୍ଲକ୍‌ରେ ଫାଟ ବଢ଼ିଛି। କେରଳ ଏବଂ ପଶ୍ଚିମବଙ୍ଗ ଢାଞ୍ଚାରେ ତାମିଲନାଡୁରେ ୨ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀ ଜାତୀୟ ସ୍ତରରେ ଇଣ୍ଡିଆ ବ୍ଲକ୍‌ରେ ଅଂଶୀଦାର ରହିବାକୁ ଭିସିକେ ମୁଖ୍ୟ ଥୋଲ୍ ଥିରୁମାଭାଲାଭାନ ପ୍ରସ୍ତାବ ଦେଇଥିଲେ। କଂଗ୍ରେସ ତୁରନ୍ତ ଏହି ପ୍ରସ୍ତାବକୁ ସମର୍ଥନ କରିଥିଲା। ରାଜ୍ୟସ୍ତରରେ ରାଜନୈତିକ ମତପାର୍ଥକ୍ୟ ଥିଲେ ମଧ୍ୟ କେନ୍ଦ୍ରରେ ଭାଜପା ବିରୋଧରେ ବିପକ୍ଷ ଦଳଗୁଡ଼ିକ ଏକାଠି ହେବା ପାଇଁ କଂଗ୍ରେସ ଆହ୍ୱାନ ଦେଇଥିଲା। ତେବେ ଡିଏମ୍‌କେ ଉକ୍ତ ପ୍ରସ୍ତାବକୁ ଅଗ୍ରାହ୍ୟ କରିଛି। ତାମିଲନାଡୁ ବିଧାନସଭା ନିର୍ବାଚନ ପରେ କଂଗ୍ରେସ ମେଣ୍ଟକୁ ଧୋକା ଦେଇଥିବା ଡିଏମ୍‌କେ କହିଛି। ରାଜ୍ୟର ପରିବର୍ତ୍ତିତ ରାଜନୈତିକ ଦୃଶ୍ୟପଟ୍ଟରେ ଏଭଳି ମଡେଲ କାମ କରିବ ନାହିଁ ବୋଲି ଡିଏମ୍‌କେ ଅଧ୍ୟକ୍ଷ ଷ୍ଟାଲିନ୍ ସ୍ପଷ୍ଟ କରିଦେଇଛନ୍ତି। କେବଳ ମନ୍ତ୍ରୀ ପଦ ପାଇବା ପାଇଁ ଟିଭିକେ ସହ ହାତ ମିଳାଇ କଂଗ୍ରେସ ଡିଏମ୍‌କେକୁ ପଛରୁ ଛୁରିକାଘାତ କରିଥିବା ଡିଏମ୍‌କେ ଏମ୍ପି ଗଣପଥି ପି. ରାଜକୁମାର ଏକ ଗଣମାଧ୍ୟମକୁ କହିଛନ୍ତି।

# ମଧ୍ୟପ୍ରାଚ୍ୟ ମହାଯୁଦ୍ଧ, ହର୍ମୁଜ ବନ୍ଦ ଇରାନର ୧୪୦ ସ୍ଥାନକୁ କ୍ଷେପଣାସ୍ତ୍ର ମାଡ଼



ୱାଶିଂଟନ/ତେହରାନ : ଆମେରିକା ଓ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ ଅତ୍ୟନ୍ତ ଗମ୍ଭୀର ସ୍ଥିତିରେ ପହଞ୍ଚିଛି। ଏପରି କି ଏହି ଯୁଦ୍ଧ ସମଗ୍ର ମଧ୍ୟପ୍ରାଚ୍ୟକୁ ବିନାଶ ଆଡ଼କୁ ଠେଲି ଦେବାର ଆଶଙ୍କା ସୃଷ୍ଟି କରିଛି। ରବିବାର ପ୍ରତ୍ୟୁଷରେ ଦୁଇ ଦେଶ ପରସ୍ପର ଉପରେ ଜୋରଦାର ଆକ୍ରମଣ କରିଛନ୍ତି। ଆମେରିକା ସେନା ଇରାନର ପ୍ରାୟ ୧୪୦ଟି ସ୍ଥାନରେ ଆକ୍ରମଣ କରିଛି। ଆମେରିକା ସେଣ୍ଟ୍ରାଲ କମାଣ୍ଡ (ସେଣ୍ଟକମ୍)ର କହିବା ଅନୁଯାୟୀ ଆକ୍ରମଣ କରାଯାଇଥିବା ସ୍ଥାନ ମଧ୍ୟରେ ଇରାନର ସାମରିକ ଘାଟି, କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଉତ୍କ୍ଷେପଣ କେନ୍ଦ୍ର, ନୌସେନା ଉପକରଣ, ଅସ୍ତ୍ରାଗାର, ଯୋଗାଯୋଗ କେନ୍ଦ୍ର ଏବଂ ଉପକୂଳ ସେର୍ଭେଲାନ୍ସ କେନ୍ଦ୍ର ରହିଛି। ଏପରି କି ଗତ ସପ୍ତାହକ ମଧ୍ୟରେ ଇରାନର ୩୦୦ ସ୍ଥାନକୁ ଆମେରିକା ନିଶାଣ କରି କ୍ଷେପଣାସ୍ତ୍ର ମାଡ କଲାଣି। ଗତ ମଙ୍ଗଳବାର ଠାରୁ ଦୁଇ ଦେଶ ମଧ୍ୟରେ ପୁଣି ଯୁଦ୍ଧ ଆରମ୍ଭ ହୋଇଛି। ଗୁରୁବାର ଓ ଶୁକ୍ରବାର ଦୁଇ ଦିନ ଆକ୍ରମଣ ବନ୍ଦ ରହିବା ପରେ ରବିବାର ପ୍ରତ୍ୟୁଷରୁ ପୁଣି ଆକ୍ରମଣ ହୋଇଛି। ରବିବାର ଇରାନ ସେନା ହର୍ମୁଜ ପ୍ରଣାଳୀରେ ସାଇପ୍ରସର ଏକ ଜାହାଜ ଉପରେ ଆକ୍ରମଣ କରିବାରୁ ଆମେରିକା ଏହି ଆକ୍ରମଣ କରିଛି।

ଆମେରିକାର ଏହି ଆକ୍ରମଣ ଉପରେ ଇରାନ ମଧ୍ୟ କଡା ଜବାବ ଦେଇଛି। ବିଶେଷକରି ଆମେରିକାର ସହଯୋଗୀ ଉପସାଗରୀୟ ରାଷ୍ଟ୍ରଗୁଡିକ ଉପରେ ଇରାନ ଜୋରଦାର ଆକ୍ରମଣ କରିଛି। ଇରାନର ଆକ୍ରମଣରେ ନିଶାଣରେ ରହିଥିବା ଉପସାଗରୀୟ ରାଷ୍ଟ୍ରଗୁଡିକ ହେଲା ବାହାରିନ, କୁଏତ, ଜୋର୍ଡାନ, କାତାର, ଓମାନ ଓ ୟୁଏଇ। ଇରାନର ଆକ୍ରମଣ ପରେ ଏହିସବୁ ଦେଶ ଅସୁରକ୍ଷିତ ହୋଇପଡିଛି। ନାଗରିକମାନଙ୍କୁ ସୁରକ୍ଷିତ ଆଶ୍ରୟସ୍ଥଳକୁ ଯିବାକୁ ପଡ଼ିଛି। ଇରାନ ସେନା ଆଇଆରଜିସିର କହିବା ଅନୁଯାୟୀ କାତାରସ୍ଥିତ ଆମେରିକାର ଅଲ୍ ଉଦେଇଦ୍ ବାୟୁସେନା ଘାଟି ଉପରେ ବାଲାଷ୍ଟିକ କ୍ଷେପଣାସ୍ତ୍ର ମାଡ କରାଯାଇଛି। ଏହା ସହିତ କୁଏତ୍ ଓ ବାହାରିନରେ ଥିବା ଆମେରିକାର ସାମରିକ କେନ୍ଦ୍ର ଉପରେ ଡ୍ରୋନ ମାଡ କରାଯାଇଛି। ସେହିପରି ୟୁଏଇର ଏୟାର ଡିଫେନ୍ସ ସିଷ୍ଟମ୍ ଇରାନ ପଟୁ ଆସୁଥିବା କ୍ଷେପଣାସ୍ତ୍ର ଓ ଡ୍ରୋନଗୁଡିକୁ ଇଣ୍ଟରସେପ୍ଟ କରିଛି। ଇରାନର ସର୍ବୋଚ୍ଚ ନେତା ମୋଜତାବା ଖାମେନେଇ କହିଛନ୍ତି ଯେ ହତ୍ୟାର ପ୍ରତିଶୋଧ ହତ୍ୟା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନାହିଁ। ତେଣୁ ଆମେରିକାର ପ୍ରତିଟି ଆକ୍ରମଣର କଡା ଜବାବ ଦିଆଯିବ। ରବିବାର ଏହି ଘମାଘୋଟ ଲଢେଇ ପରେ ଇରାନ ହର୍ମୁଜ ପ୍ରଣାଳୀକୁ ଜାହାଜ ଚଳାଚଳ ପାଇଁ ସମ୍ପୂର୍ଣ୍ଣ ବନ୍ଦ କରିଦେଇଛି। ଇରାନର ପର୍ସିଆନ ଗଲ୍ପ ଷ୍ଟ୍ରେଟ୍ ଅଥରିଟି (ପିଜିଏସ୍ଏ) କହିଛି ଯେ ଆମେରିକାର ସାମରିକ କାର୍ଯ୍ୟକଳାପ ଯୋଗୁଁ ହର୍ମୁଜ ପ୍ରଣାଳୀରେ କୌଣସି ଜାହାଜ ଚଳାଚଳକୁ ଅନୁମତି ପ୍ରଦାନ କରାଯିବ ନାହିଁ। ଆମେରିକା ସେନା ଏହି ଅଞ୍ଚଳ ଦେଇ ବେଆଇନ ଭାବେ ଯାତାୟାତ କରୁଛନ୍ତି ବୋଲି ପିଜିଏସ୍ଏ ଅଭିଯୋଗ କରିଛି। ଆଞ୍ଚଳିକ ସ୍ଥିରତା ପରେ ଜାହାଜ ଚଳାଚଳ ପାଇଁ ବିଭିନ୍ନ ଦେଶ ପକ୍ଷରୁ କରାଯାଉଥିବା ଅନୁରୋଧକୁ ବିଚାର କରାଯିବ। ତେଣୁ ବର୍ତ୍ତମାନ ସମୟ ପାଇଁ ହର୍ମୁଜ ପ୍ରଣାଳୀକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ କରାଯାଇଛି। ହର୍ମୁଜ ପ୍ରଣାଳୀ ବନ୍ଦ ନେଇ ଇରାନ ପକ୍ଷରୁ ହୋଇଥିବା ଦାବିକୁ ଆମେରିକା ଖଣ୍ଡନ କରିଛି। ଆମେରିକା କହିଛି ଯେ ହର୍ମୁଜ ପ୍ରଣାଳୀ ଜାହାଜ ଚଳାଚଳ ପାଇଁ ଖୋଲା ରହିଛି। ମୁକ୍ତ ଜାହାଜ ଚଳାଚଳ ପାଇଁ ଆମେରିକା ସେନା ସୁରକ୍ଷା ଯୋଗାଇ ଦେବାକୁ ପ୍ରସ୍ତୁତ ରହିଥିବା ସେଣ୍ଟକମ୍ କହିଛି। ଯୁଦ୍ଧ ଯୋଗୁଁ ଅନ୍ତର୍ଜାତୀୟ ବାଣିଜ୍ୟ ଓ ଅଶୋଧିତ ତୈଳ ବଜାର ଉପରେ ଏହାର ଗଭୀର ପ୍ରଭାବ ପଡ଼ିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ମାମଲାରେ ଆଲୋଚନା ଜାରି ରଖିବାକୁ କହିଥିବାବେଳେ ସାମରିକ କାର୍ଯ୍ୟାନୁଷ୍ଠାନ ପାଇଁ ସେନାକୁ ସମ୍ପୂର୍ଣ୍ଣ ସ୍ୱାଧୀନତା ଦେଇଛନ୍ତି। ଗୁଇନ୍ଦା ରିପୋର୍ଟ ଅନୁଯାୟୀ ପୂର୍ବ ଆକ୍ରମଣରେ ନଷ୍ଟ ହୋଇଯାଇଥିବା ନିଜର ପରମାଣୁ ଓ କ୍ଷେପଣାସ୍ତ୍ର କେନ୍ଦ୍ରଗୁଡ଼ିକୁ ଇରାନ ପୁଣିଥରେ ନିର୍ମାଣ କରିବାକୁ ଚେଷ୍ଟା କରୁଛି, ଯାହା ଆମେରିକା ଓ ଇସ୍ରାଏଲକୁ ଅଧିକ କ୍ରୋଧିତ କରିପାରେ। ଯୁଦ୍ଧ ଦ୍ୱାରା ଗତ ମାସରେ ସ୍ୱଜରଲ୍ୟାଣ୍ଡର ଜେନେଭା ଠାରେ ହୋଇଥିବା ୬୦ ଦିନିଆ ଅସ୍ତ୍ରବିରତି ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି।ଇରାନ ସହିତ ହୋଇଥିବା ଅସ୍ତ୍ରବିରତି ଶେଷ ନେଇ ଆମେରିକା ରାଷ୍ଟ୍ରପତି ଘୋଷଣା କରିଛନ୍ତି। ଯୁଦ୍ଧ ସତ୍ତ୍ୱେ ଓମାନ, କାତାର, ପାକିସ୍ତାନ ଓ ସାଉଦି ଆରବ ଭଳି ଦେଶଗୁଡ଼ିକ ଯୁଦ୍ଧ ଉତ୍ତେଜନା ହ୍ରାସ ପାଇଁ କୂଟନୈତିକ ପ୍ରୟାସ ଜାରି ରଖିଛନ୍ତି। ଭାରତ ସରକାର ଦୁଇ ଦେଶକୁ ଉତ୍ତେଜନା ହ୍ରାସ କରିବାକୁ ପରାମର୍ଶ ଦେଇଛନ୍ତି। ଆଗାମୀ କିଛି ଦିନ ମଧ୍ୟରେ ଯଦି ଶାନ୍ତି ଆଲୋଚନା ସଫଳ ନହୁଏ, ତେବେ ସମଗ୍ର ମଧ୍ୟପ୍ରାଚ୍ୟକୁ ଏକ ବିନାଶକାରୀ ଯୁଦ୍ଧର ସମ୍ମୁଖୀନ ହେବାକୁ ପଡିବ।

## ଆମେରିକୀୟ ଖେଳାଳିଙ୍କ ଦଣ୍ଡକୁ ପରିବର୍ତ୍ତନ କରାଗଲା !

ୱାଶିଂଟନ: ଫିଫା ବିଶ୍ୱକପ ୨୦୨୬ କୁ ନେଇ ଏକ ବଡ଼ ବିବାଦ ଦେଖାଦେଇଛି। ଲାଲ କାର୍ଡ ପାଇବା ପରେ ଆମେରିକୀୟ ଷ୍ଟ୍ରାଇକର ଫୋଲାରିନ ବାଲୋଗୁନଙ୍କୁ ଗୋଟିଏ ମ୍ୟାଚ ପାଇଁ ନିଲମ୍ବିତ କରାଯାଇଥିଲା, କିନ୍ତୁ ପରବର୍ତ୍ତୀ ସମୟରେ ତାଙ୍କ ଦଣ୍ଡକୁ ୧୨ ମାସ ପାଇଁ ସ୍ଥଗିତ ରଖାଯାଇଥିଲା। ଏହି ନିଷ୍ପତ୍ତି ଫିଫାର ଶୃଙ୍ଖଳାଗତ ପ୍ରକ୍ରିୟା ଉପରେ ପ୍ରଶ୍ନ ଉଠାଇଛି। ବୋସନିଆ ଏବଂ ହର୍ଜେଗୋଭିନା ବିପକ୍ଷ ରାଉଣ୍ଡ ୩୨ ମ୍ୟାଚ ସମୟରେ ବାଲୋଗୁନ ଲାଲ କାର୍ଡ ପାଇଥିଲେ। ନିୟମ ଅନୁଯାୟୀ, ସେ ବେଲଜିୟମ ବିପକ୍ଷ ରାଉଣ୍ଡ ୧୬ ମ୍ୟାଚ ହରାଇବା କଥା ଥିଲା। କିନ୍ତୁ, ପରେ ଫିଫା ତାଙ୍କର ଗୋଟିଏ ମ୍ୟାଚ ନିଲମ୍ବନକୁ ୧୨ ମାସ ପାଇଁ ସ୍ଥଗିତ ରଖିଥିଲା, ଯାହା ଫଳରେ ସେ ପରବର୍ତ୍ତୀ ଖେଳରେ ଖେଳିବା ପାଇଁ ଉପଲବ୍ଧ ହୋଇଥିଲେ। ରିପୋର୍ଟ ଅନୁଯାୟୀ, କେବଳ ଅଧ୍ୟକ୍ଷ, ମହମ୍ମଦ ଅଲ-କମାଲି, ଫିଫାର ୧୮ ସଦସ୍ୟ ବିଶିଷ୍ଟ ଶୃଙ୍ଖଳା କମିଟିର ଅନ୍ୟ ସଦସ୍ୟଙ୍କୁ ଏଡାଇ ଏହି ନିଷ୍ପତ୍ତି ନେଇଥିଲେ। ଆଶ୍ଚର୍ଯ୍ୟଜନକ ଭାବରେ, ଏହି ବିଷୟରେ ଅନ୍ୟ ୧୭ ସଦସ୍ୟଙ୍କଠାରୁ କୌଣସି ମତାମତ ଲୋଡାଯାଇ ନଥିଲା। ସାଧାରଣତଃ, ଏପରି ମାମଲାରେ ନିଷ୍ପତ୍ତି ଏକ କମିଟି ସଦସ୍ୟ ଏବଂ ଜର୍ଜ ପାଲାସିଓଙ୍କୁ ନେଇ ଗଠିତ ଏକ ପ୍ୟାନେଲ ଦ୍ୱାରା ନିଆଯାଇଥାଏ, ଯେତେବେଳେ ଏକ ତିନି ସଦସ୍ୟ ବିଶିଷ୍ଟ ପ୍ୟାନେଲ ପ୍ରମୁଖ କିମ୍ବା ପୂର୍ବ-ସ୍ଥାପନ ମାମଲାଗୁଡ଼ିକର ବିଚାର କରିଥାଏ। ଫଳସ୍ୱରୂପ, କେବଳ ଅଧ୍ୟକ୍ଷଙ୍କ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତିକୁ ଅସାଧାରଣ ଭାବରେ ଦେଖାଯାଉଛି। ଫିଫା ନିଶ୍ଚିତ କରିଛି ଯେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଫୋଲାରିନ ବାଲୋଗୁନଙ୍କୁ ଦିଆଯାଇଥିବା ଲାଲ କାର୍ଡ ସମୀକ୍ଷା କରିବାକୁ ଫିଫା ସଭାପତି ଜିଆନି ଇନଫାଣ୍ଟିନୋଙ୍କୁ ଅନୁରୋଧ କରିଥିଲେ। ଟ୍ରମ୍ପ ପରେ ସାର୍ବଜନୀନ ଭାବରେ ଏହି ହସ୍ତକ୍ଷେପକୁ ନିଶ୍ଚିତ କରିଥିଲେ। ଟୁର୍ଣ୍ଣାମେଣ୍ଟ ସମୟରେ ଲାଲ କାର୍ଡ ପାଇଥିବା ଅନ୍ୟ ୧୩ ଜଣ ଖେଳାଳିଙ୍କ ମଧ୍ୟରୁ କାହାରି ଦଣ୍ଡ ସ୍ଥଗିତ ନଥିବାରୁ ମଧ୍ୟ ପ୍ରଶ୍ନ ଉଠାଯାଉଛି। ଅନ୍ୟ ସମସ୍ତ ଖେଳାଳି ଟୁର୍ଣ୍ଣାମେଣ୍ଟ ସମୟରେ ନିଲମ୍ବନ ଭୋଗିଛନ୍ତି କିମ୍ବା ସେମାନଙ୍କ ଦଳ ବାଦ ପଡ଼ିବା ପରେ ଦଣ୍ଡ ଭୋଗିବେ। ବାଲୋଗୁନ ହେଉଛନ୍ତି ଏକମାତ୍ର ଖେଳାଳି ଯାହାଙ୍କ ଦଣ୍ଡ ଏହି ପ୍ରକାରେ ସ୍ଥଗିତ ରଖାଯାଇଛି।

## ବ୍ୟାଙ୍କକ୍‌ରେ ଭୟଙ୍କର ଅଗ୍ନିକାଣ୍ଡ ୧୮ ମହିଳାଙ୍କ ସମେତ ଜଳିଗଲେ ୨୭



ବ୍ୟାଙ୍କକ୍ : ଥାଇଲାଣ୍ଡର ରାଜଧାନୀ ବ୍ୟାଙ୍କକ୍‌ର ଏକ ବାର୍‌ରେ ଭୟଙ୍କର ଅଗ୍ନିକାଣ୍ଡ ଘଟି ଅତି କମ୍‌ରେ ୨୭ ଜଣଙ୍କର ମୃତ୍ୟୁ ଘଟିଛି। ୧୮ ମହିଳାଙ୍କ ସମେତ ୨୭ଜଣ ଜିଅନ୍ତା ଜଳିଯାଇଛନ୍ତି। ୬୦ ଆହତଙ୍କ ମଧ୍ୟରୁ ୨୨ ଜଣ ଗୁରୁତର ହୋଇଛନ୍ତି। ରବିବାର ବିଳମ୍ବିତ ରାତିରେ ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲେ। ସୋସିଆଲ ମିଡିଆ 'ଢ' ରେ ପୋଷ୍ଟ ହୋଇଥିବା ଫୁଟେଜରେ ଲୋକମାନେ ବାହାରକୁ ଦୌଡ଼ିବା ସମୟରେ ବାର୍‌ରୁ ନିଆଁ ବାହାରକୁ ବାହାରିବା, କିଛି ଲୋକ ଚିତ୍କାର କରିବା ଏବଂ କିଛି ଲୋକ ତଳେ ପଡ଼ିଯିବାର ଦେଖିବାକୁ ମିଳିଛି। ପ୍ରଧାନମନ୍ତ୍ରୀ ଆନୁଟିନ୍ ଚାର୍ଣ୍ଣଭିରାକୁଲ ଶୋକ ପ୍ରକାଶ କରବା ସହ ଏହାର ଉଚ୍ଚସ୍ତରୀୟ ତଦନ୍ତ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ଗଣମାଧ୍ୟମକୁ କହିଛନ୍ତି ଯେ, ୨୭ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି ଏବଂ ଅନ୍ୟମାନଙ୍କୁ ହସ୍ପିଟାଲକୁ ନିଆଯାଇଛି। ଅଗ୍ନିକାଣ୍ଡର କାରଣ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ।

## ନେପାଳରେ ପୁଣି ଜେନ୍ ଜି ବିକ୍ଷୋଭ

କାଠମାଣ୍ଡୁ,: ନେପାଳ ସରକାର କୌଣସି ଥଇଥାନ ଯୋଜନା ନ କରି ଜବରଦଖଲକାରୀଙ୍କୁ ଉଚ୍ଛେଦ କରୁଥିବାରୁ ଏହାର ପ୍ରତିବାଦରେ ରାଜଧାନୀ କାଠମାଣ୍ଡୁରେ ରବିବାର ଜୋର୍‌ଦାର ବିକ୍ଷୋଭ ହୋଇଛି। ଶତାଧିକ ଲୋକ ରାସ୍ତାକୁ ଓହ୍ଲାଇ ସରକାରଙ୍କ ଉଚ୍ଛେଦ ଅଭିଯାନର ପ୍ରତିବାଦ କରିଛନ୍ତି। ବିକ୍ଷୋଭକୁ ଦେଶର ଯୁବବର୍ଗ (ଜେନ୍ ଜି) ସମର୍ଥନ କରିବା ସହ ଉଚ୍ଛେଦ ଅଭିଯାନକୁ ଅମାନବୀୟ ବୋଲି କହିଛନ୍ତି। ଏହାର ପ୍ରତିବାଦ କରିଥିବା କେତେଜଣ ଆକ୍ଟିଭିଷ୍ଟ, ଛାତ୍ର ଓ ଖବରଦାତାଙ୍କୁ ପୋଲିସ ଗିରଫ କରିଛି। ଉଚ୍ଛେଦକୁ ବିରୋଧ କରି କିଛିଦିନ ପୂର୍ବରୁ ଗଣେଶ ନେପାଳୀ ନାମକ ଜଣେ ଯୁବକ କାଠମାଣ୍ଡୁରେ ଆତ୍ମଦାହ କରିଥିଲେ। ରବିବାର ଢାକାର ଏକ ସରକାରୀ କାର୍ଯ୍ୟାଳୟ ଆଗରେ ଜଏଣ୍ଟ ନ୍ୟାଶନାଲ ସ୍କାଟର୍ସ ଫ୍ରଣ୍ଟ ପକ୍ଷରୁ ବିକ୍ଷୋଭ କରାଯାଇଥିଲା। ସୂଚନାଯୋଗ୍ୟ, ଗତବର୍ଷ ଜେନ୍-ଜି ଆନ୍ଦୋଳନ ବ୍ୟାପକ ହେବାରୁ କେ.ପି. ଶର୍ମା ଓଲି ସରକାର କ୍ଷମତାଚ୍ୟୁତ ହୋଇଥିଲେ।

## ଆମେରିକୀୟ ବାୟୁସେନା ଘାଟି ଉପରେ ବଡ଼ ଧରଣର ଆକ୍ରମଣ

ୱାଶିଟନ୍: ପଶ୍ଚିମ ଏସିଆରେ ପୁଣି ଯୁଦ୍ଧ ଜାରି ରହିଛି। କୁଏତ,ବାହାରିନ ଏବଂ ଜୋର୍ଡାନରେ ଥିବା ଆମେରିକୀୟ ବାୟୁସେନା ଘାଟି ଉପରେ ଇରାନ ବଡ଼ ଧରଣର ଆକ୍ରମଣ କରିଛି। ଇରାନର ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆରଜିସି)ସୋମବାର ଘୋଷଣା କରିଛି, ଆମେ ଅଲି ଅଲ୍-ସାଲେମ୍ ବାୟୁସେନା ଘାଟିରେ ଇନ୍ଧନ ଟ୍ୟାଙ୍କ ଏବଂ ପାଟ୍ରିଅଟ୍ ବାୟୁ ପ୍ରତିରକ୍ଷା ପ୍ରଣାଳୀ ଏବଂ ଆମେରିକାର ଏକ ପ୍ରମୁଖ ଆଞ୍ଚଳିକ ସହଯୋଗୀ କୁଏତର ଅହମ୍ମଦ ଅଲ୍-ଜାବେର ବାୟୁସେନା ଘାଟିରେ ଏକ ରଣନୈତିକ ଏଫପିଏସ ରାଡାର ପ୍ରଣାଳୀକୁ ସମ୍ପୂର୍ଣ୍ଣ ଭାବରେ ଧ୍ୱଂସ କରିଛୁ।

'ଆଖି ବଦଳରେ ଆଖି' ଅଭିଯାନର ତୃତୀୟ ପର୍ଯ୍ୟାୟରେ ୱାସିଂଟନ ବିରୋଧରେ ଏହି ଆକ୍ରମଣ କରାଯାଇଛି। ଅଲ ଜାଜିରା ଅନୁଯାୟୀ, ଆଇଆରଜିସି କହିଛି ଯେ ଏହାର ବାୟୁସେନା ଦ୍ୱାରା କରାଯାଇଥିବା ଆକ୍ରମଣ ଆମେରିକୀୟ ସାମରିକ କାର୍ଯ୍ୟାନୁଷ୍ଠାନର ପ୍ରତିଶୋଧ। କୁଏତ ହେଉଛି ଆମେରିକାର ଏକ ପ୍ରମୁଖ ଉପସାଗରୀୟ ସହଯୋଗୀ, ଏଠାରେ ପ୍ରାୟ ୧୩,୦୦୦ ଆମେରିକୀୟ କର୍ମଚାରୀ ଅଛନ୍ତି। ଏହା ଆମେରିକାର କେନ୍ଦ୍ରୀୟ କମାଣ୍ଡ ସେଣ୍ଟକମ୍‌ର ସବୁଠାରୁ ବଡ଼ କେନ୍ଦ୍ର। ଅଲି ଅଲ-ସାଲେମ ବାୟୁସେନା ଘାଟି ଏବଂ ଅହମଦ ଅଲ-ଜାବେର ବାୟୁ ଘାଟି ହେଉଛି ଆମେରିକୀୟ ସେନା ଦ୍ୱାରା ଉନ୍ନତ ଆଞ୍ଚଳିକ ପ୍ରତିରକ୍ଷା ପାଇଁ ବ୍ୟବହୃତ ଗୁରୁତ୍ୱପୂର୍ଣ୍ଣ ଘାଟି। ଇରାନର ଆଇଆରଏନଏ ନ୍ୟୁଜ୍ ଏଜେନ୍ସି ଦ୍ୱାରା ପ୍ରସାରିତ ଏକ ବିବୃତିରେ ଇରାନୀ ସେନା କହିଛି, ଏହି ଅଞ୍ଚଳରେ ଥିବା ଆମେରିକୀୟ ଘାଟି ଉପରେ ଡ୍ରୋନ୍ ଆକ୍ରମଣ ଜାରି ରହିଛି। ଜୋର୍ଡାନ ଦାବି କରିଛି ଯେ, ଇରାନର ଚାରୋଟି କ୍ଷେପଣାସ୍ତ୍ରକୁ ଖସାଇ ଦିଆଯାଇଛି। କୁଏତ କହିଛି ଯେ, ଏହାର ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ଶତ୍ରୁର କ୍ଷେପଣାସ୍ତ୍ରର ମୁକାବିଲା କରୁଛି।

## ସେୟାର ବଜାରରେ ଝଟକା , ଖୋଲୁ ଖୋଲୁ ୭୦୦ ପଏଣ୍ଟ ଖସିଲା ସେନସେକ୍ସ

ନୂଆଦିଲ୍ଲୀ: ବିଶ୍ୱ ବଜାରରେ ଯୁଦ୍ଧ ପରିସ୍ଥିତିର ପ୍ରଭାବ ଭାରତୀୟ ସେୟାର ବଜାର ଉପରେ ମଧ୍ୟ ପଡ଼ିଛି । ସପ୍ତାହର ପ୍ରଥମ କାରବାର ଦିନରେ ନିବେଶକଙ୍କ ମଧ୍ୟରେ ଚିନ୍ତା ବଢ଼ିବା ସହ ବଜାରରେ ବଡ଼ ହ୍ରାସ ଦେଖାଯାଇଛି । କାରବାର ଆରମ୍ଭ ହେବା ମାତ୍ରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନସେକ୍ସ ପ୍ରାୟ ୭୦୦ ପଏଣ୍ଟ ତଳକୁ ଖସିଥିଲା । ସେହିପରି ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍‌ଟିରେ ମଧ୍ୟ ପ୍ରାୟ ୧୮୦ ପଏଣ୍ଟର ହ୍ରାସ ରେକର୍ଡ କରାଯାଇଛି । ଆନ୍ତର୍ଜାତୀୟ ସ୍ତରରେ ଯୁଦ୍ଧ ଆଶଙ୍କା, ବଢୁଥିବା ଅନିଶ୍ଚିତତା ଏବଂ ବିଶ୍ୱ ଅର୍ଥନୀତି ଉପରେ ପ୍ରଭାବ ନେଇ ନିବେଶକମାନେ ସତର୍କ ହୋଇଛନ୍ତି। ଏହାର ପ୍ରଭାବରେ ବଜାରରେ ବିକ୍ରି ଚାପ ବଢ଼ିଥିବା ଦେଖାଯାଇଛି। ବିଶେଷଜ୍ଞଙ୍କ ମତରେ, ଆଗାମୀ ଦିନରେ ବିଶ୍ୱସ୍ତରୀୟ ଘଟଣାକ୍ରମ, ତୈଳ ଦର ଏବଂ ଆନ୍ତର୍ଜାତୀୟ ବଜାରର ଗତିବିଧି ଭାରତୀୟ ସେୟାର ବଜାର ଉପରେ ପ୍ରଭାବ ପକାଇପାରେ । ଏନ୍‌ଏସ୍‌ଇ ନିଫ୍‌ଟି ୧୮୪ ପଏଣ୍ଟ ଖସିବା ସହ ୨୪ ହଜାର ୨୨ରେ ରହିଛି। ସପ୍ତାହାନ୍ତରେ ଯୁକ୍ତରାଷ୍ଟ୍ର ଏବଂ ଇରାନ୍ ମଧ୍ୟରେ କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ଆକ୍ରମଣ ପରେ ନିବେଶକାରୀଙ୍କ ମନୋବଳ ଦୁର୍ବଳ ହୋଇଛି। ଇରାନ୍ ହର୍ମୁଜ୍ ପ୍ରଣାଳୀ ପୁନର୍ବାର ବନ୍ଦ କରିବା ଘୋଷଣା କରିଛି, ଯାହା ବିଶ୍ୱ ତୈଳ ପରିବହନରେ ବାଧା ସୃଷ୍ଟି କରିବାର ଆଶଙ୍କା ସୃଷ୍ଟି ହୋଇଛି। ଅଶୋଧିକ ତୈଳ ଦର ୪ ପ୍ରତିଶତରୁ ଅଧିକ ବଢ଼ି ପ୍ରତି ବାରେଲ୍ ପିଛା ୭୯ ଦଶମିକ ୧୨ ଡଲାରରେ ପହଂଚିଛି। ଭାରତ ଅଧିକାଂଶ ତୈଳ ଆମଦାନି କରେ ବୋଲି ଉଚ୍ଚ ତୈଳ ମୂଲ୍ୟ ଦେଶର ଆମଦାନି ବିଲ୍, ମୂଲ୍ୟବୃଦ୍ଧି ଏବଂ କମ୍ପାନି ଲାଭକୁ ପ୍ରଭାବିତ କରିପାରେ।

# ବାଂଲାଦେଶରେ ପ୍ରଳୟଙ୍କରୀ ବନ୍ୟା: ୪୪ ମୃତ



ଢାକା: ବାଂଲାଦେଶରେ ମୌସୁମୀଜନିତ ପ୍ରବଳ ବର୍ଷା ଓ ବନ୍ୟା ଯୋଗୁ ସ୍ଥିତି ସଙ୍ଗିନ ହୋଇପଡ଼ିଛି। ଗତ ଏକ ସପ୍ତାହ ମଧ୍ୟରେ ବନ୍ୟା ଓ ଭୂସ୍ଖଳନଜନିତ ବିଭିନ୍ନ ଦୁର୍ଘଟଣାରେ ଅତିକମରେ ୪୪ଜଣ ପ୍ରାଣ ହରାଇଥିବାବେଳେ ପ୍ରାୟ ୨.୬ଲକ୍ଷରୁ ଅଧିକ ପରିବାର ପ୍ରଭାବିତ ହୋଇଛନ୍ତି। ନଦୀଗୁଡ଼ିକ ବିପଦସଙ୍କେତ ଉପରେ ପ୍ରବାହିତ ହେଉଥିବାରୁ ଦେଶର ଉତ୍ତର-ପୂର୍ବ ଏବଂ ଦକ୍ଷିଣ-ପୂର୍ବ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ଗତ ଶନିବାର ମଧ୍ୟରାତ୍ରିରୁ ରବିବାର ସକାଳ ୬ଟା ମଧ୍ୟରେ ରେକର୍ଡ ୭୬ ମିମି ବର୍ଷା ହେବା ଫଳରେ ରାଜଧାନୀ ଢାକାର ବହୁ ଅଞ୍ଚଳ ଜଳମଗ୍ନ ହୋଇଯାଇଛି , ଯାହାଦ୍ୱାରା ସହରୀ ଜୀବନଯାତ୍ରା ସମ୍ପୂର୍ଣ୍ଣ ବ୍ୟାହତ ହୋଇଛି। ସ୍ଥିତିକୁ ଦୃଷ୍ଟିରେ ରଖି ସ୍ଥାନୀୟ ପ୍ରଶାସନ ସହ ସେନା, ନୌସେନା ଓ ବାୟୁସେନାକୁ ଉଦ୍ଧାର ଏବଂ ରିଲିଫ୍ କାର୍ଯ୍ୟରେ ନିୟୋଜିତ କରାଯାଇଛି। ବାଂଲାଦେଶ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରଣାଳୟର ସୂଚନା ଅନଯାୟୀ , ଗତ ଜୁଲାଇ ୫ରୁ ଏପର୍ଯ୍ୟନ୍ତ ସରକାରୀ ଭାବେ ୪୪ଜଣଙ୍କ ମୃତ୍ୟୁ ରେକର୍ଡ କରାଯାଇଛି, ଯେଉଁଥିରେ ଜୁଲାଇ ୮ରେ କକ୍ସ ବଜାର ଶରଣାର୍ଥୀ ଶିବିରରେ ଭୂସ୍ଖଳନ ଯୋଗୁ ୭ଜଣ ରୋହିଙ୍ଗ୍ୟା ଶିଶୁ ଓ ଜଣେ ଶିକ୍ଷକ ପ୍ରାଣ ହରାଇଛନ୍ତି। ବର୍ତ୍ତମାନ ସୁଦ୍ଧା ପ୍ରାୟ ୨,୬୭,୯୧୮ ପରିବାର ଜଳବନ୍ଦୀ ଅବସ୍ଥାରେ ଥିବାବେଳେ, ୪୪,୪୫୭ରୁ ଅଧିକ ବନ୍ୟାବିପନ୍ନ ୧୧୦୦ରୁ ଊର୍ଦ୍ଧ୍ୱ ଆଶ୍ରୟସ୍ଥଳୀରେ ଶରଣ ନେଇଛନ୍ତି। ବନ୍ୟାଞ୍ଚଳରେ ଲୋକେ ଘରର ଛାତ ଉପରେ କିମ୍ବା ପ୍ଲାଷ୍ଟିକ ଜରି ଟାଣି ରାସ୍ତାକଡ଼ରେ ରହିବାକୁ ବାଧ ହେଉଛନ୍ତି। ଏପରିକି ଅନେକ ସ୍ୱାସ୍ଥ୍ୟକେନ୍ଦ୍ର ଜଳମଗ୍ନ ହୋଇଯାଇଥିବାରୁ ଚିକିସତ୍ା ସେବା ଯୋଗାଇବା କଷ୍ଟକର ହୋଇପଡ଼ିଛି। ଢାକା ସମେତ ପ୍ରମୁଖ ବନ୍ଦର ସହର ଚଟ୍ଟଗ୍ରାମ ମଧ୍ୟ ଏହି ମୂଷଳଧାରା ବର୍ଷା ଯୋଗୁ ଗମ୍ଭୀର ଭାବେ ପ୍ରଭାବିତ ହୋଇଛି। ଢାକାର ମିରପୁର ଭଳି ଅନେକ ଜନବହୁଳ ଅଞ୍ଚଳରେ ପାଣି ଜମି ରହିବା କାରଣରୁ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ବାଂଲାଦେଶର ବନ୍ୟା ପୂର୍ବାନୁମାନ ଓ ସତର୍କତା କେନ୍ଦ୍ର ଅନୁଯାୟୀ ମେଘନା ଓ ଦକ୍ଷିଣ-ପୂର୍ବ ପାର୍ବତ୍ୟ ଅବବାହିକାରେ ଥିବା ୪୫ଟି ନଦୀ ମନିଟରିଂ ଷ୍ଟେଶନ ମଧ୍ୟରୁ ୭ଟିରେ ଜଳସ୍ତର ବିପଦସଙ୍କେତ ଉପରେ ରହିଛି। ଆଗାମୀ ୨୪ରୁ ୪୮ ଘଣ୍ଟା ମଧ୍ୟରେ ବାଂଲାଦେଶର ସିଲହଟ୍, ରଙ୍ଗପୁର ଏବଂ ମୟମନସିଂହ ସମେତ ପଡ଼ୋଶୀ ଭାରତୀୟ ରାଜ୍ୟ ଆସାମ, ମେଘାଳୟ ଓ ପଶ୍ଚିମବଙ୍ଗରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ବ୍ରହ୍ମପୁତ୍ର ଅବବାହିକାର ଅନ୍ୟ ଜିଲ୍ଲାଗୁଡ଼ିକରେ ବନ୍ୟା ସ୍ଥିତି ଆହୁରି ସଙ୍ଗିନ ହେବାର ଆଶଙ୍କା କରାଯାଉଛି।

## ଆନ୍ଧ୍ରରେ ମାଡ଼ି ଚାଲିଛି କୋଭିଡ୍, ଓଡ଼ିଶାରେ ସୀମାନ୍ତ ଜିଲ୍ଲାରେ ହାଇଆଲର୍ଟ

ଆନ୍ଧ୍ରପ୍ରଦେଶ: ଆନ୍ଧ୍ରରେ ପୁଣି କାୟା ବିସ୍ତାର କଲାଣି କୋଭିଡ୍। ସଂକ୍ରମଣ ବୃଦ୍ଧି ପାଉଥିବା ବେଳେ ଦୁଇ ଜଣଙ୍କ ମୃତ୍ୟୁ ଖବର ମଧ୍ୟ ସାମ୍ନାକୁ ଆସିଛି । ତେବେ ଏହାକୁ ଦୃଷ୍ଟିରେ ରଖି ସୀମାନ୍ତ ଓଡ଼ିଶାରେ ହାଇଆଲର୍ଟ ଜାରି କରାଯାଇଛି। ରାଜ୍ୟରେ କୋଭିଡ୍ ସତର୍କତା ବ୍ୟବସ୍ଥା ଜାରି ରହିଥିବା ସହ ନିୟମିତ ଭାବେ ଟେଷ୍ଟିଂ କରାଯାଉଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ରବୀନ୍ଦ୍ରନାଥ ମିଶ୍ର ସୂଚନା ଦେଇଛନ୍ତି ।

ଆନ୍ଧ୍ର ପ୍ରଦେଶ ସୀମାବର୍ତ୍ତୀ ଓଡ଼ିଶାର ଜିଲ୍ଲାଗୁଡ଼ିକର ଉତ୍ତଗଢଂମାନଙ୍କୁ ସନ୍ଦିଗ୍ଧ ରୋଗୀଙ୍କର କୋଭିଡ୍ ପରୀକ୍ଷା କରାଇବାକୁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲା ମୁଖ୍ୟାଳୟ ହସ୍ପିଟାଲରେ ଟେଷ୍ଟିଂ ବ୍ୟବସ୍ଥା କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଆଗକୁ ରଥଯାତ୍ରା ଥିବାରୁ ସତର୍କତାକୁ ଅଧିକ ଗୁରୁତ୍ୱ ଦେଉଛନ୍ତି ରାଜ୍ୟ ସରକାର । ତେବେ କୌଣସି କୋଭିଡ୍ ଲକ୍ଷଣ ଦେଖାଦେଲେ ପ୍ରଚଳିତ କୋଭିଡ୍ ନିୟମାବଳୀ ଅନୁସାରେ ପରୀକ୍ଷା ଓ ଚିକିତ୍ସା କରାଯିବ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।






# ଲୀଳାମୟଙ୍କ ଘୋଷଯାତ୍ରା

ଐଶ୍ୱର୍ଯ୍ୟ ଓ ମାଧୁର୍ଯ୍ୟର କ୍ଷେତ୍ର ହେଉଛି ଶ୍ରୀକ୍ଷେତ୍ର। ଶ୍ରୀମନ୍ଦିରରେ ବାର ମାସରେ ତେର ପର୍ବ ପାଳିତ ହୁଏ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମହାନ ଗାଥା ବଖାଣେ ଏହି ଘୋଷଯାତ୍ରା। କାହିଁ କେଉଁ ଆଦିମକାଳରୁ କଳାଠାକୁର ପତିତ ଜନଙ୍କ ଉଦ୍ଧାରପାଇଁ ରତ୍ନ ବେଦୀ ପରିତ୍ୟାଗକରି ବଡଦାଣ୍ଡକୁ ଧାଇଁ ଆସୁଛନ୍ତି। ରଥଯାତ୍ରା ସହିତ ଓଡିଶାର ଜନଜୀବନ ଓ ସାଂସ୍କୃତିକ ଭାବ ପ୍ରବଣତାର ଏକ ସୁଦୀର୍ଘ ଇତିହାସ ରହିଛି। କେବଳ ସାଂସ୍କୃତିକ ବା ଧାର୍ମିକ ଜୀବନବୋଧ ନୁହେଁ , ବରଂ ଓଡ଼ିଶାର ରାଜନୀତି ଏବଂ ଅର୍ଥନୀତି ସହ ରଥଯାତ୍ରାର ନିବିଡ ସମ୍ପର୍କ ରହିଛି। ଏକଦା ଅର୍ଥନୈତିକ ଭାବରେ ଏହା ସାମନ୍ତବାଦ କବଳିତ ଓଡ଼ିଶାର ସବୁଠୁ ଅଧିକ 'ତୀର୍ଥ କର' ଦେଉଥିବା ଯାତ୍ରାଭାବରେ ପରିଗଣିତ ହେଉଥିଲା। ମୋଗଲ ଓ ମରାଠାମାନେ ରଥଯାତ୍ରା ସମୟରେ ଯାତ୍ରୀମାନଙ୍କଠାରୁ ବିପୁଳ କର ଆଦାୟ କରୁଥିଲେ। ଅନ୍ୟ ଏକ ଘଟଣାକ୍ରମରେ ଓଡ଼ିଶାରେ ନିଜର ରାଜନୈତିକ ପତିଆରା ବଜାୟ ରଖିବାକୁ ଖୋର୍ଦ୍ଧାର ଗଜପତି ରାଜାମାନେ ମହାପ୍ରଭୁଙ୍କ ଆଦ୍ୟ ସେବକ ଭାବରେ ଶ୍ରୀମନ୍ଦିରର ମୁଖିଆ ପଦ ମଣ୍ଡନ କରିଥିଲେ। ଐତିହାସିକ ଦୃଷ୍ଟିକୋଣରୁ ରଥଯାତ୍ରା ସହିତ ରାଜନୈତିକ କ୍ଷମତା ପ୍ରଦର୍ଶନର ଏକ ସୂକ୍ଷ୍ମ ଧାର୍ମିକ ସଂପର୍କ ରହି ଆସିଛି। ଏହା ଜାତି,ଧର୍ମ, ବର୍ଣ୍ଣ, ବିଶ୍ୱାସ ଓ ରାଷ୍ଟ୍ରୀୟତା ଆଦି ପ୍ରତିବନ୍ଧକର ବହୁ ଉର୍ଦ୍ଧ୍ୱରେ ଭକ୍ତମାନଙ୍କୁ ଜଗନ୍ନାଥଙ୍କ ପ୍ରତି ସେମାନଙ୍କ ହୃଦୟରେ ଥିବା ପ୍ରେମଭାବରେ ଏକତ୍ରୀତ କରିଥାଏ। ଆପଣ ଭାଗବତ ଅନୁରାଗୀ ଜଣେ ଭକ୍ତ ହୋଇଥାଆନ୍ତୁ କିମ୍ବା ଜଣେ ଜିଜ୍ଞାସୁ ଯାତ୍ରୀ ହୋଇଥାଆନ୍ତୁ , ସମସ୍ତଙ୍କ ପାଇଁ ରଥଯାତ୍ରାର ଅନୁଭବ ଆଧାତ୍ମିକ ଜାଗରଣ ଏବଂ ସାଂସ୍କୃତିକ ଉଦବୁଦ୍ଧତାର ଏକ ଯାତ୍ରା ଅଟେ। ବଡଦାଣ୍ଡରେ ରଥଗୁଡିକ ଗଡି ଯାଉଥିବାବେଳେ ସେମାନେ ପ୍ରେମ, ଏକତା ଏବଂ ଭକ୍ତ ଭଗବାନଙ୍କ ମଧ୍ୟରେ ଥିବା ଶାଶ୍ୱତ ବନ୍ଧନର ଚିରନ୍ତନ ସନ୍ଦେଶ ବହନକରି ଚାଲିଥାଆନ୍ତି। ରଥଯାତ୍ରାର ଐତିହାସିକ ଓ କିମ୍ବଦନ୍ତୀମୂଳକ ଆଲୋଚନାରୁ କେତୋଟି ବିଶେଷ ତଥ୍ୟାବଳୀର ଉପସ୍ଥାପନ ନିମ୍ନରେ କରାଗଲା। ଯଥା-

୧. ୧୬ଶ ଶତାବ୍ଦୀରେ ରଚିତ କପିଳ ସଂହିତାରେ ମହାପ୍ରଭୁ ଶ୍ରୀଜଗନ୍ନାଥ ନିଜେ ରତ୍ନସିଂହାସନ ତ୍ୟାଗକରି ନିଜ ଭକ୍ତମାନଙ୍କୁ ସକଳ ପାପତାପରୁ ମୁକ୍ତି ଦେବାପାଇଁ ରଥରେ ବସି ବଡଦାଣ୍ଡରେ ବିଜେ କରିବାର ପ୍ରତିଶ୍ରୁତି ଦେଇଛନ୍ତି। ତେଣୁ ଏହା ମହାପ୍ରଭୁଙ୍କ ନିଜ ଇଚ୍ଛାର ଯାତ୍ରା। ଏହି ଯାତ୍ରାରେ ଭକ୍ତଙ୍କ ଭୂମିକା ସବୁଠୁ ଆଗରେ।



ତେଣୁ ଏହାକୁ ନବ ଦିନାତ୍ମକ ପତିତପାବନ ଯାତ୍ରା ବୋଲି ମଧ୍ୟ କୁହାଯାଏ।

୨. ଶ୍ରୀମନ୍ଦିରଠାରୁ ତିନି କି. ମି. ଦୂର ଗୁଣ୍ଡିଚା ମନ୍ଦିରକୁ ଶ୍ରୀଜଗନ୍ନାଥଙ୍କ ଜନ୍ମବେଦୀ ବୋଲି ମଧ୍ୟ କୁହାଯାଏ। ସ୍କନ୍ଦ ପୁରାଣର ଉତ୍କଳ ଖଣ୍ଡରେ ଜଗନ୍ନାଥ ନିଜେ କହିଛନ୍ତି- ଆଷାଢ ଶୁକ୍ଳପକ୍ଷ ଦ୍ୱିତୀୟା ଦିନ ଆମ୍ଭଙ୍କୁ ବଳଭଦ୍ର ଓ ସୁଭଦ୍ରାଙ୍କ ସହ ସେଇ ମହାବେଦୀକୁ ରଥରେ ବସାଇ ଘେନିଯିବ। ସେହି ମହାବେଦୀ ଆମ୍ଭର ଆଦ୍ୟ ପୀଠ ଓ ସେଠାରେ ତୁମେ ରାଜା ଇନ୍ଦ୍ରଦ୍ୟୁମ୍ନ ହଜାରେ ଅଶ୍ୱମେଧ ଯଜ୍ଞ କରିଛ। (ଉତ୍କଳ ଖଣ୍ଡ-୨୯/୩୪)

୩. କପିଳ ସଂହିତା,ସ୍କନ୍ଦ ପୁରାଣ, ବ୍ରହ୍ମ ପୁରାଣ ଓ ନୀଳାଦ୍ରି ମହୋଦୟ ଇତ୍ୟାଦି ଗ୍ରନ୍ଥରେ ରଥଯାତ୍ରାର ପ୍ରାଚୀନ ବିବରଣୀ ଲିଖିତ ହୋଇ ରହିଛି। ସେହିପରି ମାଦଳା ପାଞ୍ଜିରେ ମଧ୍ୟ ରଥଯାତ୍ରା ଓ ତା'ର ବିଭିନ୍ନ ସମୟର ସମସ୍ୟା-ସଙ୍କଟ ବିଷୟରେ ଉଲ୍ଲେଖ ରହିଛି।

୪. ପ୍ରଥମ ରଥଯାତ୍ରା ସମ୍ପର୍କିତ ତଥ୍ୟ ମାଦଳାପାଞ୍ଜିରେ କେଶରୀ ବଂଶର ଆଲୋଚନାରୁ ଜଣାଯାଏ। ମୁରାରୀ କବିଙ୍କର 'ଅନର୍ଘ ରାଘବ' (ଦଶମ ଶତାବ୍ଦୀ) ନାଟକରେ ମଧ୍ୟ ରଥଯାତ୍ରାର ଉଲ୍ଲେଖ ରହିଛି। କେତେକ ଗବେଷକଙ୍କ ମତରେ ରଥଯାତ୍ରାରେ ବୌଦ୍ଧ ଓ ଜୈନ ପରମ୍ପରା ଏବଂ କିଛିକିଛି ତନ୍ତ୍ର ପରମ୍ପରାର ପ୍ରଭାବ ରହିଛି ବୋଲି ମଧ୍ୟ କୁହାଯାଏ।

୫. ଧାର୍ମିକ ଓ ଆଧାତ୍ମିକ ଦୃଷ୍ଟିକୋଣରୁ ରଥକୁ ଶରୀର ଓ ଚଳନ୍ତି ଦେଉଳ ସହିତ ତୁଳନା କରାଯାଇଛି। ତେବେ ସାମାଜିକ ଇତିହାସ ଦୃଷ୍ଟିରୁ ଏହା ଓଡ଼ିଶାର ସବୁଠାରୁ ବଡ ରାଜନୈତିକ ଯାତ୍ରା। ଏହାର ଏକମାତ୍ର କାରଣ ହେଉଛି ମହାପ୍ରଭୁ ଶହଶହ ବର୍ଷଧରି ଓଡ଼ିଶାର ରାଜାଧିରାଜ ଏବଂ ଓଡ଼ିଶାର ଗଜପତି ତାଙ୍କର ରାଉତ ବୋଲି ସ୍ୱୀକାର କରିବା। ତେଣୁ ମହାପ୍ରଭୁଙ୍କ ଉପରେ ବାହ୍ୟ ଆକ୍ରମଣକାରୀ ଓ ଲୁଣ୍ଠନକାରୀ ସବୁବେଳେ ଦାଉ ସାଧିଛନ୍ତି।

୬. ଶ୍ରୀମନ୍ଦିର ଉପରେ ଯବନ ରକ୍ତବାହୁ ଠାରୁ ଆରମ୍ଭ କରି ତକି ଖାନ୍ ପର୍ଯ୍ୟନ୍ତ ବହୁ ଆକ୍ରମଣକାରୀ ଲୋଲୁପ ଦୃଷ୍ଟି ପକାଇଛନ୍ତି। ତେବେ ୧୬୦୯ ମସିହାରେ ମୋଗଲ ଦରବାରରେ ସେନାପତି ଥିବା ହିନ୍ଦୁ ରାଜପୁତ୍ କେଶୋଦାସ୍ ମାରୋ ରଥଯାତ୍ରା ସମୟରେ ପୁରୀ ଆକ୍ରମଣ କରିଥିଲେ।

୭. କେଶୋଦାସ୍ ମାରୋର ରଥଯାତ୍ରା ଆକ୍ରମଣ ବିଷୟ ଉଲ୍ଲେଖକରି ମାଦଳାପାଞ୍ଜିରେ ଲେଖାଅଛି ଯେ, ' ଏ ମହାରାଜାଙ୍କ ଯାତ୍ରୀପଣେ କେଶୋଦାସ୍ ମାରୋ ଆସି ଗୁଣ୍ଡିଚା ଯାତ୍ରା ଦେଖି ଦୁଇ ଦେଉଳ ଧଇଲା। ପରମେଶ୍ୱର ଗୁଣ୍ଡିଚା ଘରେ ବିଜେ କରିଥିଲେ। ତିନିରଥ ପୋଡିଦେଲା। ଗୁଣ୍ଡିଚା ଘରେ ଅନେକ ମାଇଲା।' ରଥଯାତ୍ରା ସମୟରେ ଏହା ବୋଧହୁଏ ସବୁଠୁ ବଡ ଆକ୍ରମଣ ଯାହା ଜଣେ ହିନ୍ଦୁ ସେନାପତିଙ୍କ ଦ୍ୱାରା ସଂଘଟିତ ହୋଇଥିଲା।

୮. ୧୮୦୩ ମସିହାରେ ବ୍ରିଟିଶମାନେ ଓଡ଼ିଶା ଦଖଲ କଲେ। ୧୮୦୪ ମସିହାରେ କଟକର ଗୋରା କମିଶନ ଜନ୍ ମେଲଭିଲ୍ ରଥଯାତ୍ରା ଦେଖିବାକୁ ଆସି ନିଜ ରିପୋର୍ଟରେ ଲେଖିଲେ ଯେ- 'ମୁଁ ପୁରୀରେ ପହଞ୍ଚିଲା ମାତ୍ରେ ଯାତ୍ରୀ ଓ ସେବାୟତମାନେ କରତାଳି ତଥା କୋଳାହଳ ମାଧ୍ୟମରେ ମୋତେ ସ୍ୱାଗତ ଜଣାଇଲେ। ଏଥିରୁ ମୋତେ ଲାଗୁଛିଯେ, ସେବାୟତ ଓ ଯାତ୍ରୀଙ୍କ ମନରେ ବ୍ରିଟିଶ ସରକାରଙ୍କ ପ୍ରତି ଉତ୍ତମ ମନୋଭାବ ରହିଛି। ସୁତରାଂ ଜଗନ୍ନାଥ ରଥଯାତ୍ରା ଯଥାବିଧି ଚାଲୁବୋଲି ମୁଁ ଅନୁମୋଦନ କରୁଅଛି।' ଏହା ପରଠାରୁ ବ୍ରିଟିଶ ସରକାର ମନ୍ଦିର ପରିଚାଳନାରେ ଅନୁପ୍ରବେଶ କରିନଥିଲେ।

୯. ରଥଯାତ୍ରା ପରିଚାଳନା ନିମିତ୍ତ ଗଜପତି ଅମଳରୁ ଆଜିଯାଏ ବହୁ ନିୟମ ଓ ବିଧାନ ଗଢା ହୋଇଛି ଓ ଭଙ୍ଗା ମଧ୍ୟ ହୋଇଛି। ତେବେ ରଥଯାତ୍ରା ସହ ସାଧାରଣ ଭକ୍ତଙ୍କ ଆବେଗ ଶହଶହ ବର୍ଷ ଧରି ଯେମିତି କି ସେମିତି ରହି ଆସିଛି। ଏହାହିଁ ଲୀଳାମୟଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାର ସବୁଠାରୁ ବଡ ସାର୍ଥକତା। ରହସ୍ୟମୟ ଶ୍ରୀଜଗନ୍ନାଥଙ୍କ ସଂସ୍କୃତିକୁ ଅବଲୋକନ କଲେ ଭାରି ରୋଚକ ଲାଗେ। ପୁରାଣ ଓ ଇତିହାସ ଲୀଳାମୟ ପ୍ରଭୁଙ୍କ ଲୀଳା ବଖାଣି ଚାଲିଛି ଏବଂ ଚାଲୁଥିବ ମଧ୍ୟ।

**ଜୟ ଜଗନ୍ନାଥ ସ୍ୱାମୀ**



**ପ୍ରଶାନ୍ତ କୁମାର ନାୟକ**
ୟୁନିଟ୍-୫, ଭୁବନେଶ୍ୱର , ୮୨୪୯୬୫୦୪୧୪

## ଜଣାଶୁଣା ହେଲୁ ତୁ ଭାବ ଠାକୁର

ତାରାପ୍ରସାଦ ଜେନା

ତୋର ମହଣକୁ ସୁନା ଝଟକୁଛି
ମୋର ପାଖେ ଚିନେ ନାହିଁ
ଜଣାଶୁଣା ହେଲୁ ତୁ ଭାବ ଠାକୁର
ଆଉ କିବା ଯିବି କାହିଁ
ତୋର ମହଣକୁ ସୁନା ଝଟକୁଛି
........।୦।

ସୁଖ ଦେଇଥିଲେ ମୁଁ ତ ଭୋଗିଥାନ୍ତି
ଦୁଃଖ ବି ଭୋଗୁଛି ଏଠି
ତୁ ମୋର ସାଆନ୍ତ ତୋର ପାଦ
ତଳେ
ଖଟିବି ମୁଁ ସଦା ବେଠି,
ମୋର ଭାଗ୍ୟ ସୁଖ ସଦା ମିଳୁଥାଉ
ତୋର ଚକାଆଖି ଚାହିଁ
ତୋର ମହଣକୁ ସୁନା ଝଟକୁଛି
........।୧।

କେତେ ଯୋଗୀ ଭୋଗୀ କେତେ
ଦୁଃଖୀ ରଙ୍କି
ସବୁ ତୋହଠାରେ ଠୁଳ
ଜଗତ ମୋହନ ଲୀଳା ଲଗେଇଛୁ
ତୁହି ପରା ଆଦିମୂଳ,
ତୋର ଶୂନ୍ୟପାଦ ଲୁହେ
ଧୋଉଥିବି
ନିତି ଜଞ୍ଜାଳରେ ମୁହିଁ
ତୋର ମହଣକୁ ସୁନା ଝଟକୁଛି
........।୨।

**ରାଜ ରଣପୁର, ଜିଲ୍ଲା-ନୟାଗଡ଼**
**୯୩୪୮୦୫୪୩୦୦**

## ରଥରେ କାଳିଆ ସୁନା



ଆଷାଢର ଶୁକ୍ଳ ଦ୍ୱିତୀୟା ତିଥିରେ
ଆସୁଛି ରଥ ଯାତରା
ବରଷକେ ଥରେ ଆସେ ଏହି ଯାତ
ନେଇ ଭକତି ପସରା।
ଭକତଂକ ଡାକ ଏଡାଇ ନପାରି
ରତ୍ନ ସିଂହାସନ ଛାଡି
ଭାଇ ଭଉଣୀଂକ ସାଥିରେ କାଳିଆ
ବାହାରନ୍ତି ରଥ ଚଢି।
ଚଉଦ ଚକର ତାଳଧ୍ୱଜ ରଥେ
ବିଜେ ବଳଭଦ୍ର ଜ୍ୟେଷ୍ଠ
ଶ୍ରୀମୁଖ ବସନ୍ତି ପୂଣ୍ୟ ନନ୍ଦିଘୋଷେ
ଷୋହଳ ଚକ ବିଶିଷ୍ଟ।
ମଝିରେ ରୁହନ୍ତି ସୁଭଦ୍ରା ଭଉଣୀ
ଦେବଦଳନ ରଥରେ
ବାରଟି ଚକରେ ତାଂକ ରଥ ଗଡେ
ଦୁଇ ଭାଇଂକ ମଝିରେ।
ତିନି ଠାକୁରଂକ ଅପୂର୍ବ ଶୋଭାକୁ
ଭାଷାରେ ଲେଖିବା କଷ୍ଟ
ଘଣ୍ଟ ମୁରୁଦଂଗ କାହାଳୀ ଶବଦେ
ଦାଣ୍ଡ ହୁଏ ପ୍ରକମ୍ପିତ।
ତୂରୀ ଭେରୀ ସାଥେ ଶଂଖ ହୁଳହୁଳି
ହରିବୋଲ ଧ୍ୱନି ଶୁଭେ
ରଥ ଦଉଡିକୁ ଶ୍ରଦ୍ଧାରେ ଟାଣିଲେ
ମୋକ୍ଷପ୍ରାପ୍ତି ହୁଏ ସର୍ଗେ।
ଦୂର ଦୂରାନ୍ତରୁ ଲକ୍ଷ ଲକ୍ଷ ଭକ୍ତ
ଶ୍ରୀକ୍ଷେତ୍ର ଆସନ୍ତି ଧାଇଁ
ଦୁଃଖ ନାଶନକୁ ଶ୍ରଦ୍ଧାରେ ଡାକିଲେ
କୃପା କରିଥାନ୍ତି ସାଇଁ।
ନଅ ଦିନ ରହି ମାଉସୀ ମା' ଘରେ
ଫେରନ୍ତି କାଳିଆ ସୁନା
ରଥ ପରେ ବସି ସରାଗେ କରନ୍ତି
ଭକ୍ତଂକ ଗୁହାରି ଶୁଣା।

● ରାମଚନ୍ଦ୍ର ବେହେରା
**ତେନ୍ତୁଳିପଦା,ଜଗତସିଂହପୁର**
**ମୋ-୭୩୫୫୬୩୪୩୪୬**

# ଶ୍ରୀଜଗନ୍ନାଥ ସଂସ୍କୃତିରେ ଶ୍ରୀଜୟଦେବଙ୍କ ଗୀତଗୋବିନ୍ଦ

ସମଗ୍ର ଭୂମଣ୍ଡଳରେ ଯେତେ ଉନ୍ନତ ଓ ଆଧାତ୍ମିକ ସଂସ୍କୃତି ରହିଛି ସେଥି ମଧ୍ୟରୁ ଜଗନ୍ନାଥ ସଂସ୍କୃତି ହେଉଛି ସର୍ବ ଶ୍ରେଷ୍ଠୋତ୍ତମ ସଂସ୍କୃତି। ଏହି ସଂସ୍କୃତିରେ ସର୍ବ ଧର୍ମ ସମନ୍ୱୟ ଭାବ ସହିତ, ଭକ୍ତକୁ ପୂଜ୍ୟ ପୂଜାର ସ୍ଥାନ ପ୍ରଦାନ କରାଯାଇଛି। କାରଣ ଏ ସଂସ୍କୃତିର ଇଷ୍ଟ ଅଟନ୍ତି ଭକ୍ତବତ୍ସଳ ମହାପ୍ରଭୁ ଶ୍ରୀଜଗନ୍ନାଥ। ସେ ଏପରି ଏକ ଠାକୁର ଯେ, ଭକ୍ତର ଭକ୍ତି ପାଇଁ ରତ୍ନବେଦୀ ଛାଡ଼ି କୁଡ଼ିଆକୁ ମଧ୍ୟ ଆସନ୍ତି ଏବଂ ଭକ୍ତର ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ବି ସମ୍ପୂର୍ଣ୍ଣ କରନ୍ତି। ସେ'ଭଳି ଭକ୍ତ ମଧ୍ୟ ନିଜ ଭକ୍ତି ରସରେ ମଜ୍ଜି ଏପରି କାଳଜୟୀ ରଚନା କରିଦିଏ ଯେ, ଯାହା କି ଭଗବାନ ଭକ୍ତର ଅଧୀନ ହେବାକୁ ବାଧ୍ୟ ହୋଇଯାନ୍ତି। ସେହିପରି ରଚନାର ରଚୟିତା ହେଉଛନ୍ତି ମହାକବି ତଥା ଭକ୍ତ ଶ୍ରେଷ୍ଠ ଶ୍ରୀଜୟଦେବ। ତାହାଙ୍କ ଦ୍ୱାରା ବିରଚିତ କାଳଜୟୀ ରସପୂର୍ଣ୍ଣ ମହାକାବ୍ୟର ନାମ ହେଲା 'ଗୀତଗୋବିନ୍ଦ'। ଯାହା ଜଗନ୍ନାଥ ସଂସ୍କୃତି ପାଇଁ ଏକ ଅମୂଲ୍ୟ ଗ୍ରନ୍ଥ। ଏଥିରେ ୧୨ ଗୋଟି ସର୍ଗ ରହିଛି। ତେଣୁ ଆଲଙ୍କାରିକ ଦୃଷ୍ଟିରୁ ଏହା ଏକ ମହାକାବ୍ୟ। ସେଥିପାଇଁ ଜୟଦେବଙ୍କୁ ମହାକବି କୁହାଯାଏ। କିନ୍ତୁ ତାଙ୍କର ଚର୍ଚ୍ଚା ଗୀତିକାବ୍ୟକାରମାନଙ୍କ ମଧ୍ୟରେ ଦେଖାଯାଏ। 'ଗୀତଗୋବିନ୍ଦ' ଏକ ଗାନପ୍ରଧାନ ସଙ୍ଗୀତମୟ କାବ୍ୟ। ଏଥିରେ ନାଟ୍ୟ, ନୃତ୍ୟ ଓ ବାଦ୍ୟର ସମନ୍ୱିତ ରୂପ ରହିଛି। ଏଥିପାଇଁ ବିଦ୍ୱାନମାନେ ଜୟଦେବ ଗୀତିକାବ୍ୟର ପ୍ରଥମ ସ୍ରଷ୍ଟା ବୋଲି ମତ ପୋଷଣ କରିଛନ୍ତି।

ମହାକବି ଜୟଦେବଙ୍କ ଜନ୍ମିତ ସ୍ଥାନ ଉପରେ ଅନେକଙ୍କ ଭିନ୍ନ ଭିନ୍ନ ମତ ଦେଖାଇବାକୁ ମିଳେ। ସେଥି ମଧ୍ୟରୁ ଅଧିକାଂଶଙ୍କ ମତ ହେଉଛି ଯେ, ଜୟଦେବ ତତ୍କାଳୀନ ଉତ୍କଳ ପ୍ରଦେଶର ପୁରୀ ମଣ୍ଡଳ ଅନ୍ତର୍ଗତ (ବର୍ତ୍ତମାନ ଓଡ଼ିଶା ରାଜ୍ୟର ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ) ପ୍ରାଚୀ ନଦୀ କୂଳରେ ଅବସ୍ଥିତ କେନ୍ଦୁବିଲ୍ୱ ନାମକ ଗ୍ରାମର ଏକ ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ପିତା ନାମ ଭୋଜଦେବ ଏବଂ ମାତାଙ୍କ ନାମ ଥିଲା ରମାଦେବୀ। ଏହି ବିଷୟରେ ମହାକବି ସ୍ୱରଚିତ ଗୀତଗୋବିନ୍ଦର ଅନ୍ତିମ ଶ୍ଲୋକରେ କହିଛନ୍ତି: ଶ୍ରୀଭୋଜଦେବପ୍ରଭବସ୍ୟ ରମାଦେବୀ ସୁତଶ୍ରୀ ଜୟଦେବକସ୍ୟ। ପରାଶରାଦି ପ୍ରିୟବର୍ଗକଣ୍ଠେ ଶ୍ରୀଗୀତଗୋବିନ୍ଦ କବିତ୍ୱମସ୍ତୁ।। ସେହିପରି କାବ୍ୟରେ ଅନେକ ସ୍ଥାନରେ ସେ 'ଜୟତି ପଦ୍ମାବତୀ ରମଣଜୟଦେବକବିଃ' ଉଲ୍ଲେଖ କରିଛନ୍ତି। ଏହି ଉକ୍ତିରୁ ଜଣାପଡ଼େ ଯେ, ପଦ୍ମାବତୀ ଜୟଦେବଙ୍କ ଧର୍ମପତ୍ନୀ ଥିଲେ।

ପୂର୍ବରୁ କୁହାଯାଇଛି ଯେ, ଜୟଦେବଙ୍କ ଶ୍ରେଷ୍ଠ କୀର୍ତ୍ତି ହେଉଛି 'ଗୀତଗୋବିନ୍ଦ'। ଯାହା ସଂସ୍କୃତ ଭାଷାରେ ରଚିତ ହୋଇଛି। ଏହି ମହାକାବ୍ୟରେ ଶ୍ରୀରାଧା ଓ ଶ୍ରୀକୃଷ୍ଣଙ୍କର ଦିବ୍ୟ ପ୍ରେମ, ବିରହ, ମିଳନ ଏବଂ ରାସଲୀଳା ଆଦିକୁ ଅତି ସୁନ୍ଦର ଭାବରେ ଉପସ୍ଥାପନା କରାଯାଇଛି। ଏଥିରେ ଶୃଙ୍ଗାର ରସର ପ୍ରାଧାନ୍ୟ ଥିଲେ ମଧ୍ୟ ଏହା କାମୁକତା ନୁହେଁ, ବରଂ ଜୀବାତ୍ମା (ରାଧା) ଏବଂ ପରମାତ୍ମା (କୃଷ୍ଣ)ଙ୍କ ମିଳନର ଆଧାତ୍ମିକ ରୂପକ। ଉକ୍ତ ଗ୍ରନ୍ଥ ବିଷୟରେ ଅନେକ ଚମତ୍କାରୀ ଲୋକକଥା ରହିଛି। ସେଥିମଧ୍ୟରୁ ପ୍ରସିଦ୍ଧ କଥାଟି ହେଉଛି 'ଦେହି ପଦପଲ୍ଲବମୁଦାରମ୍'। ଜୟଦେବ କାବ୍ୟ ରଚନା ସମୟରେ ଯେତେବେଳେ ଶ୍ରୀକୃଷ୍ଣ ରାଧାଙ୍କ ମାନଭଞ୍ଜନ ପାଇଁ ତାଙ୍କ ପାଦକୁ ନିଜ ମୁଣ୍ଡରେ ରଖିବା କଥା ଆସିଲା, ସେତେବେଳେ ସେ (ଜୟଦେବ) ଭଗବାନଙ୍କ ପ୍ରତି ଏପରି ଲେଖିବାକୁ ସଙ୍କୋଚ ବୋଧ କଲେ ଏବଂ ସେ ଅସମ୍ପୂର୍ଣ୍ଣ ଲେଖାଟିକୁ ବନ୍ଦ କରି ଗାଧୋଇବାକୁ ଚାଲିଗଲେ। ସେହି ସମୟରେ ସ୍ୱୟଂ ଜଗନ୍ନାଥ ଜୟଦେବଙ୍କ ରୂପ ଧାରଣ କରି ଆସିଲେ ଏବଂ ପୋଥିରେ 'ସ୍ମରଗରଳଖଣ୍ଡନଂ ମମ ଶିରସି ମଣ୍ଡନଂ ଦେହି ପଦପଲ୍ଲବମୁଦାରମ୍' ପଦଟି ଲେଖିଦେଇ ଚାଲିଗଲେ। ଏହା ପରେ ଜୟଦେବ ଯେତେବେଳେ ଫେରିଲେ ସେ ଏହି ଦିବ୍ୟ ଲୀଳାକୁ ବୁଝି ଭାବବିହ୍ୱଳ ହୋଇପଡ଼ିଥିଲେ।




ଆମ ଜଗନ୍ନାଥ ସଂସ୍କୃତିରେ ?ଶେଷତଃ ଶ୍ରୀଜଗନ୍ନାଥଙ୍କୁ ସ୍ୱୟଂ ଶ୍ରୀକୃଷ୍ଣ ବା ବିଷ୍ଣୁ ଭାବେ ପୂଜା କରାଯାଏ। କିନ୍ତୁ କବି ଜୟଦେବ ତାଙ୍କ ଗୀତଗୋବିନ୍ଦରେ ଶ୍ରୀଜଗନ୍ନାଥଙ୍କୁ ହିଁ ରାଧା-କୃଷ୍ଣଙ୍କ ଯୁଗଳ ମୂର୍ତ୍ତି ଏବଂ ପୂର୍ଣ୍ଣବ୍ରହ୍ମ ଭାବେ ଚିତ୍ରିତ କରିଛନ୍ତି। ମହାପ୍ରଭୁ କବିଙ୍କ ପାଇଁ କେବଳ ଏକ ଦାରୁର ମୂର୍ତ୍ତି ନଥିଲେ, ବରଂ ସେ ଥିଲେ ତାଙ୍କ ନିମନ୍ତେ ସାକ୍ଷାତ୍ ବ୍ରଜେନ୍ଦ୍ର ନନ୍ଦନ ଶ୍ରୀକୃଷ୍ଣ। ସାଧାରଣତଃ ପୁରାଣ ମାନଙ୍କରେ ବିଷ୍ଣୁଙ୍କୁ ମୂଳ ଦେବତା ଏବଂ ଜଗନ୍ନାଥ କିମ୍ବା କୃଷ୍ଣଙ୍କୁ ତାଙ୍କର ଅବତାର କୁହାଯାଇଥାଏ। କିନ୍ତୁ ଜୟଦେବ ଏକ ବିପପ୍ଲବାତ୍ମକ ଆଧାତ୍ମିକ ଚିନ୍ତାଧାରା ଆଣିଲେ। ସେ ଦର୍ଶାଇଥିଲେ ଯେ ଶ୍ରୀଜଗନ୍ନାଥ (ଶ୍ରୀକୃଷ୍ଣ) ହେଉଛନ୍ତି ମୂଳ ଅବତାରୀ ବା କାରଣ ସ୍ୱରୂପ ଏବଂ ମୀନ, କୂର୍ମ, ବରାହ ଆଦି ଦଶଗୋଟି ଅବତାର ତାଙ୍କ ମଧ୍ୟରୁ ହିଁ ସୃଷ୍ଟି ହୋଇଛନ୍ତି। ଯାହା ସ୍ପଷ୍ଟ କରେ ଯେ ଜଗନ୍ନାଥ ହିଁ ସମସ୍ତ ଅବତାରର ଉତ୍ସ। ଶ୍ରୀମନ୍ଦିରର ରତ୍ନବେଦୀରେ ଏବଂ ସାନ୍ଧ୍ୟ ଆଳତୀ ସମୟରେ ଏହି ଦଶାବତାର ଚିନ୍ତାଧାରାର ଝଲକ ଦେଖିବାକୁ ମିଳେ। ଯାହା ଦ୍ୱାଦଶ ଶତାବ୍ଦୀରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ଏହି ଗୀତଗୋବିନ୍ଦ ଗାନ କରାଯିବାର ପରମ୍ପରା ଚାଲି ଆସିଛି। ଜଗନ୍ନାଥ ସଂସ୍କୃତିରେ ଗୀତଗୋବିନ୍ଦ କେବଳ ଏକ ସାହିତ୍ୟିକ ଗ୍ରନ୍ଥ ନୁହେଁ, ଏହା ମହାପ୍ରଭୁଙ୍କ ସେବାପୂଜାର ଏକ ଅପରିହାର୍ଯ୍ୟ ଅଙ୍ଗ। କାଳିଆ ସାଆନ୍ତଙ୍କ ବ ?ସିଂହାର ବେଶ ହେଉ ବା ପହୁ ? ନୀତିରେ ପ୍ରତିଦିନ ଗୀତଗୋବିନ୍ଦ ଗାନ କରାଯାଏ। ବିଶ୍ୱାସ ରହିଛି ଯେ ମଧୁର ଗୀତଗୋବିନ୍ଦ ନଶୁଣିଲେ ମହାପ୍ରଭୁଙ୍କୁ ନିଦ ଆସେ ନାହିଁ। ଶ୍ରୀମନ୍ଦିରର ନାଟମଣ୍ଡପରେ ମହାରୀ ବା ଦେବଦାସୀମାନେ ଏହି ସଙ୍ଗୀତର ପଦାବଳୀ ଉପରେ ନୃତ୍ୟ ପ୍ରଦର୍ଶନ କରି ପ୍ରଭୁଙ୍କୁ ସନ୍ତୁଷ୍ଟ କରୁଥିଲେ। ସେହିପରି ମହାପ୍ରଭୁଙ୍କ ବ ?ସିଂହାର ବେଶରେ ବ୍ୟବହୃତ ହୋଇଥାଏ ବିଶେଷ ଖଣ୍ଡୁଆ ପାଟ ଯହିଁରେ ଗୀତଗୋବିନ୍ଦର ଶ୍ଲୋକଗୁଡ଼ିକ ବୁଣାଯାଇଥାଏ। ଏହି ପବିତ୍ର ବସ୍ତ୍ରକୁ ମହାପ୍ରଭୁ ଅଙ୍ଗରେ ଧାରଣ କରନ୍ତି।

ଐତିହାସିକ ସ୍ୱୀକୃତି ଓ ରାଜକୀୟ ଆଦେଶ ଜଗନ୍ନାଥ ସଂସ୍କୃତି ସହିତ ଜୟଦେବଙ୍କ ଗୀତଗୋବିନ୍ଦର ସମ୍ପର୍କ ଏତେ ନିବିଡ଼ ଥିଲା ଯେ ଓଡ଼ିଶାର ସୂର୍ଯ୍ୟବଂଶୀ ଗଜପତି ରାଜା ପ୍ରତାପରୁଦ୍ର ଦେବ ଏକ ସ୍ୱତନ୍ତ୍ର ଶିଳାଲେଖ ଖ୍ରୀଷ୍ଟାବ୍ଦ ୧୪୯୯ରେ ଜାରି କରିଥିଲେ। ଏହି ଜୟ-ବିଜୟ ଦ୍ୱାର ଶିଳାଲେଖ ଅନୁଯାୟୀ, ଶ୍ରୀମନ୍ଦିରରେ କେବଳ କବି ଜୟଦେବଙ୍କ ଗୀତଗୋବିନ୍ଦ ହିଁ ଗାନ କରାଯିବ। ଅନ୍ୟ କୌଣସି କାବ୍ୟ ବା ଗୀତ ପ୍ରଭୁଙ୍କ ଆଗରେ ଗାନ କରାଯାଇପାରିବ ନାହିଁ। ଏହି ଆଦେଶ ପ୍ରମାଣିତ କରେ ଯେ, ଜଗନ୍ନାଥ ଚେତନା ଓ ସଂସ୍କୃତିରେ ଜୟଦେବଙ୍କ ସ୍ଥାନ କେତେ ଉଚ୍ଚରେ ରହିଥିଲା। ସେଭଳି ଗୁଣ୍ଡିଚା ମନ୍ଦିରର ମୁଖ୍ୟ ସିଂହଦ୍ୱାର ସମ୍ମୁଖରେ ଅବସ୍ଥିତ ଦଶ ଅବତାର ମଠ ଶ୍ରୀକ୍ଷେତ୍ର ପୁରୀର ଏକ ପ୍ରାଚୀନ ଏବଂ ଆଧାତ୍ମିକ ଗୁରୁତ୍ୱପୂର୍ଣ୍ଣ ମଠ ଅଟେ। ଏହି ମଠଟି ବିଶ୍ୱପ୍ରସିଦ୍ଧ 'ଗୀତଗୋବିନ୍ଦ'ର ରଚୟିତା ଭକ୍ତକବି ଜୟଦେବଙ୍କ ସ୍ମୃତି ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ସହିତ ଗଭୀର ଭାବେ ଜଡ଼ିତ। ଜୟଦେବ ଯେତେବେଳେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ଓ ସେବା ପାଇଁ ପୁରୀ ଆସୁଥିଲେ, ସେ ଏହି ମଠର ପରିସରରେ ଅବସ୍ଥାନ କରୁଥିଲେ। ତାଙ୍କ ଦ୍ୱାରା ରଚିତ ଗୀତଗୋବିନ୍ଦର ପ୍ରଥମ ସର୍ଗ 'ଦଶାବତାର ସ୍ତୋତ୍ରମ୍' (ଶ୍ରୀତକମଳାକୁଚମଣ୍ଡଳ...) ଏହି ସ୍ଥାନର ଚେତନା ସହ ମେଳ ଖାଏ। ମଠ ମଧ୍ୟରେ କବି ଜୟଦେବଙ୍କ ସ୍ମୃତିରକ୍ଷା ପାଇଁ ବିଭିନ୍ନ ବ୍ୟବସ୍ଥା ରହିଛି। ସଂକ୍ଷେପରେ କହିବାକୁ ଗଲେ, କବି ଜୟଦେବ ହେଉଛନ୍ତି ଶ୍ରୀଜଗନ୍ନାଥ ସଂସ୍କୃତିର ସର୍ବଶ୍ରେଷ୍ଠ ବାହକ ଓ ପ୍ରଚାରକ। ସେ ତାଙ୍କ କାବ୍ୟ ମାଧ୍ୟମରେ କାଷ୍ଠମୂର୍ତ୍ତି ଜଗନ୍ନାଥଙ୍କୁ ଭାବମୟ, ରସମୟ ଓ ପ୍ରେମମୟ ପରମବ୍ରହ୍ମ ଭାବେ ରୂପାନ୍ତରିତ କରିଛନ୍ତି। ଜୟଦେବଙ୍କ ବିନା ଜଗନ୍ନାଥଙ୍କ ରୀତିନୀତି ଏବଂ ଆଧାତ୍ମିକ ସୌନ୍ଦର୍ଯ୍ୟ କଳ୍ପନା କରାଯାଇପାରିବ ନାହିଁ। ସେଥିପାଇଁ ଜଗନ୍ନାଥ ସଂସ୍କୃତିର ଇତିହାସରେ କବି ଜୟଦେବ ଓ ଗୀତଗୋବିନ୍ଦର ସ୍ଥାନ ସଦାସର୍ବଦା ଅମର ଓ ଅକ୍ଷୁର୍ଣ୍ଣ ରହିବ।



**ଅଧ୍ୟାପକ ହେମନ୍ତ କୁମାର ଗନ୍ତାୟତ**
ଖମ୍ବେଶ୍ୱରୀ ପାଟଣା, ଆସିକା ଗଞ୍ଜାମ
୯୮୬୧୩୩୪୮୬୮



## ବିଦ୍ୟୁତ୍ ଫାଶରେ ପଡି ମହିଳାଙ୍କ ମୃତ୍ୟୁ

ବୁଗୁଡା, ୧୩।୭(ଅକ୍ଷର ଓଡିଶା): ବୁଗୁଡ଼ା ଥାନା ଅନ୍ତର୍ଗତ ତାକରଡା ଗ୍ରାମରେ ବିଦ୍ୟୁତ ଫାଶରେ ପଡି ଜନୈକା ମହିଳାଙ୍କ ମୃତ୍ୟୁ ଘଟିଥିବା ଜଣାଯାଇଛି । ମୃତା ମହିଳା ଜଣକ ହେଲେ ତାକରଡା ଗାଁ ଆଡୁଆସାହି ନିବାସୀ ସୀତାରାମ ପ୍ରଧାନଙ୍କ ସ୍ତ୍ରୀ କାନ୍ତା ପ୍ରଧାନ (୫୫) । ପୋଲିସ ଥାନାରେ କେସ୍ ନଂ୨୬/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଏସଆଇ ଅର୍ଜୁନ ମଲ୍ଲିକଙ୍କଠାରୁ ପ୍ରକାଶ ପାଇଛି । ପ୍ରକାଶ ଯେ, ଗତ ଶନିବାର ସନ୍ଧ୍ୟାରେ କାନ୍ତା ବିଲରୁ ଚାଷକାମ ସାରି ଘରକୁ ଫେରୁଥିବା ବେଳେ ବନ୍ୟଜନ୍ତୁ ଶିକାର ଉଦ୍ଦେଶ୍ୟରେ ବିଛାଯାଇଥିବା ବିଦ୍ୟୁ ଫାଶରେ ପଡିଯାଇଥିଲେ । ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ କାନ୍ତାଙ୍କୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଖୋଜାଖୋଜି କରିଥିଲେ ସୁଦ୍ଧା ତାଙ୍କର କୌଣସି ପତ୍ତା ମିଳିନଥିଲା । ତେବେ ରବିବାର ସକାଳେ ଲୋକେ ବିଦ୍ୟୁତ୍ ଫାଶରେ ପଡି ମୃତ୍ୟୁ ବରଣ କରିଥିବା ଦେଖିବାକୁ ପାଇଥିଲେ ।

# ୧୬ ଦିନ ଧରି ଅନ୍ଧାରରେ ଗଞ୍ଜୁ ଗ୍ରାମ, ଦୁଇ ଦିନ ମଧ୍ୟରେ ବିଦ୍ୟୁତ୍ ନଆସିଲେ କାର୍ଯ୍ୟାଳୟ ଘେରାଉ

ଫିରିଙ୍ଗିଆ, ୧୩।୭ (ଅକ୍ଷର ଓଡ଼ିଆ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ ପକାରି ପଞ୍ଚାୟତର ୭ ନମ୍ବର ୱାର୍ଡସ୍ଥିତ ଗଞ୍ଜୁ ଗ୍ରାମରେ କାଳବୈଶାଖୀ ଝଡ଼ ପରଠାରୁ ଗତ ୧୬ ଦିନ ଧରି ବିଦ୍ୟୁତ୍ ସେବା ସମ୍ପୂର୍ଣ୍ଣ ବନ୍ଦ ରହିଥିବାରୁ ଗ୍ରାମବାସୀ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଝଡ଼ ସମୟରେ ଟ୍ରାନ୍ସଫର୍ମର ସହ ସଂଯୁକ୍ତ ବିଦ୍ୟୁତ୍ ତାର ପୋଡ଼ି ନଷ୍ଟ ହୋଇଯାଇଥିବାରୁ ଗାଁକୁ ବିଦ୍ୟୁତ୍ ଯୋଗାଣ ବନ୍ଦ ହୋଇଯାଇଛି । ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ସମସ୍ୟା ନେଇ ବାରମ୍ବାର ବିଦ୍ୟୁତ୍ ବିଭାଗର



ଅଭିଯୋଗ ନମ୍ବର ୧୯୧୨ରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି କର୍ମଚାରୀ ଆସି କ୍ଷତିଗ୍ରସ୍ତ ତାର ପରିବର୍ତ୍ତନ କରିନାହାନ୍ତି । ଫଳରେ ସମଗ୍ର ଗ୍ରାମ ଅନ୍ଧାରରେ ରହିବା ସହ ପିଲାମାନଙ୍କ ପାଠପଢ଼ା ବ୍ୟାହତ ହେଉଛି । ରାତିରେ ରୋଗୀଙ୍କ ସେବା, ମୋବାଇଲ୍ ଚାର୍ଜିଂ ଏବଂ ନେଟୱର୍କ ସୁବିଧା ନ ମିଳିବାରୁ ଲୋକମାନେ ବହୁ ସମସ୍ୟାରେ ପଡୁଛନ୍ତି । ଦୀର୍ଘ ୧୬ ଦିନ ଧରି ବିଦ୍ୟୁତ୍ ସେବା ସାଭାବିକ ନ ହେବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି । ୱାର୍ଡ ମେମ୍ବର ଉମେଶ କହଁରଙ୍କ ସହ ଉତ୍ତମ କହଁର, ବିଶୁଙ୍କ କହଁର, ଅଜୟ କହଁର ଓ ଅନ୍ୟାନ୍ୟ ଗ୍ରାମବାସୀ କହିଛନ୍ତି ଯେ, ଆସନ୍ତା ଦୁଇ ଦିନ ମଧ୍ୟରେ କ୍ଷତିଗ୍ରସ୍ତ ତାର ପରିବର୍ତ୍ତନ କରି ବିଦ୍ୟୁତ୍ ସେବା ପୁନରୁଦ୍ଧାର ନ କରାଗଲେ ବିଦ୍ୟୁତ୍ କାର୍ଯ୍ୟାଳୟ ଘେରାଉ କରାଯିବ । ଏନେଇ ସମ୍ପୃକ୍ତ ବିଦ୍ୟୁତ୍ ବିଭାଗ ତୁରନ୍ତ ପଦକ୍ଷେପ ନେଇ ଗଞ୍ଜୁ ଗ୍ରାମରେ ବିଦ୍ୟୁତ୍ ସେବା ସାଭାବିକ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## କାନପୁରକୁ କେବେ ଗଡ଼ିବ ମୁଖ୍ୟମନ୍ତ୍ରୀ ବସ ସେବା

## ଗମନା ବାଧାପ୍ରାପ୍ତ ନିରାଶ ହେଉଛନ୍ତି ଯାତ୍ରୀ

ଆଠଗଡ଼,୧୩।୭(ଅକ୍ଷରଓଡ଼ିଶା): ନରସିଂହପୁର ବ୍ଲକ ଅନ୍ତର୍ଗତ କାନପୁର କୁ କେବେ ଗଡିବ ମୁଖ୍ୟମନ୍ତ୍ରୀ ବସ ସେବା, ଯାହାକୁ ନେଇ ବଢୁଛି ସନ୍ଦେହ ଆଜି ପର୍ଯ୍ୟନ୍ତ ଏହି ଅଞ୍ଚଳ କୁ ମୁଖ୍ୟମନ୍ତ୍ରୀ ବସ ସେବାର ସୁଫଳ ଲୋକ ମାନେ ପାଉ ନଥିବା ବେଳେ ଏହି ବାଟ ଦେଇ ବିଭିନ୍ନ ବେସରକାରୀ ଗାଡିର ପରିମିଟ୍ ଥିଲେ ମଧ୍ୟ ଅନେକ ଗାଡି ଯାଉ ନଥିବାରୁ ନିରାଶ ହେଉଛି । ଯାତ୍ରୀ ବିଶେଷ କରି କଲେଜ ଛାତ୍ର ଛାତ୍ରୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

ସୂଚନାରୁ ପ୍ରକାଶ ଯେ, ନରସିଂହପୁର ବ୍ଲକର କାନପୁର ଥାନା ଅଧୀନରେ କାନପୁର,ବାଲିଝରୀ,ବାସେଳିହତା, ସିଆରିଆ, ଋଷିପଡା, ଓଳବ, ଗୋଡ଼ିବନ୍ଧ, ବୋକଡା, ଅଡେଇଗୁଣ୍ଡି, ଚମ୍ପେଶ୍ୱର, କାଞ୍ଜିଆପଦା, ପଦାମାଳ, ଏକଡାଳ, ପାଇକ ବାରବାଟୀ, ୧୪ ଟି ପଞ୍ଚାୟତର ପ୍ରାୟ ୮୦ ହଜାରରୁ ଅଧିକ ଲୋକ ଏହି ଥାନା ଉପରେ ନିର୍ଭର କରିଥାନ୍ତି । କାନପୁରରେ ଥାନା ସହିତ ମୁଖ୍ୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, କାନପୁର ମହାବିଦ୍ୟାଳୟ, ସହିତ ଦୁଇଟି ଉଚ୍ଚ ବିଦ୍ୟାଳୟ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ରହିଛି । କାନପୁର ଟି କଟକ ନରସିଂହପୁର ମୁଖ୍ୟ ରାସ୍ତାର ଚମ୍ପେଶ୍ୱର ଛକ ଠାରୁ ପ୍ରାୟ ୩ କିଲୋମିଟର ଦୂର ହୋଇଥିବା ବେଳେ ଋଷିପଡା ଛକ ଠାରୁ ମଧ୍ୟ ପ୍ରାୟ ୩ କିଲୋମିଟର ଦୂର ଗ୍ରାମାଞ୍ଚଳ ରାସ୍ତାରେ ଅବସ୍ଥିତ ଏହି ଅଞ୍ଚଳଟି ବିଶେଷ କରି ଏହି ଅଞ୍ଚଳକୁ ଗମନା ଗମନାର ବିଶେଷ ସମସ୍ୟା ରହିଛି । ଏହି ଅଞ୍ଚଳକୁ ଆଜି ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ବସ ସେବା ଏହି ଅଞ୍ଚଳକୁ ପହଁଞ୍ଚି ପାରିନି । ନିର୍ବାଚନ ପୂର୍ବରୁ ପୂର୍ବ ବିଜେଡି ସରକାର ଅମଳରେ ଲକ୍ଷ୍ମୀ ବସ ସେବା ଆରମ୍ଭ ହୋଇଥିଲା ତାହା ଏବେ ନୂଆ ବିଜେପି ସରକାରରେ ମୁଖ୍ୟମନ୍ତ୍ରୀ ବସ ସେବା ହୋଇଛି । କିନ୍ତୁ ଆଜି ପର୍ଯ୍ୟନ୍ତ ଏହି ଅଞ୍ଚଳକୁ ବସ ପହଁଞ୍ଚି ପାରିଲାନି ।ଖାଲି ସେତିକି ନୁହେଁ ଏହି ରାସ୍ତା ଦେଇ ପ୍ରାୟ ୮ ଟି ବସର ଯାତାୟାତ ପାଇଁ ପରିମିଟ ଥିଲେ ମଧ୍ୟ ହାତ ଗଣତି କେତୋଟି ବସକୁ ଛାଡିଦେଲେ ଅନ୍ୟ କୌଣସି ବସ ବର୍ଷ ବର୍ଷ ଧରି ଏହି ରାସ୍ତାରେ ଯାଉନି ଯାହା ଫଳରେ ମେଡିକାଲ, ଥାନା, ଓ କଲେଜ ଉପରେ ନିର୍ଭର କରୁଥିବା ଲୋକମାନେ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଯାହା ଫଳରେ ଏହାର ଲାଭ ନେଉଛନ୍ତି କିଛି ଅଟୋ । ଯାତ୍ରୀ ମାନେ ଶହ ଶହ ଟଙ୍କା ଖର୍ଚ୍ଚ କରି ଅଟୋରେ ବିଭିନ୍ନ ଗାଡି ମୋଟରରେ ଯିବାକୁ ବାଧ ହେଉଛନ୍ତି ।ବିଶେଷ କରି କଲେଜ ଛାତ୍ରଛାତ୍ରୀ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

## ସାହି ବାସିନ୍ଦା-ପୋଲିସ ସମନ୍ୱୟ ବୈଠକ

ପୁରୀ ୧୩/୦୭ (ଅକ୍ଷର ଓଡ଼ିଶା): ଆଗାମୀ ରଥଯାତ୍ରାକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବା ଉଦ୍ଦେଶ୍ୟରେ ମାର୍କଣ୍ଡେଶ୍ୱର ସାହିର ମୁରବି, ସେବାୟତ ଓ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଜିଲ୍ଲା ପୋଲିସର ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ରବିବାର ସନ୍ଧ୍ୟାରେ ବୁଢୀମାଠାକୁରାଣୀ ଜାଗାରେ ଅନୁଷ୍ଠିତ ଏହି ବୈଠକରେ ଏସପି ପ୍ରତୀକ ସିଂ ଯୋଗଦେଇ ରଥଯାତ୍ରା ସମୟରେ ଭକ୍ତଙ୍କ ସୁରକ୍ଷା,ଶୃଙ୍ଖଳିତ ଦର୍ଶନ,ଭିଡ଼ ନିୟନ୍ତ୍ରଣ, ସୁବ୍ୟବସ୍ଥିତ ଗମନା ଗମନ, ଜରୁରୀକାଳୀନ ସହାୟତା ସମ୍ପର୍କରେ ଆଲୋଚନା କରିଥିଲେ । ସେ କହିଥିଲେ ଯେ ରଥଯାତ୍ରା ବିଶ୍ୱର କୋଟି କୋଟି ଭକ୍ତଙ୍କ ଆସ୍ଥାର ମହାପର୍ବ । ଏହାକୁ ଶାନ୍ତିପୂର୍ଣ୍ଣ ଓ ସଫଳତାର ସହ ସମ୍ପନ୍ନ କରିବାକୁ ପୋଲିସ, ପ୍ରଶାସନ,ସେବାୟତ ଓ ସ୍ଥାନୀୟ ବାସିନ୍ଦାଙ୍କ ସହଯୋଗ ଅତ୍ୟନ୍ତ ଜରୁରୀ ବୋଲି ଏସ ପି କହିଥିଲେ ।

## ସିଦ୍ଧାର୍ଥ ଜୁନିଅର କଲେଜରେ ସନ୍ଥକବି ଭୀମଭୋଇଙ୍କ ଉପରେ ଜାତୀୟ ପାଠଚକ୍ର ଅନୁଷ୍ଠିତ

ବିନିକା,୧୩।୭(ପ୍ରତାପ ରୁଦ୍ର କର୍ଣ୍ଣ): ସୁବର୍ଣ୍ଣପୁର ଜିଲ୍ଲା ବିନିକା ସ୍ଥିତ ସିଦ୍ଧାର୍ଥ ଜୁନିଅର କଲେଜରେ ରବିବାର ନିଖିଳ ଭାରତ ଓଡ଼ିଆ ଅଧ୍ୟାପକ ସମ୍ବଲେନ ଓ ସିଦ୍ଧାର୍ଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଓଡ଼ିଆ ସନ୍ଥ ସାହିତ୍ୟ ପୁରୋଧା ଭୀମ ଭୋଇଙ୍କ ଉପରେ ଏକ ଜାତୀୟ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହାକୁ ସୁବର୍ଣ୍ଣପୁର ଜିଲ୍ଲପାଳ ଡ଼ ନୃପରାଜ ସାହୁ ଉଦ୍ଘାଟନ କରିଥିଲେ କ୍ଷ ପ୍ରଫେସର ଡ଼ କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଜିଲ୍ଲାପାଳ ଶ୍ରୀ ସାହୁ ଯୋଗଦେଇ ସନ୍ଥ କବି ଭୀମଭୋଇ ଏକାଧାରରେ ଜଣେ ସନ୍ୟାସୀ,ସାଧୁ,ସନ୍ଥ,ସମାଜ ସଂସ୍କାରକ ଓ ବିପ୍ଳବୀ କବି ଭାବେ ଜନମାନସରେ ପରିଚିତ ବୋଲି କହିଥିଲେ । ପ୍ରଥମ ପର୍ଯ୍ୟାୟରେ ଅନୁଷ୍ଠିତ ସମ୍ମେଳନରେ ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ସିଦ୍ଧାର୍ଥ ଜୁନିଅର କଲେଜ ଅଧକ୍ଷା ରେଖା ପ୍ରଧାନ ସାଗତ ଭାଷଣ ପ୍ରଦାନ କରିବା ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ ସୂଚନା ଦେଇଥିଲେ । ଏଥିରେ ସମ୍ମାନିତ ଅତିଥି ଭାବେ




ନିଖିଳ ଭାରତ ଓଡ଼ିଆ ଅଧ୍ୟାପକ ସମ୍ମେଳନ କାର୍ଯ୍ୟକାରୀ ପରିଷଦ ସଦସ୍ୟ ପ୍ରଫେସର ଅନନ୍ତ କିଶୋର ଜେନା, ଭିର୍ଟି ପ୍ରବନ୍ଧ ବିଶିଷ୍ଟ ଗବେଷକ ଓ ସାହିତ୍ୟକ ପ୍ରଫେସର କାଳିଦାସ ମିଶ୍ର, ଆଲୋଚକ ଝାଡ଼ଖଣ୍ଡ ରାଜ୍ୟ ଚାଇବସା କୋହେ୍ଲଣ ବିଶ୍ୱ ବିଦ୍ୟାଳୟ ସହଯୋଗୀ ପ୍ରଫେସର ଡ଼ ବାଳକୃଷ୍ଣ ବେହେରା ଯୋଗଦେଇ ଭୀମଭୋଇଙ୍କ ରଚିତ ଗ୍ରନ୍ଥାବଳୀ ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମକୁ ନି.ଭା.ଓ ଅଧ୍ୟାପକ ସମ୍ମେଳନ ଉପ ସଭାପତି ଡ଼ ପଲ୍ଲିଶ୍ରୀ ପଟ୍ଟନାୟକ ସଂଯୋଜନା କରିଥିବା ବେଳେ ସାଧାରଣ ସମ୍ପାଦକ ଡ଼ ରମେଶ ଚନ୍ଦ୍ର ବେହେରା ବିବରଣୀ ପଠନ ଓ ସାମାଜିକ ଗଣମାଧ୍ୟମ ଡ଼ କାଳିଆ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।ସେହିପରି ଦ୍ୱିତୀୟ ପର୍ଯ୍ୟାୟ ବୈଷୟିକ ଅଧିବେଶନରେ ନି ଭା ଓ କାର୍ଯ୍ୟକାରୀ ସଭାପତି ଡ଼ କୁଳମଣି ଓଝାଙ୍କ ସଭାପତିତ୍ୱରେ ମୁଖ୍ୟବକ୍ତା ଭାବେ ସୋନପୁର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ଼ ସନ୍ତୋଷ କୁମାର ପାଢ଼ୀ,ସମୀକ୍ଷକ କାର୍ଯ୍ୟକାରୀ ପରିଷଦ ସଦସ୍ୟ ଡ଼ ରଞ୍ଜିତ କୁମାର ପରିଡ଼ା ଯୋଗଦେଇ ସନ୍ଥ କବି ଭୀମଭୋଇଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ ।

## ଦିନକୁ ଦିନ ଅଶାନ୍ତ ହେବାରେ ଲାଗିଛି ବ୍ରହ୍ମପୁର ସହର

ବ୍ରହ୍ମପୁର, ୧୩।୭( ଅକ୍ଷର ଓଡ଼ିଶା): ବ୍ରହ୍ମପୁର ସଦର ଥାନା ଅଞ୍ଚଳରେ ଏକ ଯୁବକଙ୍କୁ ନିର୍ମମ ଭାବେ ଏକ ପ୍ଲାଷ୍ଟିକ ପାଇପ ମାଧ୍ୟମ ରେ ଦୀର୍ଘ ସମୟ ଧରି ମାଡ଼ ମାରୁଥିବାର ଭିଡ଼ିଓ ଏବେ ସହର ରେ ଚାଞ୍ଚଲ୍ୟ ଖେଳାଇ ଦେଇଛି । ଏକ ଜୈନିକ ଦଳିତ ଯୁବକକୁ ପ୍ଲାଷ୍ଟିକ ପାଇପ୍ ରେ ଅକଥନୀୟ ନିର୍ଯ୍ୟାତନା, ମାଡ଼ ମାରିବାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଯୁବକ ଜଣକ ଅଭିଯୋଗର ଲିଖିତ ଏକ ପୋଷ୍ଟ ମଧ୍ୟ ଭାଇରାଲ ହେଉଛି । ତେବେ ପୂର୍ବ ଶତ୍ରୁତା କୁ କେନ୍ଦ୍ର କରି ଏହି ପରି ଘଟଣା ଘଟିଥିବା ଆହତ ହେଇଥିବା ଯୁବକ ଅଭିଯୋଗ କରିଛନ୍ତି । ତେବେ ଏହି ଘଟଣାର ଭିଡ଼ିଓ ବେଶ ଜୋର ରେ ଭାଇରାଲ ହେବାରେ ଲାଗିଛି । ପୋଲିସ ଏହି ଭିଡ଼ିଓ ଆଧାର ରେ ତଦନ୍ତ କରି ପ୍ରସାନ୍ତ ଦାସ ଙ୍କ ଲିଖିତ ଅଭିଯୋଗ କ୍ରମେ ଆର.ଶିବରାମ ଏବଂ କେ.ବୁଲୁ କୁ ଆରେଷ୍ଟେ କରି ଅଧିକ ଖୋଳତାଡ଼ କରୁଥିବା ବ୍ରହ୍ମପୁର ଏସପି ସୂଚନା ପ୍ରଦାନ କରିଛନ୍ତି । ତେବେ ଆଗାମୀ ଦିନ ରେ ବ୍ରହ୍ମପୁର ସହର ରେ ଅପରାଧି ମାନେ ପୁଣି ମୁଣ୍ଡ ଟେକିବେ ନା ପୋଲିସ ର ପାରିବା ପଣିଆ ଦେଖି ମୁଣ୍ଡ ପୋତୁଛନ୍ତି ତାହା ଦେଖିବାକୁ ବାକି ରହିଲା ।

## ଟ୍ରକ ପଛପଟୁ ଧକ୍କା ଦେଇ ଦୁଇ ବାଇକ୍ ଆରୋହୀ ଗୁରୁତର ଆହତ

ଗଞ୍ଜାମ, ୧୩।୭ (ଅକ୍ଷର ଓଡ଼ିଶା): ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ଥାନା ଅନ୍ତର୍ଗତ ବାସୁଦେବପୁର ଗ୍ରାମର ବିଶ୍ୱାସ ଡାକୁଆ ଓ ଶୁଭମ ଡାକୁଆ ଉଭୟ ବ୍ରହ୍ମଗିରି ଅଲାରନାଥ ଦର୍ଶନ ସାରି ଫେରୁଥିବା ବେଳେ ଖଲ୍ଲିକୋଟ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥ କେଶପୁର ଅଗ୍ନିଶମ କେନ୍ଦ୍ର ନିକଟରେ ଟ୍ରକ ପଛ ପଟୁ ଧକ୍କା ଦେଇ ଗୁରୁତର ଆହତ ହୋଇଥିଲେ । ଅଗ୍ନିଶମ ବାହିନୀ ଉଭୟଙ୍କୁ ନିକଟସ୍ଥ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା, ଉଭୟ ଗୁରୁତରଙ୍କୁ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ଏମ କେ ସି ଜି କୁ ସ୍ଥାନାନ୍ତର କରାଯାଇଛି ।

## ଜୟ ଜଗନ୍ନାଥ ନିର୍ମାଣ ଶ୍ରମିକ ସଂଗଠନର ବାର୍ଷିକ ସଭା ଅନୁଷ୍ଠିତ

ବନ୍ତଳା, ୧୩।୭ (ଅକ୍ଷର ଓଡ଼ିଶା): ଅନୁଗୋଳ ଜିଲ୍ଲା ବାରଗୌଣିଆ ଗ୍ରାମ ପଂଚାୟତ ଗୋରୁ ହାଟ ଠାରେ ଜୟ ଜଗନ୍ନାଥ ନିର୍ମାଣ ଶ୍ରମିକ ସଂଗଠନ ର ବାର୍ଷିକ ସଭା ଅନୁଷ୍ଠିତ ହେଇଯାଇଛି ।ନିର୍ମାଣ ଶ୍ରମିକମାନଙ୍କ କଲ୍ୟାଣ ଏବଂ ସମସ୍ୟା ସମ୍ପର୍କରେ ବିଭିନ୍ନ ସମୟରେ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ,ସରକାରୀ ଯୋଜନା, ସୁରକ୍ଷା ଓ ପଞ୍ଜୀକରଣକୁ ନେଇ ଏହି ବୈଠକଗୁଡ଼ିକରେ ଆଲୋଚନା କରାଯାଇଥିଲା । ଉକ୍ତ ସଭାରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ସହିତ ବୃଦ୍ଧ ଓ ବୃଦ୍ଧା ମାନଙ୍କୁ ଛତା ଓ ଚପଲ ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ପାଖାପାଖି ତିନି ଶହରୁ




ଉର୍ଦ୍ଧ୍ୱ ନିର୍ମାଣ ଶ୍ରମିକ ଯୋଗ ଦେଇଥିଲେ । ମୁଖ୍ୟ ଅଥିତି ଭାବେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀ ବିଜୟ କେତନ ପ୍ରଧାନ ଯୋଗ ଦେଇ ନିର୍ମାଣ ଶ୍ରମିକଙ୍କ ବିଭିନ୍ନ ସମସ୍ୟା, ଶ୍ରମିକ ମାନଙ୍କ ଅଧିକାର,ସୁରକ୍ଷା ଓ ସମ୍ମାନ ଉପରେ ଆଲୋଚନା କରିଥିଲେ ।ଅନ୍ୟମାନଙ୍କ ମଧ୍ୟରେ ସଭାପତି ଅଭୟ କୁମାର ଦେହୁରୀ, ଉପ ସଭାପତି ଜୟ କୃଷ୍ଣ ମୁଦୁଲି, ସଧାରଣ ସମ୍ପାଦକ ଅଭୟ କୁମାର ସାହୁ, ସହ ସମ୍ପାଦକ ଅଶୋକ ସାହୁ, ଈଶ୍ୱର ବେହେରା, ଛକୁଡ଼ି ବିଶ୍ୱାଳ ଏବଂ ବରଗୌଣିଆ ସରପଞ୍ଚ ଅନୁ ମହାଳିକ, ଜିନ୍ଦଲ ପାନ୍ଥର ସିମେଣ୍ଟ ଇଞ୍ଜିନିୟର ପ୍ରେମପଦ ଜେନା,ନିରଞ୍ଜନ ସିଂହ ପ୍ରମୁଖଙ୍କ ସହ ବହୁ ଶ୍ରମିକ ଉପସ୍ଥିତ ଥିଲେ ।

## ବାଇକ୍ ଧକ୍କାରେ ବୃଦ୍ଧା ଗୁରୁତର

ବୁଗୁଡା, ୧୩।୭(ଅକ୍ଷର ଓଡିଶା): ବୁଗୁଡ଼ା ବ୍ଲକ ସଙ୍କୁରୁ ଗ୍ରାମରେ ଜନୈକା ମହିଳା ବାଇକ୍ ଧକ୍କାରେ ଗୁରୁତର ହୋଇ ବ୍ରହ୍ମପୁରକୁ ସ୍ଥାନାନ୍ତର ହୋଇଥିବା ଜଣାଯାଇଛି । ଗୁରୁତର ବୃଦ୍ଧା ଜଣକ ହେଲେ ସଙ୍କୁରୁ ଗ୍ରାମର ପଙ୍କଜ ସ୍ୱାଇଁ (୬୪) ।ଘଟଣାରୁ ପ୍ରକାଶ ଯେ, ରବିବାର ସନ୍ଧ୍ୟାରେ ପଙ୍କଜ ତାଙ୍କର ଘର ପାଖ ତାଙ୍କର ସମ୍ପର୍କୀୟଙ୍କ ଘରକୁ ଯାଉଥିବା ବେଳେ ଦ୍ରୁତଗତିରେ ଆସୁଥିବା ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା । ଫଳରେ ସେ ଛିଟିକି ହୋଇ ପଡିଥିବା ବେଳେ ବାଇକ୍ ଆରୋହୀ ଦୁହେଁ ମଧ୍ୟ ଫୋପାଡି ହୋଇପଡିଥିଲେ । ଦୁର୍ଘଟଣାରେ ବୃଦ୍ଧାଙ୍କ ଡାହାଣ ଗୋଡ ଭାଙ୍ଗିଯିବା ସହ ଡାହାଣ ପଟ କାନରୁ ରକ୍ତସ୍ରାବ ହୋଇଥିଲା ଏବଂ ମାତାଲ ବାଇକ୍ ଆରୋହୀ ଦୁଇଜଣ ମଧ୍ୟ ଖଣ୍ଡିଆ ଖାବରା ହୋଇଥିଲେ । ଘଟଣା ସ୍ଥଳରୁ ଆହତମାନଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବୁଗୁଡା ମେଡିକାଲକୁ ଅଣାଯାଇଥିଲା । ସେଠାରେ ଆହତମାନଙ୍କ ପ୍ରାଥମିକ ଚିକିତ୍ସା ପରେ ବୃଦ୍ଧା ପଙ୍କଜଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଥିଲା ।

## ସୁବର୍ଣ୍ଣପୁର ସହରରେ ବୁଲା କୁକୁରଙ୍କ ଆତଙ୍କ: ସ୍ଥାୟୀ ସମାଧାନ କେବେ ?

ସୁବର୍ଣ୍ଣପୁର, ୧୩।୭(ପବିତ୍ର ସିଂ ବରିହା): ସୁବର୍ଣ୍ଣପୁର ସହରରେ ବୁଲା କୁକୁରଙ୍କ ଉପଦ୍ରବ ଦିନକୁ ଦିନ ବଢ଼ି ଚାଲିଥିବାରୁ ସହରବାସୀ ଆତଙ୍କିତ ହୋଇପଡ଼ିଛନ୍ତି । ସକାଳ ଓ ସନ୍ଧ୍ୟା ସମୟରେ ବିଭିନ୍ନ ଛକ, ବଜାର, ବସ୍‌ଷ୍ଟାଣ୍ଡ, ହସ୍ପିଟାଲ ପରିସର, ସ୍କୁଲ ନିକଟ ଏବଂ ବାସଗୃହ ଅଞ୍ଚଳରେ ବୁଲା କୁକୁରଙ୍କ ଝୁଣ୍ଡ ଘୁରିବା ଫଳରେ ଲୋକମାନେ ଭୟଭୀତ ଅବସ୍ଥାରେ ଯାତାୟାତ କରୁଛନ୍ତି । ବିଶେଷକରି ଛୋଟ ପିଲା, ବୃଦ୍ଧ ଏବଂ ଦୁଇଚକିଆ ଯାନ ଚାଳକମାନେ ସବୁଠାରୁ ଅଧିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଅନେକ ସମୟରେ କୁକୁରମାନେ ହଠାତ୍ ରାସ୍ତାକୁ ଦୌଡ଼ି ଆସିବାରୁ ଦୁର୍ଘଟଣା ଘଟୁଛି । କେତେକ ସ୍ଥାନରେ ଲୋକଙ୍କୁ କାମୁଡ଼ି ଆହତ କରିଥିବା ଅଭିଯୋଗ ମଧ୍ୟ ସାମ୍ନାକୁ ଆସିଛି । ରାତି ସମୟରେ କୁକୁରଙ୍କ ଝୁଣ୍ଡ ରାସ୍ତା ଅବରୋଧ କରିବା ସହ ଗାଡ଼ି ପଛରେ ଗୋଡ଼ାଇ ଯିବାରୁ ଯାତ୍ରୀମାନେ ଅଧିକ ଅସୁରକ୍ଷିତ ମନେ କରୁଛନ୍ତି । ସହରବାସୀଙ୍କ କହିବା ଅନୁସାରେ, ବୁଲା କୁକୁରଙ୍କ ସଂଖ୍ୟା ନିୟନ୍ତ୍ରଣ ପାଇଁ ଦୀର୍ଘଦିନ ଧରି ଦାବି ହେଉଥିଲେ ମଧ୍ୟ ଏପର୍ଯ୍ୟନ୍ତ ସ୍ଥାୟୀ ପଦକ୍ଷେପ ନିଆଯାଇନାହିଁ । କେବଳ ସାମୟିକ ବ୍ୟବସ୍ଥା କରାଯାଉଥିବାରୁ ସମସ୍ୟା ପୁଣି ପୂର୍ବଭଳି ଦେଖାଦେଉଛି । ସହରରେ ବୁଲା କୁକୁରଙ୍କ ସଂଖ୍ୟା ନିୟନ୍ତ୍ରଣ ପାଇଁ ନଗରପାଳିକା ପକ୍ଷରୁ ବୈଜ୍ଞାନିକ ପଦ୍ଧତିରେ ନିର୍ବୀଜକରଣ (ଷ୍ଟେରିଲାଇଜେସନ), ଟିକାକରଣ, ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ପୁନର୍ବାସ ବ୍ୟବସ୍ଥାକୁ ଗୁରୁତ୍ୱ ଦେବା ସହ ସହରରେ ଅଳିଆ ଆବର୍ଜନାର ସଠିକ୍ ପରିଚାଳନା କରିବାକୁ ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି । କାରଣ ରାସ୍ତାକଡ଼ରେ ପଡ଼ିଥିବା ଖାଦ୍ୟ ଓ ଆବର୍ଜନା ବୁଲା କୁକୁରଙ୍କ ସଂଖ୍ୟା ବଢ଼ିବାର ଏକ ପ୍ରମୁଖ କାରଣ ବୋଲି ସେମାନେ କହିଛନ୍ତି । ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଜିଲ୍ଲା ପ୍ରଶାସନ, ନଗରପାଳିକା ଏବଂ ପ୍ରାଣୀ ସମ୍ପଦ ବିଭାଗ ସମନ୍ୱୟ ରକ୍ଷା କରି ଶୀଘ୍ର କାର୍ଯ୍ୟକାରୀ ପଦକ୍ଷେପ ନେବାକୁ ସହରବାସୀ ଦାବି କରିଛନ୍ତି । ନଚେତ୍ ଆଗାମୀ ଦିନରେ ବୁଲା କୁକୁରଙ୍କ ଆତଙ୍କ ଆହୁରି ବଢ଼ିବା ସହ ସାଧାରଣ ଲୋକଙ୍କ ସୁରକ୍ଷା ପ୍ରତି ବଡ଼ ବିପଦ ସୃଷ୍ଟି ହେବ ବୋଲି ଆଶଙ୍କା ପ୍ରକାଶ ପାଉଛି । ବର୍ତ୍ତମାନ ସହରବାସୀଙ୍କ ମନରେ ଗୋଟିଏ ପ୍ରଶ୍ନସୁବର୍ଣ୍ଣପୁର ସହରରେ ବୁଲା କୁକୁରଙ୍କ ଆତଙ୍କର ସ୍ଥାୟୀ ସମାଧାନ କେବେ ?

## ଇଲେକଟ୍ରିକ କେବୁଲ ତାର ଚୋରୀରେ ସମ୍ପୃକ୍ତ ସେକ ବାବୁ ଗିରଫ

ରାଜକନିକା ୧୩।୭ (ନୁରେଇ ଖାନ ) ପୋଲିସ ଏକ ତାର ଚୋର ରାକେଟର ପର୍ଦ୍ଦାଫାଶ କରି ରାଜକନିକା ମଲ୍ଲୀସାହାଡ଼ା ରୁ ଆଜି ଜଣେ ଯୁବକକୁ ଗିରଫ କରି ନେଇଛି ଚାନ୍ଦବାଲି ପୋଲିସ । ଆଜି ଅପରାହ୍ନରେ ଚାନ୍ଦବାଲି ପୋଲିସ ରାଜକନିକା ପୋଲିସ ସହାୟତାରେ ମଲ୍ଲୀସାହାଡ଼ା ଗାଁ ରେ ଥିବା ମାଂସଡ଼ା ଥାନା କୁଦୋକାନ୍ତି ଗାଁ ର ସେକ ବାବୁ ସଜାଉଦ୍ଦିନ କବାଡିଆ ଦୋକାନରୁ ଗିରଫ କରି ନେଇଥିବା ଚାନ୍ଦବାଲି ଥାନାଧିକାରୀ ସୂଚନା ଦେଇଛନ୍ତି । ଏହି ମାମଲାରେ ୪ ଜଣକୁ ଗିରଫ କରାଯାଇଥିବା ବେଳେ ସେକ ବାବୁ ମଲ୍ଲୀସାହାଡ଼ା ରେ ଘର ଭଡା ନେଇ କବାଡ଼ି ଦୋକାନକରି ଚୋରାରେ ବିଜୁଳି କେବୁଲ ତାର ମହଜୁଦ କରିବା ଅପରାଧରେ ଗିରଫ ହୋଇଛି । ପ୍ରକାଶ ଯେ ଗତ ଜୁନ ୨୧ ତାରିଖ ଦିନ ଚୋରା ଇଲେକଟ୍ରିକ କେବୁଲ ତାର ବୋଝେଇ ଏକ ପିକଅପ ଭ୍ୟାନକୁ ରାଜକନିକା ପୋଲିସ ଜବତ କରିବା ସହ ଏକ ପିକଅପ ଗାଡ଼ିରେ ତାର ବୋଝେଇ ହୋଇ ମଲ୍ଲୀସାହାଡ଼ା ଗାଁ ର ଏକ କବାଡ଼ି ଦୋକାନକୁ ଯାଉଥିବା ବେଳେ ପୋଲିସ ଜବତ କରିଥିଲା । ରାଜକନିକା ପୋଲିସ ଏ ବାବଦରେ ଖବର ପାଇ ସେଦିନ ଗୋଡେଇ ଗୋଡେଇ ଏହି ଗାଡିକୁ ଜବତ କରିଥିବା ବେଳେ ଜଣକୁ କୋର୍ଟ ଚାଲାଣ କରିଥିଲେ । ସେହିଦିନ ଅନ୍ୟ ୪ ଜଣ ଦୌଡ଼ି ଖସି ପଳାଇ ଥିଲେ ।


IN THE COURT OF ADDITIONAL CIVIL JUDGE(JUNIOR DIVISION),
PURUSHOTTAMPUR GANJAM
C.S. 15/2023

Dandapani Gouda................................Plaintiff
Versus
Hemabati Padhi and others..............................Defendants

To
Hemabati Padhi,
W/o-Late Abhimanyu Padhi,
House wife by profession,
At-Bhimapur, Po-Chattlamundali,
PS-Purushottampur, Dist-Ganjam

**Notice u/o 5 Rule 20 C.P.C**

Therefore, it is most respectfully prayed that the Hon'ble court may graciously be pleased enough to decree the suit in favour of the plaintiff and against the defendants as follows:-

I. To declare right, title, interest and confirmation of possession over the suit schedule property.
II. To grant the cost of the suit.
III. To grant any other relief as the Hon'ble court may deems fit and proper by the above facts and circumstance.

You are therefore directed to appear before this court in person or through your counsel on dated................................At ................................failing which the case shall be disposed of According to law.

**SCHEDULE OF PROPERTY**

**SCHEDULE AS PER HAL RECORD**

| Mouza | Khata no. | Plot no. | Area |
|---|---|---|---|
| Rajapur | 19 | 5986 | AC0.350dec |

Bounded by:-
East- Land of Dandapani Gouda — West/North/South-Land of Trinath Patra

| Mouza | Khata no. | Plot no. | Area |
|---|---|---|---|
| Rajapur | 19 | 6091 | AC0.080dec |

In total AC0.430dec

Bounded by:-
East- Land of K.Appala Raju Dora — West-Land of Rama Chandar Gouda
North-Land of Kasinath Gouda — South-Land of Siba Gouda

**SCHEDULE AS PER SABIK RECORD**

| Mouza | Khata no. | Plot no. | Area |
|---|---|---|---|
| Rajapur | 570 | 1385 | AC0.35cent |

Bounded by:-
East- Land of Dandapani Gouda — West/North/South-Land of Trinath Patra

| Mouza | Khata no. | Plot no. | Area |
|---|---|---|---|
| Rajapur | 570 | 1322/2 | AC0.6cent |

In total AC0.41cents

Bounded by:-
East- Land of K.Appala Raju Dora — West-Land of Rama Chandar Gouda
North-Land of Kasinath Gouda — South-Land of Siba Gouda

Given under my hand and seal of the court.

Additional Civil Judge(Jr. Division)
Addl. Civil Judge (Jr. Division)
Purusottampur, (Ganjam)


## ଖଡିଆଳ ସ୍ୱୟଂ ଶାସିତ ମହା ବିଦ୍ୟାଳୟ ପରିସରରେ ଛାତ୍ରୀନିବାସ ଉଦ୍‌ଘାଟନ

ନୂଆପଡା, ୧୩।୭(ଅକ୍ଷର ଓଡିଶା): ନୂଆପଡ଼ା ଜିଲ୍ଲା ଖଡିଆଳ ସ୍ ?ୟଂ ଶାସିତ ମହା ବିଦ୍ୟାଳୟ ପରିସର ମଧ୍ୟରେ ୧୦୦ ସଜ୍ୟା ବିଶିଷ୍ଟ ସହର ଆଦର୍ଶ ଆତ୍ୟାଧୁନିକ ଛାତ୍ରୀବାସକୁ କଳାହାଣ୍ଡି ସାଂସଦ ମାଳବିକା ଦେବୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଶୁଭ ଉଦଘାଟନ କରିଛନ୍ତି । ଛାତ୍ରୀଙ୍କ ସୁରକ୍ଷା ଏବଂ ଉଚ୍ଚ ଶିକ୍ଷା ପାଇଁ ଏକ ସୁବିଧା ସମ୍ପର୍ଣ୍ଣ ଛାତ୍ରୀବାସକୁ ଉଦଘାଟନ କରିଥିବା ବେଳେ କଳାହାଣ୍ଡି, ନୂଆପଡ଼ା ଜିଲ୍ଲା ସହ କଲେଜ ର ଆବଶ୍ୟକତାକୁ ଗୁରୁତ୍ୱ




ଦେଇ ତାଙ୍କ ସାଙ୍ଗ ରେ ସହିତ ଏବଂ ସଦାବେଳେ ଥିବା ସେ ପ୍ରକାଶ କରିଥିଲେ । ଅଞ୍ଚଳର ବିକାଶ ପାଇଁ ଲୋକ ପ୍ରତିନିଧିଙ୍କ ଗୁରୁତ୍ୱ ପୂର୍ଣ୍ଣ ଭୂମିକା ରହିଥିବା ବେଳେ ଅଞ୍ଚଳର ବିକାଶ ଆମ ପ୍ରାଥମିକତା ବୋଲି ପ୍ରକାଶ କରିଥିଲେ । ଏହି ଉଦଘାଟନ ଉତ୍ସବ ରେ ଖଡ଼ିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ, ଖଡିଆଳ ନଗର ଅଧ୍ୟକ୍ଷ ଉଜ୍ଜଳ ଗୁପ୍ତା, କଲେଜ ଅଧ୍ୟକ୍ଷ ପ୍ରଶାନ୍ତ ପଣ୍ଡା, ଛାତ୍ର କଲ୍ୟାଣ ସମିତି ସଚିବ ଗୀତା ଶ୍ରୀ ପ୍ରିୟମ୍ବଦା, ପ୍ରଣତି ପଣ୍ଡା ଓ ରଥ ପ୍ରମୁଖ ଯୋଗ ଦେଇଥିଲେ । ଛାତ୍ରୀମାନଙ୍କ ଉଚ୍ଚ ଶିକ୍ଷା ରେ ଛତ୍ରିବାସ ଶିକ୍ଷାର ବାତାବରଣ ସୃଷ୍ଟି କରି, ମହୋଲ ପ୍ରଦାନ କରିଥାଏ । ଅଭିଭାବକ ମାନେ ନିଜ ସନ୍ତାନ କୁ ବ୍ୟବସ୍ଥିତ ଢ଼ଙ୍ଗରେ ଶିକ୍ଷାଦାନ ପାଇଁ ଇଚ୍ଛୁକ ଅଟନ୍ତି ।

# ଗଜପତିର ଶ୍ରମିକ ମୁମ୍ବାଇରେ କାର୍ଯ୍ୟରତ ବେଳେ ମୃତ୍ୟୁ



ପାରଳାଖେମୁଣ୍ଡି, ୧୨/୭(ତାରିଣୀ ପ୍ରସାଦ ପଣ୍ଡା): ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ଅଜୟଗଡ ପଞ୍ଚାୟତ ଅନ୍ତର୍ଗତ କାନ୍ତିସାହି ଗ୍ରାମର ୨୪ ବର୍ଷୀୟ ଯୁବକ ସଂକୁରୁ ଗମାଙ୍ଗଙ୍କ ମୁମ୍ବାଇରେ ଶ୍ରମିକ ଭାବେ କାର୍ଯ୍ୟରତ ଅବସ୍ଥାରେ ଅକାଳ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ଏହି ମୃତ୍ୟୁ ଖବର ଗ୍ରାମରେ ପହଞ୍ଚିବା ଯୋଗୁଁ ଗ୍ରାମର ଶୋକର ଛାୟା ଖେଳି ଯାଇଛି। ସେ ପରିବାରର ଏକମାତ୍ର ପୁଅ ଥିଲେ. ପରିବାରର ଦାରିଦ୍ର୍ୟତା ଯୋଗୁଁ ସଂକୁରୁ ପ୍ରାୟ ଦୁଇ ବର୍ଷ ପୂର୍ବେ ପରିବାର ପରିପୋଷଣ ପାଇଁ ନିଜ ଭିଟା ମାଟି ଛାଡି ମହାରାଷ୍ଟ୍ରର ମୁମ୍ବାଇ ସ୍ଥିତ କଞ୍ଜୁରମାର୍ଗ (ଇଷ୍ଟ)ଅଞ୍ଚଳରେ ମୋବାନୀ ନାମକ ଏକ ଠିକା ସଂସ୍ଥାରେ ଶ୍ରମିକ ଭାବେ କାମ କରୁଥିଲେ। ଶନିବାର କାମ କରୁଥିବା ସମୟରେ ସେ ଉଚ୍ଚ ସ୍ଥାନରୁ ତଳକୁ ଖସି ପଡ଼ିବାରୁ ତାଙ୍କର ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ଆର୍ଥିକ ଅସମର୍ଥତା କାରଣରୁ ମୁମ୍ବାଇରୁ ମରଶରୀରକୁ ଗ୍ରାମକୁ ଆଣିବା ପରିବାର ପାଇଁ ସମ୍ଭବ ନଥିବା ଯୋଗୁଁ ଗ୍ରାମବାସୀମାନେ ମାନବିକତାର ପରିଚୟ ଦେଇ ଚାନ୍ଦା ସଂଗ୍ରହ କରି ମରଶରୀରକୁ ଗ୍ରାମକୁ ଆଣିବା ପାଇଁ ବ୍ୟବସ୍ଥା କରିଛନ୍ତି। ସ୍ଥାନୀୟ ଲୋକମାନେ ମୃତ ଶ୍ରମିକଙ୍କ ପରିବାରକୁ ତୁରନ୍ତ ସରକାରୀ ଆର୍ଥିକ ସହାୟତା, ଉଚିତ କ୍ଷତିପୂରଣ ଏବଂ ପରିବାରର ଜଣେ ସଦସ୍ୟଙ୍କୁ ଜୀବିକାର ବ୍ୟବସ୍ଥା କରିବାକୁ ରାଜ୍ୟ ସରକାର ଓ ଜିଲ୍ଲା -ପ୍ରଶାସନଙ୍କ ନିକଟରେ ଦାବି କରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟଯେ ଗୁମ୍ମା ବ୍ଲକରୁ ପେଟପାଟଣା ପାଇଁ ରାଜ୍ୟ ବାହାରକୁ ଦାଦନ ଶ୍ରମିକ ଭାବେ ଯାଉଥିବା ଶ୍ରମିକମାନଙ୍କ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି। ଗତ ୨ ମାସ ମଧ୍ୟରେ ୩ ଜଣ ଶ୍ରମିକଙ୍କ ଏଭଳି ଭାବେ ଶୋଚନୀୟ ମୃତ୍ୟୁ ଘଟିଛି. ସରକାର ତଥା ପ୍ରଶାସନ ଗୁମ୍ମା ବ୍ଲକର ଦାଦନ ଶ୍ରମିକମାନଙ୍କ ଏଭଳି ଯାତନା ଦୂର କରିବା ପାଇଁ ସୁଚିନ୍ତିତ ବିହିତ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ ଅଟେ।

# ବାପା-ମାଆଙ୍କୁ ହରାଇ ତିନି ଅନାଥ ଭାଇଭଉଣୀଙ୍କ ଭବିଷ୍ୟତ ଅନ୍ଧକାରରେ

ଯାଜପୁର ୧୩/୦୭ (-ଟିକିଲତା ହୋତା):ଯେଉଁ ବୟସରେ ହାତରେ ବହି-ଖାତା ଧରି ହସଖୁସିରେ ସ୍ୱପ୍ନ ଦେଖିବା କଥା, ସେହି ବୟସରେ ଆଜି ଦୁଇ ଓଳି ଗଣ୍ଡେ ଖାଇବା ପାଇଁ ସଂଘର୍ଷ କରୁଛନ୍ତି ତିନି କୋମଳମତି ଶିଶୁ। ଏବେ ପେଟ ଚାଖେଣ୍ଡ ପାଇଁ ଏହି ଅନାଥ ପିଲାମାନଙ୍କୁ ବାର ଦୁଆର ସୁଣ୍ଡି ପିଣ୍ଡା ହେବାକୁ ପଡୁଛି। କେଉଁଦିନ କାହାର ଘର କାମ କଲେ ତିନି ପ୍ରାଣୀଙ୍କ ପେଟ ପଶେ, ତ ଆଉ କେଉଁଦିନ ଉପାସରେ କଟେ ରାତି। ନିୟତିର ଏଭଳି ଏକ ନିଷ୍ଠୁର ନିଷ୍ପତ୍ତି ଯାଜପୁର ଜିଲ୍ଲା ଦାନଗଦୀ ବ୍ଲକ ଶାଳିଜଙ୍ଗା ପଞ୍ଚାୟତ ବଜରପଲ୍ଲୀ ଗ୍ରାମର ଏକ ହସଖୁସିର ପରିବାରକୁ ଖିନଭିନ୍ କରି ଦେଇଛି।

ବଜରପଲ୍ଲୀ ଗ୍ରାମର ନନ୍ଦିରାମ ଜେରାଇଙ୍କର ବର୍ଷକ ତଳେ ମୃତ୍ୟୁ ଘଟିଥିଲା। ସେ ଚାଲିଯିବା ପରେ ପତ୍ନୀ ଜଙ୍ଗା ଜେରାଇ ବହୁ କଷ୍ଟରେ ନିଜର ତିନି ପିଲାଙ୍କୁ ନେଇ ସଂସାର ରଥକୁ ଆଗକୁ ବଢ଼ାଉଥିଲେ। ଆର୍ଥିକ ଅଭାବ ଏବଂ ପିଲାଙ୍କ ଅନିଶ୍ଚିତ ଭବିଷ୍ୟତକୁ ନେଇ ସେ ସବୁବେଳେ ମାନସିକ ଚାପ ମଧ୍ୟରେ ରହୁଥିଲେ। ଛାତିର କୋହ ଓ ଆଖିର ଲୁହକୁ ଲୁଚାଇ ପିଲାମାନଙ୍କୁ ମଣିଷ କରିବାକୁ ଚେଷ୍ଟା କରୁଥିବା ବେଳେ, ହଠାତ୍ ଏକ ଅଜଣା ରୋଗ ଜଙ୍ଗାଙ୍କୁ ମଧ୍ୟ ଜୀବନରୁ ଛଡ଼ାଇ ନେଲା। ବାପାଙ୍କ ପରେ ମା'ଙ୍କ ଆଶ୍ରୟ ତୁଟିଯିବା ପରେ ବଡ଼ ଝିଅ ରାଧିକା ଜେରାଇ, ଦୁଇ ସାନଭାଇ ଡ଼ବର ଓ ସୁନିଲ ଏବେ ସମ୍ପୂର୍ଣ୍ଣ ଏକା ହୋଇଯାଇଛନ୍ତି ।ବାପା-ମାଆଙ୍କ ମୃତ୍ୟୁ ପରେ ପରିବାରର ସମସ୍ତ ବୋଝ ଏବେ ବଡ଼ ଝିଅ ରାଧିକାଙ୍କ ଉପରେ। ପାଠ ପଢ଼ିବାକୁ ପ୍ରବଳ ଇଚ୍ଛା ଥିଲେ ମଧ୍ୟ ଆର୍ଥିକ ଅନଟନ ଯୋଗୁଁ ରାଧିକା ଅଷ୍ଟମ ଶ୍ରେଣୀରୁ ନିଜ ପାଠପଢ଼ାରେ ଡୋରି ବାନ୍ଧିଛନ୍ତି। ଗୋଟେପଟେ ମୁଣ୍ଡ ଗୁଞ୍ଜିବାକୁ ଥିବା ଭଙ୍ଗା ଘରକୁ ଦେଖିଲେ ଡର ଲାଗୁଛି, ତେବେ ଅନ୍ୟପଟେ ଦୁଇ ସାନଭାଇଙ୍କ ଭବିଷ୍ୟତ ଚିନ୍ତା। ସତେ ଯେମିତି ଏହି କୋମଳମତି ଶିଶୁଙ୍କ ପାଇଁ ଏହା ହିଁ କଷ୍ଟକର ବିଧିର



ଦଇବର ନିଷ୍ଠୁର ଖେଳ

ବିଧାନ ପାଲଟିଯାଇଛି। ନିଜ ଭବିଷ୍ୟତକୁ ଅନ୍ଧକାରକୁ ଠେଲି ଦେଇ ରାଧିକା ବର୍ତ୍ତମାନ ଦଶମ ଶ୍ରେଣୀରେ ପଢୁଥିବା ଭାଇ ଡ଼ବର ଏବେ ନବମ ଶ୍ରେଣୀରେ ପଢୁଥିବା ସୁନିଲଙ୍କ ମୁହଁରେ ଦାନା ମୁଠେ ଦେବାକୁ ଦିନରାତି ଏକ କରୁଛନ୍ତି। ଜୀବନର ମାନେ ବୁଝିବା ଆଗରୁ ଆମେ ସବୁକିଛି ହରାଇ ସାରିଛୁ। ମୋ ପାଠପଢ଼ା ତ ବନ୍ଦ ହୋଇଗଲା, ହେଲେ ପ୍ରଶାସନ ଯଦି ମୋ ଦୁଇ ସାନଭାଇଙ୍କ ପାଠପଢ଼ା ଓ ରହିବା ଦାୟିତ୍ୱ ନିଅନ୍ତା, ତେବେ ସେମାନେ ମଣିଷ ହୋଇପାରନ୍ତେ,' ବୋଲି କାନ୍ଦି କାନ୍ଦି ଗୁହାରି କରିଛନ୍ତି ଅସହାୟ ରାଧିକା।ଏହି ଦୁଃଖଦ ଖବର ଗଣମାଧ୍ୟମ ଓ ପ୍ରଶାସନ ପାଖରେ ପହଞ୍ଚିବା ପରେ ପିଲାମାନଙ୍କୁ ନ୍ୟାୟ ଓ ସହାୟତା ମିଳିବା ନେଇ ଆଶା ସଞ୍ଚାର ହୋଇଛି। ଏପଟେ ଯାଜପୁର ଜିଲ୍ଲାପାଳ ଅମ୍ବର କର କହିଛନ୍ତି ଯେ, 'ମୁଁ ଏହି ଘଟଣା ବାବଦରେ ଖବର ପାଇଲି। ପିଲାମାନଙ୍କ ଅବସ୍ଥା ବିଷୟରେ ଜାଣିବା ପରେ ସେମାନଙ୍କୁ ସରକାରଙ୍କ ସମସ୍ତ ଯୋଜନାରେ ସହାୟତା ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେଉଛି।' ଜିଲ୍ଲାପାଳଙ୍କ ଏହି ତତ୍ପରତା ପରେ ପିଲାମାନଙ୍କୁ ତୁରନ୍ତ ଖାଦ୍ୟ, ସୁରକ୍ଷିତ ଆଶ୍ରୟ ଏବଂ ପାଠପଢ଼ାର ସୁବିଧା ମିଳିବ ବୋଲି ଆଶା କରାଯାଉଛି। ଝାଉଁଳି ପଡ଼ିବାକୁ ଯାଉଥିବା ଏହି କୋମଳମତି ପିଲାଙ୍କ ଭବିଷ୍ୟତକୁ ବଞ୍ଚାଇବା ପାଇଁ ସରକାରୀ ଇନ୍ଧନ ଏବଂ ପ୍ରଶାସନର ଏହି ହାତ ଜୀଇଁବାରେ ସହାୟକ ହେବ ବୋଲି ଗ୍ରାମବାସୀ ମଧ୍ୟ ସନ୍ତୋଷ ବ୍ୟକ୍ତ କରିଛନ୍ତି। ଯଦି ଜିଲ୍ଲା ପ୍ରଶାସନ ତୁରନ୍ତ ଏହି ଅନାଥ ଶିଶୁମାନଙ୍କର ସମସ୍ତ ଭାର ବହନ କରେ, ତେବେ ପିଲାମାନେ ପିତାମାତାଙ୍କ ଅଭାବକୁ ଭୁଲି ନିଜ ହାତରେ ନିଜର ସୁନ୍ଦର ଭବିଷ୍ୟତ ଗଢି ପାରିବେ।

# ଅଟୋ କାର ମୁହାଁ ମୁହିଁ ଧକ୍କା, ତିନି ଗୁରୁତର

ଧରାକୋଟ, ୧୩/୦୭ (ଅକ୍ଷର ଓଡିଶା )ଧରାକୋଟ ବ୍ଲକର ବଡ଼ଗଡ଼ ଥାନା ଅନ୍ତର୍ଗତ ଖାରିଗୁମା ନିକଟରେ ଅପରାହ୍ନ ଚାରି ଘଣ୍ଟା ସମୟରେ ସୋରଡାରୁ ବ୍ରହ୍ମପୁର ଯାଉଥିବା ହୁ୍ୟଣ୍ଡାଇ କାର OD 07 AE 6263 ସହ ସୁରାଟରୁ ବ୍ରହ୍ମପୁର ରେଳ ଷ୍ଟେସନରେ ଓହ୍ଲାଇ ସୋରଡା ନିକଟସ୍ଥ ମୁଳିଆପଲି କୁ ଅଟୋ OD 32 K 2177 ଯୋଗେ ଯାଉଥିବା ବେଳେ ଅଟୋ ଓ କାର ମଧ୍ୟରେ ମୁହାଁ ମୁହିଁ ଧକ୍କା ହୋଇଥିଲା । ଅଟୋରେ ବସିଥିବା ବନିତା ନାୟକ ୪୮,ଅଞ୍ଜଳି ପ୍ରଧାନ ୪୦ ଓ ଯଜ୍ଞସେନୀ ସେଠୀ ୪୦ ଗୁରୁତର ଆହତ ହୋଇଥିଲେ । ତୁରନ୍ତ ସ୍ଥାନୀୟ ଲୋକେ ସେମାନଙ୍କୁ ଧରାକୋଟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ସେମାନଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି । ଖବର ପାଇ ପ୍ରଥମେ ଧରାକୋଟ ପୋଲିସ ଓ ପରେ ବଡ଼ଗଡ଼ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଅନୁସନ୍ଧାନ ଜାରି ରଖିଛନ୍ତି ।

# ନନ୍ଦପୁର ବ୍ଲକରେ ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ



ନନ୍ଦପୁର, ୧୩/୭ (ଅକ୍ଷର ଓଡିଶା ) କୋରାପୁଟ ଜିଲ୍ଲା ନନ୍ଦପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର ଭିତରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରୋହିତ ବର୍ମା ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ସମସ୍ୟାର ପ୍ରତ୍ୟକ୍ଷ ଶୁଣାଣି କରିଥିଲେ। ସେମାନେ ଅଭିଯୋଗଗୁଡ଼ିକର ତ୍ୱରିତ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦେଇଥିଲେ।ଏହି ମିଳିତ ଅଭିଯୋଗ ଶୁଣାଣୀ ଶିବିରରେ ମୋଟ ୬୪ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୨୨ଟି ବ୍ୟକ୍ତିଗତ ଏବଂ ୪୨ଟି ସାମୂହିକ ଅଭିଯୋଗ ଥିଲା। ସେଥିମଧ୍ୟରୁ ୧୧ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା।ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର, କୋରାପୁଟ ଉପଜିଲ୍ଲାପାଳ ପ୍ରେମଲାଲ ହିଆଲ ଏବଂ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ।

# ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ



ଆସିକା ୧୩/୦୭/(ଅକ୍ଷର ଓଡିଶା )ଆସିକାରେ ପ୍ରସିଦ୍ଧ ରଥଯାତ୍ରା କୁ ଶାନ୍ତି ଶୃଙ୍ଖଳା କରିବା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଥିଲା ଓ ଆସିକା ତହସିଲଦାରଙ୍କ ସଭା କକ୍ଷରେ ତହସିଲଦାର ସଂଗୀତା ସେନଙ୍କ ପୌରହିତ୍ୟରେ ଉପଖଣ୍ଡ ଆରାକ୍ଷୀ ଅଧିକାରୀ ସୌରଭ ରଞ୍ଜନ ପ୍ରଧାନ, ମନ୍ଦିର ପରିଚାଳନା କମିଟିର ଟ୍ରଷ୍ଟି ଆଇନଜୀବୀ ନାରାୟଣ ମୁନି,ଉପଖଣ୍ଡ ମେଡିକାଲ ର ଅଧିକ୍ଷକ ଡାକ୍ତର ବାଲ ଗୋପାଳ ବେହେରା,ଥାନା ଅଧିକାରୀ ସୁଧୀର କୁମାର ସାହୁ,ଏବିଡିଇଓ ସୁଶାନ୍ତ କୁମାର ବେହେରା,ପୂର୍ତ୍ତ ବିଭାଗ ର ଯନ୍ତ୍ରୀ ରାମ କୃଷ୍ଣ ପାଣିଗ୍ରାହୀ,ବିଦ୍ୟୁତ ବିଭାଗ ର ଯନ୍ତ୍ରୀ ରାକେଶ କୁମାର ପାତ୍ର,ସମେତ ମନ୍ଦିର ପରିଚାଳନା କମିଟିର ସଦସ୍ୟ ଅଶୋକ କୁମାର ପାଣିଗ୍ରାହୀ, କାଁହୁ ଚରଣ ପଣ୍ଡା, ନୀଳମଣି ଦାସ, ପ୍ରମୁଖ ଉପସ୍ଥିତ ଥିଲେ ଓ ଆସିକା ର ସର୍ବ ପୁରାତନ ସୁନାମ୍ଭ ସାହିରେ ବିଜେ ଶ୍ରୀଶ୍ରୀଜଗନ୍ନାଥଙ୍କ ଘୋଷ ଯାତ୍ରା ନିମନ୍ତେ ଆଗୁଆ ବିଦ୍ୟୁତ ତାର ରାସ୍ତାରୁ ବାହର କରିବା, ପ୍ରାଥମିକ ସ୍ୱାସ୍ଥ୍ୟ ସେବା, ରାସ୍ତାଘଟ ମରାମତି, ଆଇନ ଶୃଙ୍ଖଳା, ପାନୀୟ ଜଳ ବ୍ୟବସ୍ଥା, ରାସ୍ତାରେ ଗଦା ହୋଇଥିବା ଇଟା, ପଥର, ବାଲି, ଗୁଡ଼ି କୁ ଯଥାଶୀଘ୍ର ହଟାଇବା,ପରିଷ୍କାର ପରିଚନ୍ନତା ଉପରେ ଗୁରୁତ୍ୱ ଦେବାକୁ ବୈଠକ ରେ ମତ ପ୍ରକାଶ ପାଇଥିଲା ।

# ଶରତ ମିଶ୍ର ସ୍ମୃତି କମିଟିର ଶ୍ରଦ୍ଧାଞ୍ଜଳି ସଭା



## ରକ୍ତଦାନ କଲେ ଶତାଧିକ ଯୁବକ

ହିଞ୍ଜିଳିକାଟୁ, ୧୩।୭(ଅବନି କାନ୍ତ ପଟ୍ଟନାୟକ)- ହିଞ୍ଜିଳିକାଟୁ ସହର ମିନି ଷ୍ଟାଡିୟମ ଠାରେ ଶରତ ମିଶ୍ର ସ୍ମୃତି କମିଟି ପକ୍ଷରୁ ଦିବଂଗତ ବିଜେପି ନେତା ତଥା ପୂର୍ବତନ ରାଜ୍ୟ ବିଜେପି ଯୁବମୋର୍ଚ୍ଚା ସଭାପତି ସ୍ୱର୍ଗତ ଶରତ କୁମାର ମିଶ୍ରଙ୍କର ଏକବିଂଶତମ ଶ୍ରଦ୍ଧାଞ୍ଜଳି ସଭା ପାଳିତ ହୋଇଯାଇଛି। ଏହି ଅବସରରେ ମିନି ଷ୍ଟାଡିୟମ ସ୍ଥିତ ବରିଷ୍ଠ ନାଗରିକ ଚିତ୍ତୋବିନୋଦନ କେନ୍ଦ୍ର ଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରକୁ ଆସିକା ସାଂସଦ ଅନିତା ଶୁଭଦର୍ଶିନି ଉଦଘାଟନ କରିଥିଲେ। ମୋଟ ୧୦୩ ଜଣ ରକ୍ତଦାତା ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ।ବ୍ରହ୍ମପୁର ରେଡକ୍ରସ ବ୍ଲଡ଼ ବ୍ୟାଙ୍କର କର୍ମଚାରୀ ମାନେ ରକ୍ତ ସଂଗ୍ରହ କରିଥିଲେ। ସ୍ମୃତି କମିଟିର ଆବାହକ ତଥା ଆଇନଜୀବୀ ନିର୍ମଳ ସାହୁଙ୍କ ସଭାପତିତ୍ୱରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟଅତିଥି ରୂପେ ଯୋଗଦେଇ କହିଥିଲେ ଯେ, ସ୍ୱର୍ଗତ ଶରତ କୁମାର ମିଶ୍ର ଜଣେ ଉତ୍ତମ ସଂଗଠକ ଭାବରେ ସାରା ରାଜ୍ୟରେ ସୁପରିଚିତ ଥିଲେ। ସେ ସବୁବେଳେ ଲୋକଙ୍କ ସୁଖ ଦୁଃଖରେ ଯୋଡ଼ି ହୋଇ ରହୁଥିବାରୁ ଆଜିବି ବିଭିନ୍ନ ରାଜନୈତିକ ଦଳର ବହୁ ଉଚ୍ଚ ପଦସ୍ଥ ନେତା ତାଙ୍କୁ ମନେ ରଖିଛନ୍ତି ।ସେହିପରି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ମତ୍ସ୍ୟ ଓ ପଶୁସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ନିଜ ନିଜର ମତ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଆସିକା ସାଂସଦ ଅନିତା ଶୁଭଦର୍ଶିନି, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ବିଜେପି ଆସିକା ସାଂଗଠନିକ ଜିଲ୍ଲା ସଭାପତି ବିଜୟ କୁମାର ସାଇଁ, ଗଞ୍ଜାମ ଜିଲ୍ଲା ସଭାପତି ସରୋଜ ସାବତ, ଭଞ୍ଜନଗର ଜିଲ୍ଲା ସଭାପତି ନୀଳମାଧବ ପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶିଶିର ମିଶ୍ର ଓ ସୁଦୀପ୍ତ ରାୟ ମଞ୍ଚାସିନ ଥିଲେ। ଏହି ଅବସରରେ ହିଞ୍ଜିଳି ଉପଖଣ୍ଡ ଚିକିତ୍ସାଳୟର ଅଧିକ୍ଷକ ଶ୍ରୀକାନ୍ତ ସାହୁଙ୍କୁ ରୋଗୀସେବା ପାଇଁ ଏବଂ ହିଞ୍ଜିଳିକାଟୁ ବ୍ଲକ ଅନ୍ତର୍ଗତ ବୁରୁପଡ଼ା ଗ୍ରାମର ସଫଳ ଚାଷୀ ଅମର ପଣ୍ଡା,କାଠ ଶିଳ୍ପୀ ଅରୁଣ କୁମାର ସାହୁ, ଓ ହସ୍ତ ସନ୍ତୁଳନ କ୍ଷେତ୍ରରେ ଅର୍ପିତା ଜେନାଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ଶରତ ମିଶ୍ର ସ୍ମୃତି କମିଟି ଆବାହକ ନିର୍ମଳ ସାହୁ ମଞ୍ଚ ସଞ୍ଚାଳନ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ଶିଶିର ମିଶ୍ର ଧନ୍ୟବାଦ ଜ୍ଞାପନ କରିଥିଲେ। ଜିଲ୍ଲା ଉପସଭାପତି ସନ୍ତୋଷ କୁମାର ପାଣିଗ୍ରାହୀ, ବରିଷ୍ଠ ବିଜପି ନେତା ମାଧବ ଗୌଡ଼, ଜିଲ୍ଲା ସମ୍ପାଦକ ଅନ୍ତର୍ଯ୍ୟାମୀ ପାତ୍ର, ନଗର ମଣ୍ଡଳ ସଭାପତି ସୁଧାଂଶୁ ସାବତ,ଯୁବମୋର୍ଚ୍ଚା ରାଜ୍ୟ ସମ୍ପାଦକ ରୋଶନ ଖୁଣ୍ଟିଆ ,ଯୁବମୋର୍ଚ୍ଚା ନଗର ସଭାପତି ବଳରାମ ପଣ୍ଡା, ଯୁବମୋର୍ଚ୍ଚା ଜିଲ୍ଲା ସମ୍ପାଦକ ନୀତେଶ ପଣ୍ଡା,ଯୁବମୋର୍ଚ୍ଚା ସଂଗଠନ ମନ୍ତ୍ରୀ ନାରାୟଣ ପାଢ଼ୀ, ଆଲୋକ ନାୟକ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବେଲଘର ରେଞ୍ଜରୁ ଦୁଇ ଶିକାରୀ ଗିରଫ



ବାଲିଗୁଡା ୧୩/୭ (ଅକ୍ଷର ଓଡିଶା ): କନ୍ଧମାଳ ଜିଲାର ବେଲଘର ବନାଞ୍ଚଳରେ ବନବିଭାଗ ପକ୍ଷରୁ କରାଯାଇଥିବା ରାତିର ପାଟ୍ରୋଲିଂ ବେଳେ ୨ ଜଣ ଶିକାରୀଙ୍କୁ ଗିରଫ କରାଯିବା ସହ ସେମାନଙ୍କ ନିକଟରୁ ୨ଟି ଦେଶୀ ବନ୍ଧୁକ ସମେତ ବିଭିନ୍ନ ଶିକାର ସାମଗ୍ରୀ ଜବତ କରାଯାଇଛି। ଗିରଫ ଶିକା କାରୀମାନେ ହେଲେ ଝିରିପାଣି ପଞ୍ଚାୟତ ଅନ୍ତର୍ଗତ ଦେଶୁଘାଟି ଗ୍ରାମର ସୁରେନ୍ଦ୍ର ଯାନୀ (୨୭) ଓ ଉପେନ୍ଦ୍ର ଯାନୀ (୪୦) ଅନୁଯାୟୀ, କିଛିଦିନ ପୂର୍ବରୁ ବେଲଘର ବନ ନାଞ୍ଚଳରେ ସୂଚନା ଅନୁଯା ହାତୀର ମୃତ୍ୟୁ ଘଟଣା ରାଜ୍ୟବ୍ୟାପୀ ଚର୍ଚ୍ଚାର ବିଷୟ ଦୁଇଟି ହାତୀର ହୋଇଥୂଲା। ପରେ ବାଲିଗୁଡ଼ା ଗୁଡ଼ା ବନଖଣ୍ଡ ଅଧୀନ ସମସ୍ତ ବନାଞ୍ଚଳରେ ସୁଗ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା। ବର୍ତ୍ତମାନ ହାତୀଙ୍କ ଚଳପ୍ର ପ୍ରଚଳକୁ ଦୃଷ୍ଟିରେ ରଖି ବେଲଘଟ ବନବିଭାଗ ପକ୍ଷରୁ ଦିବାରା ରାତ୍ର ପାଟ୍ରୋଲିଂ ଜୋରଦାର କରାଯାଇଛି। ସୂଚନା ପ୍ରକାରେ ଗତ ରବିବାର ବିଳମ୍ବିତ ରାତିରେ ପେଟ୍ରୋଲିଂ ବେଳେ ଝିରିପାଣି ପଞ୍ଚାୟତର ଦେଶୁଘାଟି ଛକ ନିକଟରେ ଜଙ୍ଗଲରୁ ଶିକାର କରି ଫେରୁଥିବା ସମୟରେ ଦୁଇ ଶିକାରୀ ବନବିଭାଗର ପେଟ୍ରୋଲିଂ ଟିମ୍ ହାବୁଡ଼ରେ ପଡ଼ିଥିଲେ। ବନ କର୍ମଚାରୀମାନେ ସେମାନଙ୍କୁ କାବୁ କରି ଗିରଫ କରିଥିଲେ।ସେମାନଙ୍କ ନିକଟରୁ ୨ଟି ଦେଶୀ ବନ୍ଧୁକ, ୨ଟି ଗୁଳି, ୩୦ ଗ୍ରାମ ଶିସାରେ ତିଆରି ୪ଟି ଗୁଳି, ୪୬ ଗ୍ରାମ ବାରୁଦ, ୨ଟି ହେଡ୍‌ଲାଇଟ୍ ଏବଂ ଅନ୍ୟାନ୍ୟ ଶିକାର ସାମଗ୍ରୀ ଜବତ କରାଯାଇଛି। ବେଲଘର ବନାଞ୍ଚଳ ଅଧିକାରୀ ରଜନୀକାନ୍ତ ମେହେର ସୂଚନା ଦେଇଛନ୍ତି କେସ ୧୪/୭ ମାମଲା ରୁଜୁ କରାଯାଇ ଉଭୟ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ପରେ ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରାଯାଇଛି ।

# ପତିତପାବନ ମନ୍ଦିରରେ ପ୍ରଥମଥର ଅନୁଷ୍ଠିତ ହେବ ଅଧରପଣା ନୀତି



ପଶ୍ଚିମ ଓଡ଼ିଶାରେ ପ୍ରଥମ

ନୂଆପଡା,୧୩/୦୭(ଅକ୍ଷର ଓଡିଶା ):ରାଜା ରାଜୁଡ଼ା ସମୟରୁ ପ୍ରସିଦ୍ଧ ଖଡ଼ିଆଳ ଠାରେ ପତିତପାବନ, ଦଧିବାମନ ଓ ଜଗନ୍ନାଥ ମନ୍ଦିରରେ ଚଳିତ ବର୍ଷ ଏକ ଐତିହାସିକ ନୀତି ପ୍ରଚଳନ ହେବ।ପ୍ରଥମ ଥର ପାଇଁ ପଶ୍ଚିମ ଓଡ଼ିଶାରେ ଖଡ଼ିଆଳ ସ୍ଥିତ ପତିତପାବନ ମନ୍ଦିରରେ 'ଅଧରପଣା ନୀତି' ଆରମ୍ଭ କରାଯିବ। ପୁରୀ ଶ୍ରୀ ମନ୍ଦିରରେ ଏହି ଅଧରପଣା ନୀତି ଆବହମାନ କାଳରୁ ପ୍ରଚଳିତ ହୋଇ ଆସୁଛି। ମନ୍ଦିର ପ୍ରଶାସନ ପକ୍ଷରୁ ଏହି ନୀତି ଆରମ୍ଭ କରାଯିବାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଏହି ଅଞ୍ଚଳରେ ଘୁରି ବୁଲୁଥିବା ଅତୃପ୍ତ ଆତ୍ମାମାନଙ୍କୁ ମୁକ୍ତି ପ୍ରଦାନ କରିବା। ପୁରୀ ଶ୍ରୀମନ୍ଦିରରେ ରଥଯାତ୍ରା ପରେ ଅନୁଷ୍ଠିତ ହେଉଥିବା ଅଧରପଣା ନୀତିକୁଆଧାର କରି ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛିପତିତପାବନ ମନ୍ଦିର ଟ୍ରଷ୍ଟର ସଭାପତି ତାରା ପ୍ରସାଦ ଆଚାର୍ଯ୍ୟ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ପୁରୀରେ ରଥଯାତ୍ରା ସମୟରେ ଠାକୁରଙ୍କ ୦ଠ ପର୍ଯ୍ୟନ୍ତ ଉଚ୍ଚତାର ହାଣ୍ଡିରେ ବିଭିନ୍ନ ପ୍ରକାରର ଛେନା ଓ ଖୁଆ ସହିତ ଅନ୍ୟାନ୍ୟ ଅମୃତ ଜାତୀୟ ସାମଗ୍ରୀ ମିଶାଇ ପାନୀୟ ପ୍ରସ୍ତୁତ କରାଯାଇ ଠାକୁରଙ୍କୁ ସମର୍ପଣ କରାଯାଏ। ପରେ ସେହି ହାଣ୍ଡିକୁ ରଥ ଉପରୁ ଛେଚିଁ ଦିଆଯାଏ। ତଳେ ପଡ଼ିଥିବା ସେହି ପ୍ରସାଦକୁ ଘୁରି ବୁଲୁଥିବା ଅତୃପ୍ତ ଆତ୍ମାମାନେ ସେବନ କରି ମୁକ୍ତି ଲାଭ କରନ୍ତି ବୋଲି ବିଶ୍ୱାସ ରହିଛି। ସେ କହିଲେ, 'ରଥଯାତ୍ରା ସମୟରେ ଅତୃପ୍ତ ଆତ୍ମାମାନେ ଜଗି ରହିଥାନ୍ତି। ଅଧରପଣା ନୀତି ମାଧ୍ୟମରେ ସେମାନଙ୍କୁ ମୁକ୍ତି ମିଳିଥାଏ। ସେଥିପାଇଁ ମନ୍ଦିର ପ୍ରଶାସନ ଯତ୍ନବାନ ହୋଇ ପ୍ରଥମ ଥର ପାଇଁ ଖଡ଼ିଆଳରେ ଏହି ନୀତିକୁ ଲାଗୁ କରିଛି। 'ଖଡ଼ିଆଳର ପତିତପାବନ ମନ୍ଦିର ରାଜା ରାଜୁଡ଼ା ସମୟରୁ ରହି ଆସିଛି। ପ୍ରତିବର୍ଷ ଏଠାରେ ରଥଯାତ୍ରା ଅତ୍ୟନ୍ତ ଧୂମଧାମରେ ପାଳିତ ହୁଏ। ପ୍ରଥମ ଥର ଅଧରପଣା ନୀତି ଲାଗୁ ହେବା ପରେ ପଶ୍ଚିମ ଓଡ଼ିଶାର ଭକ୍ତମାନଙ୍କ ମଧ୍ୟରେ ବେଶ ଉତ୍ସାହ ଦେଖାଦେଇଛି। ମନ୍ଦିର ଟ୍ରଷ୍ଟ ପକ୍ଷରୁ ଆଗାମୀ ବର୍ଷଗୁଡ଼ିକରେ ମଧ୍ୟ ଏହି ନୀତିକୁ ଜାରି ରଖିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଟ୍ରଷ୍ଟର ଉପ ସଭାପତି ଶୈଳେନ୍ଦ୍ର ପାଣିଗ୍ରାହୀ, ସମ୍ପାଦକ ଚନ୍ଦନ କୁମାର ସାହୁ, ସଭ୍ୟ ଖୁସିରାମ ଭୋଇ, ଆଶୁତୋଷ ଯୋଶୀ, ସରୋଜ ଶବର, ଟଙ୍କଧର ଶବର, ପୂଜକ ଚିତ୍ରସେନ ଯୋଶୀ ପ୍ରମୁଖ ଉପସ୍ଥିତ ଥିଲେ।

# କିଶୋରନଗରରେ ଜନ ଅଭିଯୋଗ ଶୁଣାଣି



ଅନୁଗୋଳ, ୧୩/୦୭ (ଅଜିତ) : ଅନୁଗୋଳ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ ଏବଂ ଜିଲ୍ଲାସ୍ତରୀୟ ବିଭିନ୍ନ ସରକାରୀ ଅଧିକାରୀଙ୍କ ଉପସ୍ଥିତିରେ କିଶୋରନଗର ବ୍ଲକ ମୁଖ୍ୟାଳୟଠାରେ ଜିଲ୍ଲାସ୍ତରୀୟ ମିଳିତ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ଏହି ଶୁଣାଣିରେ ମୋଟ ୭୫ଟି ଅଭିଯୋଗ ଗ୍ରହଣ କରାଯାଇଥିବା ବେଳେ ସେଥିମଧ୍ୟରୁ ୪ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ଅବଶିଷ୍ଟ ଅଭିଯୋଗଗୁଡ଼ିକର ଶୀଘ୍ର ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦିଆଯାଇଥିଲା।ଏହି ଅବସରରେ ଦୁଇଜଣ ଅଭାବୀ ଓ ଦୁଃଖୀ ବ୍ୟକ୍ତିଙ୍କୁ ଜିଲ୍ଲା ରେଡକ୍ରସ ପାଣ୍ଠିରୁ ମୋଟ ୧୨,୫୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା।

# ପାତାଳୀ ଶ୍ରୀକ୍ଷେତ୍ରରେ ଥିବା ପ୍ରସିଦ୍ଧ ଜଗନ୍ନାଥ ଗୁମ୍ଫାକୁ ସଫା କଲେ ସ୍ଥାନୀୟ ଯୁବକ



ସୁବର୍ଣ୍ଣପୁର, ୧୩।୭(ସଂଗ୍ରାମ ମହାପାତ୍ର) : ସୁବର୍ଣ୍ଣପୁର ଜିଲ୍ଲାର ପାତାଳୀ ଶ୍ରୀକ୍ଷେତ୍ର ନାମେ ଜଣାଶୁଣା ପର୍ଯ୍ୟଟନ ସ୍ଥଳୀ ପାତାଳୀ ଶ୍ରୀକ୍ଷେତ୍ର ରେ ଥିବା ପ୍ରସିଦ୍ଧ ଜଗନ୍ନାଥଗୁମ୍ଫାଙ୍କୁ ଦେଖିବାକୁ ଜଣେ ପର୍ଯ୍ୟଟକ ବାହାରୁ ଆସିଥିଲେ ଓ ସେହି ଗୁମ୍ଫା ଦେଖିବା ପରେ ଆଉ ଜଗନ୍ନାଥ ଗୁମ୍ଫା ଭିତରେ ବହୁତ ଅଳିଆ ଆବର୍ଜନା, ପ୍ଲାଷ୍ଟିକ ବୋତଲ, ପଲିଥିନ୍, ସୁଖା ନଡ଼ିଆ ପଡ଼ିଥିବାରୁ ତାଙ୍କ ମନରେ ଆଘାତ ଦେଇଥିଲା । ଆଉ ସିଏ ଏହି ଘଟଣାକୁ ସୋସିଆଲ ମିଡ଼ିଆ ରେ ପୋଷ୍ଟ କରି ପ୍ରଶାସନ କୁ ସଫା ସୂତରା ପାଇଁ ନିବେଦନ କରିଥିଲେ । ସେଇ ଭିଡିଓ ଟା ସ୍ଥାନୀୟ ଯୁବକ ମାନେ ଦେଖି ଯେହେତୁ ଏମାନେ ଏଇ ଗାଁର ତେଣୁ ଟିକେ ଖରାପ୍ ଲାଗିଲା । ସ୍ଥାନୀୟ ଯୁବକମାନେ ଏହାକୁ ଗୁରୁତ୍ୱ ସହ ନେଇ ଆଗକୁ ପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା ଆସୁଛି ଏହି ଜାଗାକୁ ହଜାର ହଜାର ସଂଖ୍ୟାରେ ଭକ୍ତ ଆସିବେ କଣ ଭାବିବେ ବୋଲି ଭାବି ପ୍ରଶାସନଙ୍କୁ ଅପେକ୍ଷା ନ କରି ନିଜେ ପରିଶ୍ରମ କରି ଏବେ ଏହି ଗୁମ୍ଫା କୁ ଏବେ ପୁରା ସଫା ସୁତର କରିଛନ୍ତି । ଏହି ଭଳି କାର୍ଯ୍ୟକୁ ସବୁ ମହଲରୁ ସ୍ୱାଗତ କରାଯିବା ସଙ୍ଗେ ସଙ୍ଗେ କେମିତି ପର୍ଯ୍ୟଟକ ଏଠାକୁ ଆସି ଭଲ ବାର୍ତ୍ତା ନେଇ ଫେରିବେ ସେଥିପାଇଁ ଏହି ଯୁବଗୋଷ୍ଠି ଉଦ୍ୟମ ଚାଲିଛି ।

# ଖରିଫ ଋତୁର ଶସ୍ୟବୀମା ଅଫଲାଇନରେ ପଞ୍ଜିକରଣ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର

କଳାହାଣ୍ଡି, ୧୩/୭/(ଅକ୍ଷର ଓଡ଼ିଶା): କଳାହାଣ୍ଡି ଜିଲ୍ଲା ଜନ ସଂଗ୍ରାମ ସମିତିର କର୍ମକର୍ତ୍ତା ପକ୍ଷରୁ କଳାହାଣ୍ଡି ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ବୈତାରୁ ଦୀପଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ, ଗୋଲାମୁଣ୍ଡା ବ୍ଲକ ଏକ ଆଦିବାସୀ ଅଦ୍ୟୁଷିତ ବ୍ଲକ ଅଟେ, ଏଠାରେ ୮୦% ପ୍ରତିଶତ ଲୋକ ଚାଷ କରି ପରିବାର ପ୍ରତିପୋଷଣ କରିଥାନ୍ତି। ପ୍ରତିବର୍ଷ ଗୋଲାମୁଣ୍ଡା ଅଞ୍ଚଳ ରେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଏବଂ ଜଳସେଚନ ର ସୁବିଧା ନଥିବା ଯୋଗୁ ଲୋକ ମରୁଡିର ଶିକାର ହୋଇଥାନ୍ତି।ପ୍ରତେକ ବର୍ଷ ମରୁଡିର ମୁକାବିଲା ପାଇଁ ଲୋକ



ଶସ୍ୟବୀମା କରିଥାନ୍ତି। ଏହି ବର୍ଷ ମଧ ଚାଷୀ ଶସ୍ୟବୀମା କମ୍ପାନୀ ମାନଙ୍କରେ ନିଜର ଚାଷଜମିମାନଙ୍କୁ ନେଇ ଶସ୍ୟବୀମା କରିବାକୁ ଚାହୁଁଛନ୍ତି କିନ୍ତୁ ଦୁଃଖର କଥା ବର୍ତ୍ତମାନ ଚାଷୀ ମାନଙ୍କୁ agristick ନାମରେ ଶସ୍ୟବୀମା ରୁ ବଞ୍ଚିତ ହେଉଛନ୍ତି। ଗୋଲାମୁଣ୍ଡା ବ୍ଲକରେ ଜଙ୍ଗଲ ଜମି ପାଇଥିବା ହିତାଧିକାରୀ ମାନଙ୍କ ପଟ୍ଟା ଆଜି ପର୍ଯ୍ୟନ୍ତ ଭୁଲେଖରେ ଦେଖାଯାଉ ନାହିଁ, ଅନ୍ୟପଟେ ୧୯୫୫-୫୬ ବର୍ଷ ପରେ ଗୋଲାମୁଣ୍ଡା ବ୍ଲକର ଗୋଲାମୁଣ୍ଡା, ମାନଝରୀ, ଧାମନପୁର, ଚିଲିଗାଁ, ଲିମସେର, ବୃନ୍ଦାବାହାଲ ପରି ଅନେକ ଗାଁରେ ଆଜି ପର୍ଯ୍ୟନ୍ତ ଭୁ ବନ୍ଦବସ୍ତ ହୋଇପାରି ନାହିଁ। ଆଜି ପର୍ଯ୍ୟନ୍ତ ଜମି ରେକର୍ଡ ଗୁଡିକ ପୂର୍ବ ପୁରୁଷଙ୍କ ନାମରେ ଅଛି। ତେଣୁ ଚାଷୀଙ୍କ ନାମରେ agristick ହୋଇପାରୁ ନାହିଁ। ଚାଷୀ agristick ନାମରେ ନାହିଁ ନଥିବାର ଅସୁବିଧା ସମ୍ମୁଖୀନ ହେଉଛନ୍ତି। ଯଦି agristickକୁ ହଟାନଯାଏ ଓ ଅଫଲାଇନରେ ଦରଖାସ୍ତ ଗ୍ରହଣ କରାନଯାଏ ତାହେଲେ ଚାଷୀ ଶସ୍ୟବୀମା ପଞ୍ଜିକୃତ କରିବାରୁ ବଞ୍ଚିତ ହୋଇଯିବେ। ବୋଲି ଜନ ସଂଗ୍ରାମ ସମିତିର ସଭାପତି ଶାଉଲ ମଙ୍ଗରାଜ, ସମ୍ପାଦକ ଅନିଲ କୁମାର ମଲ୍ଲିକ, ଅସାରୁ ମାଝୀ, ମନୋଜ କୁମାର ସିପକା, ସଦାନନ୍ଦ ମାଝୀ, ଘନ ରଣା, ଅଗସ୍ତି ମାଝୀ ପ୍ରମୁଖ ଉପସ୍ଥିତ ରହି ଦାବି ପତ୍ର ପ୍ରଦାନ କରିଥିଲେ।

ଅକ୍ଷର
AKHYARA ODISHA ଓଡ଼ିଶା
ମଙ୍ଗଳବାର ୧୪।୦୭।୨୦୨୬

**୨୦୩୦ ବିଶ୍ୱକପ୍‌ରେ ୬୪ ଦଳ**

# ଭାରତକୁ ମିଳିପାରେ ସୁଯୋଗ

## ବଢ଼ିବ ମ୍ୟାଚ୍, ବଢ଼ିପାରେ ବିବାଦ

ମିଆମି, ୧୩/୭ : ଫିଫା ଫୁଟ୍‌ବଲ୍ ବିଶ୍ୱକପ୍‌ର ଆକାର ଆହୁରି ବଡ଼ ହେବ। ଚାରି ବର୍ଷ ପରେ ଅର୍ଥାତ୍ ୨୦୩୦ରେ ଖେଳାଯିବାକୁ ଥିବା ବିଶ୍ୱକପ୍‌ର ଶତବାର୍ଷିକୀ ସଂସ୍କରଣରେ ଦଳ ସଂଖ୍ୟା ଏବେକାର ୪୮ରୁ ୬୪କୁ ବଢ଼ିପାରେ। ଏଭଳି ଏକ ପ୍ରସ୍ତାବକୁ ଫିଫା ଗୁରୁତ୍ୱର ସହ ବିଚାରକୁ ନେଇଛି। ରବିବାର ଏଭଳି ସୂଚନା ଦେଇଛନ୍ତି ଫିଫା ସଭାପତି ଜିଆନି ଇନଫାଣ୍ଟିନୋ । ଯଦି ବିଶ୍ୱକପ୍‌ର ଦଳସଂଖ୍ୟା ୬୪କୁ ବଢ଼ିବ, ତାହେଲେ ଏସିଆ ମହାଦେଶରୁ ଭାରତ ପ୍ରଥମ ଥର ବିଶ୍ୱକପ୍ ଖେଳିବାର ସମ୍ଭାବନା ସୃଷ୍ଟି ହେବ। ତେବେ ଏଥିଲାଗି ଭାରତୀୟ ଦଳକୁ ଏସିଆର ଅନ୍ୟୂନ ଶ୍ରେଷ୍ଠ ୮ ଦଳ ମଧ୍ୟରେ ରହି ଯୋଗ୍ୟତା ପର୍ଯ୍ୟାୟର କଠିନ ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହେବାକୁ ପଡ଼ିବ। ଏହି ବିଷୟରେ ବିସ୍ତୃତ ସୂଚନା ଦେଇ ଇନ୍‌ଫାଣ୍ଟିନୋ କହିଛନ୍ତି ଯେ ଆମେ ବିଶ୍ୱକପ୍‌କୁ କେବଳ ଦକ୍ଷିଣ ଆମେରିକା କିମ୍ବା ୟୁରୋପ ଭିତରେ ସୀମିତ ରଖିବାକୁ ଚାହୁଁନୁ। ଛୋଟ ଛୋଟ ଦେଶଗୁଡ଼ିକୁ ମଧ୍ୟ ଏହି ମହାପର୍ବରେ ସାମିଲ କରିବାକୁ ଅଗ୍ରହୀ ଅଛୁ। ଏଣୁ ୨୦୨୬ ବିଶ୍ୱକପ୍ ଶେଷ ହେବା ପରେ ୬୪ ଦଳ ବିଶିଷ୍ଟ ପରବର୍ତ୍ତୀ ବିଶ୍ୱକପ୍ ପ୍ରସ୍ତାବ ଉପରେ ବିସ୍ତୃତ ଆଲୋଚନା ହେବ। ପ୍ରସ୍ତାବକୁ ମଞ୍ଜୁରି ମିଳିଲେ ୨୦୩୦ ବିଶ୍ୱକପ୍‌ରେ ମୋଟ ୬୪ଟି ଦଳକୁ ୧୬ଟି ଗ୍ରୁପ୍‌ରେ



ବିଭକ୍ତ କରାଯିବ। ପ୍ରତ୍ୟେକ ଗ୍ରୁପ୍‌ରେ ୪ଟି ଲେଖାଏଁ ଦଳ ରହିବେ ଏବଂ ଶ୍ରେଷ୍ଠ ଦୁଇଟି ଦଳ ସିଧାସଳଖ ରାଉଣ୍ଡ ଅଫ୍ ୩୨କୁ ଉନ୍ନୀତ ହେବେ। ଏହା ଫଳରେ ତୃତୀୟ ସ୍ଥାନର ଦଳମାନଙ୍କ ଯୋଗ୍ୟତା ନିର୍ଣ୍ଣୟର ଜଟିଳ ପ୍ରକ୍ରିୟା ସହଜରେ ଦୂର ହୋଇଯିବ। ୬୪ ଦଳର ବିଶ୍ୱକପ୍ ଆୟୋଜନ ହେଲେ ମୋଟ ମ୍ୟାଚ୍ ସଂଖ୍ୟା ୧୨୮ରେ ପହଞ୍ଚିବ। ଏହା ଫଳରେ ଖେଳାଳିଙ୍କ କାର୍ଯ୍ୟଭାର ବଢ଼ିବା ସହ ୟୁଏଫଏ, ବିଭିନ୍ନ ଘରୋଇ ଲିଗ୍ ଓ ଖେଳାଳି ସଂଘଗୁଡ଼ିକର ବିରୋଧ ମଧ୍ୟ ବଢ଼ିପାରେ। ତଥାପି ଫିଫାର ବିଶ୍ୱାସ, ବିଶ୍ୱକପ୍‌ରେ ଅଧିକ ଦେଶକୁ ସୁଯୋଗ ମିଳିଲେ ବିଶ୍ୱ ଫୁଟ୍‌ବଲର୍ ବିକାଶ ଆହୁରି ତ୍ୱରାନ୍ୱିତ ହେବ। ଉଲ୍ଲେଖଯୋଗ୍ୟ ଯେ ୨୦୩୦ ଫିଫା ବିଶ୍ୱକପ୍‌ର ମୁଖ୍ୟ ଆୟୋଜକ ରହିବେ ସ୍ପେନ୍, ପର୍ତ୍ତୁଗାଲ ଓ ମୋରୋକ୍କୋ। ଏହାସହ ଶତବାର୍ଷିକୀ ସଂସ୍କରଣକୁ ସ୍ମରଣୀୟ କରିବା ଲାଗି ଉରୁଗୁଏ, ଆର୍ଜେଣ୍ଟିନା ଓ ପାରାଗୁଏରେ ଉଦ୍‌ଘାଟନୀ ମ୍ୟାଚ୍‌ର ଆୟୋଜନ କରାଯିବ।

# ୧୪୨ ବର୍ଷ ପରେ ଲର୍ଡସରେ ଇତିହାସ ରଚିଲା ଟିମ୍ ଇଣ୍ଡିଆ

ଲର୍ଡସ,୧୩।୭: ଲର୍ଡସରେ ଭାରତ ଇଂଲଣ୍ଡକୁ ୨୭୦ ରନରେ ପରାସ୍ତ କରି ଐତିହାସିକ ବିଜୟ ହାସଲ କରିଛି। ୧୪୨ ବର୍ଷର ଇତିହାସରେ ଲର୍ଡସରେ ଖେଳାଯାଇଥିବା ଏହା ପ୍ରଥମ ମହିଳା ଟେଷ୍ଟ ମ୍ୟାଚ ଥିଲା ଏବଂ ଭାରତୀୟ ମହିଳା ଦଳ ଏହାକୁ ଜିତି ଇତିହାସ ରଚିଥିଲା। ଆୟୋଜକ ଇଂଲଣ୍ଡକୁ ଚତୁର୍ଥ ଇନିଂସରେ ୪୫୭ ରନର ଲକ୍ଷ୍ୟ ଦିଆଯାଇଥିଲା କିନ୍ତୁ ୧୮୬ ରନରେ ଅଲଆଉଟ ହୋଇଗଲା। ପ୍ରଥମ ଇନିଂସରେ ୧୧୫ ରନର ବିଶାଳ ଲିଡ ସ୍ଥାପନ କରିବା ପରେ ଟିମ ଇଣ୍ଡିଆ ୩୪୧ ରନରେ ସେମାନଙ୍କର ଦ୍ୱିତୀୟ ଇନିଂସ ଘୋଷଣା କରିଥିଲା। ୪୫୭ ରନର ଲକ୍ଷ୍ୟ ପିଛା କରୁଥିବା ଇଂଲଣ୍ଡର ପରାଜୟ ତୃତୀୟ ଦିନ ସୁଦ୍ଧା ପ୍ରାୟ ନିଶ୍ଚିତ ହୋଇଯାଇଥିଲା, କାରଣ ସେମାନେ ମାତ୍ର ୫୯ ରନରେ ପାଞ୍ଚଟି




ଉଇକେଟ ହରାଇଥିଲେ। ଆମି ଜୋନ୍ସ ଏବଂ ସୋଫି ଏକ୍ଲେଷ୍ଟୋନ ଅର୍ଦ୍ଧଶତକୀୟ ଇନିଂସ ଖେଳି ଇଂଲଣ୍ଡର ଆଶାକୁ ଉଜ୍ଜୀବିତ ରଖିଥିଲେ, କିନ୍ତୁ ଶେଷରେ, ଦଳ କେବଳ ୧୮୬ ରନ କରିପାରିଥିଲା। ଟିମ ଇଣ୍ଡିଆର ପ୍ରଥମ ଇନିଂସ ୨୮୫ ରନରେ ଅଲଆଉଟ୍ ହୋଇଥିଲା। ଟିମ ଇଣ୍ଡିଆ ଏକ ବଡ଼ ଅଗ୍ରଣୀ ସହିତ ପଡ଼ିଆକୁ ଓହ୍ଲାଇଥିଲା ଏବଂ ୩୪୧ ରନରେ ସେମାନଙ୍କର ଦ୍ୱିତୀୟ ଇନିଂସ ଘୋଷଣା କରିଥିଲା। ମ୍ୟାଚରେ କ୍ରାନ୍ତି ଗୌର ମୋଟ ୭ ଓ୍ୱିକେଟ ନେଇଥିଲେ। ସ୍ନେହ ରାଣା ୬ ଓ୍ୱିକେଟ ନେଇଥିଲେ। ଭାରତ ପାଇଁ ଏହି ଐତିହାସିକ ବିଜୟରେ କ୍ରାନ୍ତି ଗୌର ଏବଂ ଯଷ୍ଟିକା ଭାଟିଆ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।

# ବିଦାୟ ନେଲେ ଚେନ୍ନାଇର ମୁଖ୍ୟ କୋଚ୍

ଚେନ୍ନାଇ, ୧୩/୭ : ଇଣ୍ଡିଆନ ପ୍ରିମିୟର ଲିଗ୍ ଇତିହାସର ସବୁଠାରୁ ସଫଳ ଏବଂ ଦୀର୍ଘ ଦିନର ଏକ ଭାଗିଦାରୀର ଅନ୍ତ ଘଟିଛି। ଚେନ୍ନାଇ ସୁପର କିଙ୍ଗସର ମୁଖ୍ୟ କୋଚ୍ ଷ୍ଟିଫେନ୍ ଫ୍ଲେମିଙ୍ଗ ୧୮ ବର୍ଷ ପରେ ଦଳରୁ ଅଲଗା ହେବାକୁ ନିଷ୍ପତ୍ତି ନେଇଛନ୍ତି। ଫ୍ରାଞ୍ଚାଇଜ ପକ୍ଷରୁ ଏକ ବିବୃତ୍ତି ଜାରି କରି ଏହି ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ ଯେ, ଚେନ୍ନାଇ ସୁପର କିଙ୍ଗସ ଶେଷ ଥର ପାଇଁ ୨୦୨୩ ମସିହାରେ ଆଇପିଏଲ୍ ଟ୍ରଫି ଜିତିଥିଲା। କିନ୍ତୁ ଏହା ପରେ ୨୦୨୪, ୨୦୨୫ ଏବଂ ୨୦୨୬ ସିଜନରେ ଦଳ ପ୍ଲେ-ଅଫ୍ ପାଇଁ କ୍ୱାଲିଫାଏ କରିବାରେ ବିଫଳ ହୋଇଥିଲା। ଏହି ଲଗାତାର ଖରାପ ପ୍ରଦର୍ଶନ କାରଣରୁ ଗତ କିଛି ଦିନ ହେବ ଫ୍ଲେମିଙ୍ଗଙ୍କ ଭବିଷ୍ୟତକୁ ନେଇ ପ୍ରଶ୍ନ ଉଠୁଥିଲା। ଶେଷରେ ସିଏସକେ ମ୍ୟାନେଜମେଣ୍ଟ ଓ ଫ୍ଲେମିଙ୍ଗଙ୍କ ମଧ୍ୟରେ ହୋଇଥିବା ଆଲୋଚନା ପରେ ଏହି ସହମତି ପ୍ରକାଶ ପାଇଛି। ନ୍ୟୁଜିଲାଣ୍ଡର ପୂର୍ବତନ ଅଧିନାୟକ ଷ୍ଟିଫେନ୍ ଫ୍ଲେମିଙ୍ଗ ୨୦୦୮ ଆଇପିଏଲ୍ ପ୍ରଥମ ସିଜନରେ



## ୨୦୦୮ ରୁ ଆରମ୍ଭ ହୋଇଥିଲା ସଫଳ ଯାତ୍ରା

ଜଣେ ଖେଳାଳି ଭାବେ ଚେନ୍ନାଇ ସହିତ ଯୋଡ଼ି ହୋଇଥିଲେ। ଏହା ପରେ ୨୦୦୯ ମସିହାରେ ସେ ଦଳର ମୁଖ୍ୟ କୋଚ୍ ଦାୟିତ୍ୱ ଗ୍ରହଣ କରିଥିଲେ। ତାଙ୍କ କୋଚିଂ କାଳରେ ସିଏସକେ ୫ ଥର ଆଇପିଏଲ୍ ଟ୍ରଫି ଏବଂ ୨ ଥର ଚାମ୍ପିଅନ୍‌ସ ଲିଗ୍ ଟି-୨୦ ଟାଇଟଲ୍ ଜିତିବାରେ ସଫଳ ହୋଇଥିଲା। ଦଳ ୧୨ ଥର ପ୍ଲେ-ଅଫ୍ ଏବଂ ୧୦ ଥର ଫାଇନାଲ୍ ଖେଳିବାର ଗୌରବ ଅର୍ଜନ କରିଥିଲା। ଫ୍ଲେମିଙ୍ଗଙ୍କ ବିଦାୟ ପରେ ସିଏସକେର ମାଲିକ ରୂପା ଗୁରୁନାଥ ଗଭୀର କୃତଜ୍ଞତା ଜଣାଇଛନ୍ତି। ରୂପା ଗୁରୁନାଥ କହିଛନ୍ତି ଯେ, 'ଫ୍ଲେମିଙ୍ଗ୍ ପ୍ରାୟ ଦୁଇ ଦଶନ୍ଧି ଧରି ଆମ କୋଚିଂ ୟୁନିଟ୍‌ର ହୃଦସ୍ପନ୍ଦନ ଥିଲେ। ପଡ଼ିଆରେ ଆମର ସାଥ୍ ଶେଷ ହୋଇଥାଇପାରେ, କିନ୍ତୁ ସେ ସବୁବେଳେ ଆମର ଏକ ଅଂଶ ହୋଇ ରହିବେ।' ଦଳରୁ ବିଦାୟ ନେବା ସମୟରେ ଫ୍ଲେମିଙ୍ଗ କହିଛନ୍ତି, 'ଖେଳ ଦୁନିଆରେ ୧୮ ବର୍ଷ ଏକ ସମ୍ପୂର୍ଣ୍ଣ ଜୀବନ ସହ ସମାନ। ଚେନ୍ନାଇ ସୁପର କିଙ୍ଗସ ସହ ବିତାଇଥିବା ସମୟ ମୋ କୋଚିଂ କ୍ୟାରିୟରର ସବୁଠାରୁ ବଡ଼ ସୌଭାଗ୍ୟଥିଲା। ଆମେ ଅନେକ ସ୍ମରଣୀୟ ବିଜୟ ହାସଲ କରିଛୁ। ସିଏସକେ ସବୁବେଳେ ମୋ ହୃଦୟର ନିକଟତର ହୋଇ ରହିବ।'

# ୪ ପୂର୍ବ ଚମ୍ପିଆନଙ୍କ ପ୍ରାଧାନ୍ୟ



ମିଆମି, ୧୩/୦୭ :ଚଳିତ ଫିଫା ଫୁଟବଲ ବିଶ୍ୱକପର ସେମିଫାଇନାଲରେ ପହଞ୍ଚିଥିବା ୪ଟି ଯାକ ଦଳ ଫ୍ରାନ୍ସ, ସ୍ପେନ, ଇଂଲଣ୍ଡ ଓ ଆର୍ଜେଣ୍ଟିନା ହେଉଛନ୍ତି ପୂର୍ବତନ ଚମ୍ପିଆନ। ଫ୍ରାନ୍ସ ୧୯୯୮ ଓ ୨୦୧୮ରେ ଦୁଇଥର, ସ୍ପେନ ୨୦୧୦ରେ ଥରେ, ଇଂଲଣ୍ଡ ୧୯୬୬ରେ ଥରେ ଓ ଆର୍ଜେଣ୍ଟିନା ୧୯୭୮, ୧୯୮୬ ଓ ୨୦୨୨ରେ ୩ଥର ଚମ୍ପିଆନ ହୋଇଛନ୍ତି। ଏଥି ସହିତ ସ୍ପଷ୍ଟ ହୋଇଛି ଯେ, ଚଳିତ ବିଶ୍ୱକପରେ ଆଉ ନୂଆ ବିଜେତାଙ୍କୁ ଦେଖିବାକୁ ମିଳିବନି। ସେମିଫାଇନାଲରେ ପହଞ୍ଚିଥିବା ୪ଟି ଦଳ ମଧ୍ୟରୁ ୩ଟି ୟୁରୋପୀୟ ଦେଶ ଓ ଗୋଟିଏ ଲାଟିନ୍ ଆମେରିକୀୟ ଦେଶ ରହିଛି। ପୂର୍ବରୁ ବିଶ୍ୱକପ ଜିତିଥିବା ଉକ୍ତ ୪ ଦଳଙ୍କ ମଧ୍ୟରୁ ଗୋଟିଏ ଦଳ ପୁଣି ଥରେ ବିଶ୍ୱ ବିଜେତା ହେବ। ସେମିଫାଇନାଲରେ ପହଞ୍ଚିଥିବା ୪ଟି ଯାକ ଦଳରେ ତାରକା ଖେଳାଳି ରହିଛନ୍ତି। ଫ୍ରାନ୍ସର କିଲିଆନ ଏମ୍‌ବାପେ- ସ୍ପେନର ମିକେଲ ଓୟାରସାବଲ, ଆର୍ଜେଣ୍ଟିନାର ଲିଓନେଲ ମେସି- ଇଂଲଣ୍ଡର ହ୍ୟାରୀ କେନ୍‌ଙ୍କ ମଧ୍ୟରେ ଲଢ଼େଇ ହେବ।

# ବିଶ୍ୱକପ୍ ସୁଟିଂରେ ନିରୁଙ୍କୁ ସ୍ୱର୍ଣ୍ଣ

ଲୋନାଟୋ, ୧୩/୭ : ଏଠାରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ସୁଟିଂ ବିଶ୍ୱକପ୍‌ରେ ଭାରତୀୟ ମହିଳା ନିରୁ ଧାଣ୍ଡା ସ୍ୱର୍ଣ୍ଣପଦକ ଜିତିଛନ୍ତି। ଟ୍ରାପ୍ ସୁଟିଂ ବର୍ଗରେ ନିରୁ ଫାଇନାଲରେ ୩୦ଟିରୁ ୨୭ ଥର ଲକ୍ଷ୍ୟଭେଦ କରି ପ୍ରଥମ ସ୍ଥାନରେ ରହିଥିଲେ। ୨୫ ପଏଣ୍ଟ ପାଇ ଫ୍ରାନ୍ସର କାରୋଲ କୋର୍ମେନିଏର ରୌପ୍ୟ ଓ ୧୯ ପଏଣ୍ଟ ପାଇ ଇଟାଲୀର ଲରିକା ସେସା କାଂସ୍ୟ ପଦକ ଜିତିଥିଲେ। ମଧ୍ୟପ୍ରଦେଶର ନିରୁ ଧାଣ୍ଡାଙ୍କର ଏହା ପ୍ରଥମ ସୁଟିଂ ବିଶ୍ୱକପ୍ ସ୍ୱର୍ଣ୍ଣ। ସେ ଆସନ୍ତା ଏସୀୟ କ୍ରୀଡ଼ାରେ ଭାରତର ପ୍ରତିନିଧିତ୍ୱ କରିବାକୁ ଯାଉଛନ୍ତି।



# ହର୍ଷିତ,ବରୁଣଙ୍କ ସ୍ଥାନରେ ବିଷ୍ଣୋଇ, ପ୍ରିନ୍ସ ସାମିଲ



ନୂଆଦିଲ୍ଲୀ, ୧୩/୭ : ଇଂଲଣ୍ଡ ବିପକ୍ଷ ଦିନିକିଆ ଓ ଜିମ୍ବାୱେ ବିପକ୍ଷ ଟ୍ୱେଣ୍ଟି୨୦ ଶୃଙ୍ଖଳା ଲାଗି ଭାରତୀୟ ଦଳରେ ଦୁଇଟି ପରିବର୍ତ୍ତନ କରାଯାଇଛି। ହର୍ଷିତ ରାଣା ଓ ବରୁଣ ଚକ୍ରବର୍ତ୍ତୀଙ୍କ ସ୍ଥାନରେ ପ୍ରିନ୍ସ ଯାଦବ ଓ ରବି ବିଷ୍ଣୋଇଙ୍କୁ ସାମିଲ କରାଯାଇଛି। ଇଂଲଣ୍ଡ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଦିନିକିଆ ଶୃଙ୍ଖଳା ଜୁଲାଇ ୧୪ରୁ ୧୯ ପର୍ଯ୍ୟନ୍ତ ଖେଳାଯିବ। ଏଥିପାଇଁ ଭାରତୀୟ ଦଳରେ ଗୋଟିଏ ପରିବର୍ତ୍ତନ କରାଯାଇଛି। ଆହତ ହୋଇ ବାଦ୍ ପଡ଼ିଥିବା ପେସ୍ ବୋଲର ହର୍ଷିତ ରାଣାଙ୍କ ସ୍ଥାନରେ ପ୍ରିନ୍ସ ଯାଦବଙ୍କୁ ସାମିଲ କରାଯାଇଛି। ଇଂଲଣ୍ଡ ବିପକ୍ଷ ୩ୟ ଟ୍ୱେଣ୍ଟି-୨୦ରେ ହର୍ଷିତ ରାଣା ଆହତ ହୋଇଥିଲେ। ହର୍ଷିତ ଚିକିତ୍ସା ପାଇଁ ବିସିସିଆଇ ସିଓଇକୁ ଯିବେ। ଜିମ୍ବାୱେ ବିପକ୍ଷ ଟ୍ୱେଣ୍ଟି-୨୦ ଶୃଙ୍ଖଳା ଲାଗି ବରୁଣ ଚକ୍ରବର୍ତ୍ତୀଙ୍କ ସ୍ଥାନରେ ଲେଗ୍ ସ୍ପିନର ରବି ବିଷ୍ଣୋଇଙ୍କୁ ସାମିଲ କରାଯାଇଛି। ବରୁଣ ଇଂଲଣ୍ଡ ବିପକ୍ଷ ତୃତୀୟ ଟ୍ୱେଣ୍ଟି-୨୦ ସମୟରେ ଆଘାତ ପାଇଥିଲେ। ଡାକ୍ତରଙ୍କ ପରାମର୍ଶରେ ତାଙ୍କୁ ଜିମ୍ବାୱେ ବିପକ୍ଷ ଟ୍ୱେଣ୍ଟି-୨୦ ଶୃଙ୍ଖଳାରୁ ବାଦ୍ ଦିଆଯାଇଛି। ଜିମ୍ବାୱେ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଟ୍ୱେଣ୍ଟି-୨୦ ଶୃଙ୍ଖଳା ଚଳିତ ଜୁଲାଇ ୨୩, ୨୫ ଓ ୨୬ରେ ଖେଳାଯିବ।

# ଇଂଲଣ୍ଡର ଟେଷ୍ଟ ପ୍ରଶିକ୍ଷକ ପଦରୁ ହଟିଲେ ମ୍ୟାକ୍କଲମ୍

ଲଣ୍ଡନ, ୧୩/୭ : ତାରକା ଅଲରାଉଣ୍ଡର ବେନ୍ ଷ୍ଟୋକ୍ସ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବା ପରେ ଏବେ ଇଂଲଣ୍ଡ ପୁରୁଷ କ୍ରିକେଟ ଟେଷ୍ଟ ଦଳର ମୁଖ୍ୟ ପ୍ରଶିକ୍ଷକ ପଦରୁ ବ୍ରେଣ୍ଡନ୍ ମ୍ୟାକ୍କଲମ ବିଦା ହୋଇଛନ୍ତି। ମ୍ୟାକ୍କଲମ୍‌ଙ୍କୁ ଟେଷ୍ଟ ଦଳର ପ୍ରଶିକ୍ଷକ ପଦରୁ ଇଂଲଣ୍ଡ ଓ୍ୱେଲ୍‌ସ କ୍ରିକେଟ ବୋର୍ଡ (ଇସିବି) ରବିବାର ହଟାଇ ଦେଇଛି। ତେବେ ମ୍ୟାକ୍କଲମ୍ ଦିନିକିଆ ଓ ଟ୍ୱେଣ୍ଟି-୨୦ ଦଳର ପ୍ରଶିକ୍ଷକ ରହିବେ ବୋଲି ଇସିବି ପକ୍ଷରୁ ସ୍ପଷ୍ଟ କରାଯାଇଛି। ଇଂଲଣ୍ଡ କ୍ରିକେଟ ଦଳ ଅଷ୍ଟ୍ରେଲିଆ ବିପକ୍ଷ ଆସେସ ଟେଷ୍ଟ ଶୃଙ୍ଖଳା ୨୦୨୫-୨୬ରେ ୧-୪ରେ ପରାଜୟ ଓ ଘରୋଇ ଶୃଙ୍ଖଳାରେ ନ୍ୟୁଜିଲାଣ୍ଡ ନିକଟରୁ ଟେଷ୍ଟ ଶୃଙ୍ଖଳା ୧-୨ରେ ପରାଜୟ ପରାଜିତ ହୋଇଥିଲା। ଉକ୍ତ ପ୍ରଦର୍ଶନ ପରେ ଇସିବି ମ୍ୟାକ୍କଲମ୍‌ଙ୍କୁ ପ୍ରଶିକ୍ଷକ ପଦରୁ ହଟାଇ ଦେଇଛି। ଇଂଲଣ୍ଡ ଟେଷ୍ଟ ଦଳର ମୁଖ୍ୟ ପ୍ରଶିକ୍ଷକ ଭାବେ କାର୍ଯ୍ୟ କରି ମୁଁ ଗର୍ବିତ ଓ ଉପଭୋଗ କରିଛି। ଏହା ଯେତିକି




ଆହ୍ୱାନ ଥିଲା ସେତିକି ଖୁସି ଦେଇଛି। ଏବେ ଟେଷ୍ଟ ଦଳର ମୁଖ୍ୟ ପ୍ରଶିକ୍ଷକ ପଦ ଛାଡ଼ିବା ପରେ ଧଳାବଲ ପ୍ରଶିକ୍ଷକ ଉପରେ ଅଧିକ ଗୁରୁତ୍ୱ ଦେବାକୁ ସୁଯୋଗ ମିଳିବ ବୋଲି ମ୍ୟାକ୍କଲମ୍ କହିଛନ୍ତି। ନ୍ୟୁଜିଲାଣ୍ଡର ପୂର୍ବତନ ଓ୍ୱିକେଟ୍ ରକ୍ଷକ ବ୍ୟାଟର ମ୍ୟାକ୍କଲମ ୨୦୨୨ରେ ଇଂଲଣ୍ଡ ଦଳର ପ୍ରଶିକ୍ଷକ ନିଯୁକ୍ତ ହୋଇଥିଲେ। ଇସିବି ମ୍ୟାକ୍କଲମଙ୍କ ସହ ୪ ବର୍ଷୀୟା ଚୁକ୍ତି କରିଥିଲା। ମ୍ୟାକ୍କଲମ୍‌ଙ୍କ ଡାକ ନାମ 'ବାଜ୍' ଥିବାରୁ ସେ ଟେଷ୍ଟ ଦଳର ମୁଖ୍ୟ ପ୍ରଶିକ୍ଷକ ନିଯୁକ୍ତ ହେବା ପରେ ଇଂଲଣ୍ଡ ବାଜ୍‌ବଲ କ୍ରିକେଟ ଖେଳି ବେଶ ଚର୍ଚ୍ଚାକୁ ଆସିଥିଲା। ତାଙ୍କ ସମୟରେ ଇଂଲଣ୍ଡ ଟେଷ୍ଟରେ ବାଜ୍‌ବଲ କ୍ରିକେଟ ଖେଳି ପ୍ରଥମ ୧୧ଟି ଟେଷ୍ଟରୁ ୧୦ଟି ବିଜୟ ହାସଲ କରିଥିଲା।

# ପୋଡାଖୁଟ ଗ୍ରାମବାସୀ ମୌଳିକ ସୁବିଧାରୁ ବଞ୍ଚିତ, ପ୍ରଶାସନର ଅଣଦେଖା

ବୋଡେନ ତା ୧୩ / ୭ ( ଅକ୍ଷର ଓଡିଶା ): ନୂଆପଡ଼ା ଜିଲ୍ଲା, ବୋଡେନ ବ୍ଲକ ଖଇରା ପଞ୍ଚାୟତ ଅମେରା, ପୋଡାଖୁଟରେ ମୌଳିକ ସୁବିଧା ଅପହଞ୍ଚ ହୋଇପଡିଛି। ବ୍ଲକ କାର୍ଯ୍ୟାଳୟ ଠାରୁ ମାତ୍ର ୧୦ କିଲୋମିଟର ଦୂରରେ ଥିବା ଏହି ଗାଁ ଆଜି ମଧ୍ୟ ବିକାଶ ଠାରୁ ବହୁ ଦୂରରେ ଓ ସରକାର ବିକାଶର ଧାରା ଓଡ଼ିଶା ସାରା ନରା ଦେଉଛନ୍ତି। କିନ୍ତୁ ପୋଡାଖୁଟ ଗ୍ରାମରେ ବିକାଶ ଠପ୍ ହୋଇପଡ଼ିଛି, ପୋଡାଖୁଟ ପଡ଼ାରେ ପାନୀୟ ଜଳ ଯୋଗାଣ ପାଇଁ ଟ୍ୟାପ୍ ବସିଲା କିନ୍ତୁ ସେଥିରେ ପାଣି ବାହାରୁ ନାହିଁ। ଗ୍ରାମର ଦୁଇଟି ନଳକୂପ ମଧ ଦୀର୍ଘ ଦିନ ଧରି ଅଚଳ ହୋଇପଡ଼ିଛି ଫଳରେ ଶତାଧିକ ମହିଳା ଓ ଶିଶୁମାନେ ଦୁଇ କିଲୋମିଟର ଦୂରରୁ ପାଣି ସଂଗ୍ରହ କରିବାକୁ ବାଧ ହେଉଛନ୍ତି। କେବଳ ପାଣି ସମସ୍ୟା ନୁହେଁ ଗ୍ରାମକୁ ଯିବା ପାଇଁ ଭଲ ରାସ୍ତାନ ଥିବାରୁ ବର୍ଷାଦିନେ ଯାତାୟାତ କଷ୍ଟସାଧ୍ୟ ହୋଇପଡୁଛି ଲୋକେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ସବୁଠାରୁ ପରିତାପର ବିଷୟ ହେଉଛି ବ୍ଲକ କାର୍ଯ୍ୟାଳୟ ଠାରୁ ଏତେ ନିକଟରେ ଥିବା ସତ୍ତ୍ୱେ ଏହି ଗାଁର ସମସ୍ୟା ପ୍ରତି ପ୍ରଶାସନର ଦୃଷ୍ଟି ପଡୁନାହିଁ କାହିଁକି ନିର୍ବାଚନ ସମୟରେ ନେତାମାନଙ୍କ ଭିଡ଼ ଲାଗିଥାଏ ଓ ମିଠା ମିଠା ପ୍ରତିଶ୍ରୁତି ମଧ ଦେଇଥାନ୍ତି ହେଲେ ଭୋଟ ସରିଗଲେ କେହି ଆଉ ଗାଁକୁ ପାଦ ମାଡନ୍ତି ନାହାନ୍ତି। ନେତା କଥା ଛାଡ଼ ସମସ୍ୟା ସମାଧାନ ପାଇଁ କୌଣସି ଅଫିସର ମଧ୍ୟ ଗାଁକୁ ଆସୁନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯପାନୀୟ ଜଳ ସମସ୍ୟାର ସମାଧାନ, ଅଚଳ ନଳକୂପର ମରାମତି, ବିଦ୍ୟୁତ୍ ସମସ୍ୟା ଏବଂ ଗ୍ରାମକୁ ପକ୍କା ରାସ୍ତା ନିର୍ମାଣ ଏହି ସବୁ ସମସ୍ୟାର ସମାଧାନ ପାଇଁ ଜିଲ୍ଲା ପ୍ରଶାସନର ତୁରନ୍ତ ହସ୍ତକ୍ଷେପ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

ଯାଜପୁର,୧୩।୦୭(ଅକ୍ଷର ଓଡ଼ିଶା) : ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର କେ.ଏନ୍.ଡି.ଏ ସମ୍ମିଳନୀ କକ୍ଷ ବ୍ୟାସନଗର ଠାରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ମୋଟ ୨୭ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୫ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ ୦୨ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୧୦ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧୦ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ, ଯାଜପୁର ଯଶପ୍ରତାପ



ଶ୍ରୀମାଲ, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଅତିରିକ୍ତ ଜିଲ୍ଲାପାଳ କଳିଙ୍ଗନଗର ସପନ କୁମାର ନନ୍ଦ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, , ଭାରପ୍ରାପ୍ତ ତହସିଲଦାର , ବ୍ୟାସନଗର ପ୍ରଶାନ୍ତ କୁମାର ପୁହାଣ ଓ ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

# ନୀଳକଣ୍ଠେଶ୍ୱର ନକଆଉଟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ: ଚାମ୍ପିୟାନ ଚାରବାହାଲ



କୋକସରା, ୧୩/୭(ମଙ୍ଗରାଜ ବେହେରା): କୋକସରା ବ୍ଲକ ମୋଟେର ପଞ୍ଚାୟତ କୁସୁମଖୁଣ୍ଟି ଠାରେ ନୀଳକଣ୍ଠେଶ୍ୱର କ୍ରିକେଟ ଆସୋସିଏସନ ପକ୍ଷରୁ ଗତ ୮ ତାରିଖରୁ ଆରମ୍ଭହୋଇଥିବା ଗ୍ରାମାଞ୍ଚଳ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଫାଇନାଲ ମ୍ୟାଚ ସୋମବାର ସ୍ଥାନୀୟ ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ମୋଟେର ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ଙ୍କ ସୁଶୀଲ କୁମାର ଶବର, ସମ୍ମାନିତ ଅତିଥି ଭାବେ ଘେନୁ ବେହେରା, ପଦ୍ମଲୋଚନ ଦାସ, ପ୍ରମୁଖ ଯୋଗଦେଇ ଉଭୟ ଦଳ ର ଖେଳାଳିଙ୍କ ମନୋବଳ ବଢ଼ାଇବା ପାଇଁ ଶବର ପଡିଆ ମଧ୍ୟରେ ପ୍ରବେଶ କରି ଉଭୟ ଦଳକୁ ଉତ୍ସାହିତ କରିଥିଲେ। ୧୨ ଓଭର ମ୍ୟାଚରେ ଚିତାକର୍ଷକ ଖେଳରେ ଚାରବାହାଲ ଦଳ ୧୦୨ ରନ ସଂଗ୍ରହ କରିଥିବା ବେଳେ ବିପକ୍ଷରେ କୁସୁମଖୁଣ୍ଟି ଦଳ ୭୦ ରନ ରେ ଅଲ ଆଉଟ ହୋଇଥିଲେ। ଚାରବାହାଲ ଦଳ ମ୍ୟାଚ ବିଜେତା ହୋଇଥିଲେ । ଫାଇନାଲ ଖେଳ ଅମ୍ପିଆର ଭାବେ ହିରଣ୍ୟ ବେହେରା ଓ ଦୟା କର ଖେଳ ପରିଚାଳନା କରିଥିଲେ। କ୍ଷୀରସିନ୍ଧୁ ସୁନାନୀ କ୍ରୀଡାର ଧାରା ବିବରଣୀ ପ୍ରଦାନ କରିଥିଲେ। ମ୍ୟାନ ଅଫ ଦି ମ୍ୟାଚ ନିତ୍ୟାନନ୍ଦ ଓ ମ୍ୟାନ ଅଫ ଦି ସିରିଜ ଆରିୟାନଙ୍କୁ ଘୋଷଣା କରା ଯାଇଥିଲା। ଉପସ୍ଥିତ ଅତିଥିମାନେ ଉଭୟ ବିଜେତା ଓ ଉପ ବିଜେତା ଦଳକୁ ଟ୍ରଫି ସହ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଉଭୟ ଦଳର ସମସ୍ତ ଖେଳାଳି ଓ ଖେଳ ପରିଚାଳକଙ୍କୁ ପଦକ ଦେଇ ସମ୍ମାନିତ କରାଯାଇ ଥିଲା। ନୀଳକଣ୍ଠେଶ୍ୱର କ୍ରିକେଟ ଆସୋସିଏସନ ପକ୍ଷରୁ ସଭାପତି ତୋଫାନ କରଙ୍କ ନେତୃତ୍ୱରେ କିଶୋର ରେଡି, ଭାଗ୍ୟବାନ ପୁଝାରୀ, ଶରତ ବେହେରା,କୃଷ୍ଣଚନ୍ଦ୍ର କର ଅନ୍ୟ ସହଯୋଗୀ ଯୁବକ ମାନେ ଖେଳ ପରିଚାଳନା ରେ ସହଯୋଗ କରିଥିଲେ।

# ପୁଅକୁ ଭଲ କରିବାପାଇଁ ଅସହାୟ ବାପା ମାଗିଲେ ଭିକ୍ଷା



ସୁବର୍ଣ୍ଣପୁର,୧୩/୦୭(ପବିତ୍ର ସିଂ ବରିହା): ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ ଭଣ୍ଡାର ପଂଚାୟତ ଗୁଲୁଣ୍ଡା ଗ୍ରାମର ରବୀନ୍ଦ୍ର ମାଝୀ, ନିଜ ପୁଅକୁ ସ୍କୁଲରେ ଛାଡି ଘରକୁ ଆସୁଥିବା ବେଳେ ଏକ ଅଜଣା ଗାଡ଼ି ଧକ୍କା ଦେବାରୁ ବର୍ତ୍ତମାନ ରବୀନ୍ଦ୍ର ଆଜକୁ ୨ ମାସରୁ ଉର୍ଦ୍ଧ ହେବ ବୁର୍ଲା ମେଡିକାଲ ରେ ଚିକିତ୍ସିତ ହେଉଛନ୍ତି । ହେଲେ ସୁସ୍ଥ ହେବାପାଇଁ ଟଙ୍କା ଆବଶ୍ୟକ ପଡୁଥିବାରୁ ଘରେ ଯାହାକିଛି ଥିଲା ବିକି ଭାଙ୍ଗି ସବୁ ଖର୍ଚ୍ଚ କରିସାରିଲେଣି । ତାଙ୍କର ବୁର୍ଲାରେ ରହିବା ଚିକିତ୍ସା କରିବା ଏପରି କି ନିଜେ ଖାଇବା ପାଇଁ ପଇସା ନଥିବା ପ୍ରକାଶ କରିଛନ୍ତି । ଶନିବାର ବାପା ଇନ୍ଦ୍ରଜିତ ମାଝୀ, ବେକରେ ଏକ ପୋଷ୍ଟର ଲଗାଇ ହାତରେ ଭିକ୍ଷା ଥାଳି ଧରି ଭିକ ମାଗୁଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ଇନ୍ଦ୍ରଜିତ କହିବା ଅନୁଯାଇ ୨ ଟି ଅପରେସନ ସାରିଥିବାବେଳେ ଆଉ ଗୋଟିଏ ଅପରେସନ କରିବାକୁ ପଡିବ ନିଜ ପାଖରେ ଟଙ୍କାଟିଏ ବି ନାହିଁ ସେଠାରେ ରହିବା ଔଷଧ କିଣିବା ଓ ନିଜେ ଚଳିବା ପାଇଁ ମଧକିଛି ନାହିଁ ହେଲେ ଏବେ ପୁଅର ଆଉ ଗୋଟିଏ ଅପରେସନ ହେବ ବୋଲି ରବୀନ୍ଦ୍ରଙ୍କ ବାପା ଇନ୍ଦ୍ରଜିତ ମାଝୀ କହିଛନ୍ତି ଓକିନ୍ତୁ ହାତରେ ଅର୍ଥ ନାହିଁ ଓଯେଉଁଥିପାଇଁ ପରିଣତ ବୟସ୍କା ବାପା ଇନ୍ଦ୍ରଜିତ ପୁଅ ରବୀନ୍ଦ୍ରର ଅପରେସନ ପାଇଁ ସହରର ଗଳିକନ୍ଦୀ, ଦୋକାନ ବଜାର ଚାରିଆଡେ ବୁଲିବୁଲି ଭିକ୍ଷା ମାଗୁଛନ୍ତି । ଜିଲ୍ଲାପାଳ ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହେଉଛି ।

ମୁଖ୍ୟ ସମ୍ପାଦକ- ଚୌଧୁରୀ ରମାକାନ୍ତ ଦାସ
Chief Editor- Chaudhury Ramakanta Das

କାର୍ଯ୍ୟକାରୀ ସମ୍ପାଦକ- ଭରତ ଚନ୍ଦ୍ର ବେହେରା
Executive Editor- Bharat Chandra Behera

Published & Owned by **BHARAT KUMAR BEHERA**, Published at -99/6, Kalinga Vihar, Bhubaneswar-751019. Printed at **PRINT-TECH OFFSET PVT. LTD.**, F-66/1 & 2, Chandaka Industrial Area, Bhubaneswar-751024.
T- 0674-3595878, M-9937223063/9937053063, E-akhyaraodisha@gmail.com

ସମ୍ପାଦକ: ଭରତ କୁମାର ବେହେରା
Editor: Bharat Kumar Behera